

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୭ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 DECEMBER 2022

Vol.No. 33 ■ No. 328 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଲଓ୍ୱାଲ ଭୁଟ୍ଟୋଙ୍କ ବୟାନ ଏକ ଅଭଦ୍ରୋଚିତ ଗର୍ଜନର ନମୁନା: ଭାରତ

ନୂଆଦିଲ୍ଲୀ, ୧୬/୧୨ : ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲଓ୍ୱାଲ ଭୁଟ୍ଟୋ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଦେଇଥିବା ବିବାଦୀୟ ବୟାନ ଉପରେ ତୀବ୍ର ନିନ୍ଦା କରିଛି ଭାରତ। ଏନେଇ ଭାରତ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି। ମୋଦିଙ୍କ ବିରୋଧରେ ବିଲଓ୍ୱାଲ ଭୁଟ୍ଟୋଙ୍କ ବୟାନ ଏକ ଅଭଦ୍ରୋଚିତ ଗର୍ଜନର ନମୁନା ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି। ସେହିପରି ବୈଦେଶିକ ମନ୍ତ୍ରଣାଳୟ ଆହୁରି କହିଛି ଯେ, ଭୁଟ୍ଟୋଙ୍କ ବୟାନ ଏକ ନିମ୍ନମାନସିକତାର ପରିଚୟ। ବୋଧେ ପାକିସ୍ତାନ ୧୯୭୧ କଥା ଭୁଲିଯାଇଛି। ସେ ସମୟରେ ପୂର୍ବବେଙ୍ଗଲରେ ପାକିସ୍ତାନ କିଭଳି ନରସଂହାର କରୁଥିଲା ତାହା କାହାକୁ ଅଛପା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏକ ବୟାନ ଜାରିକରି ଅତ୍ୟନ୍ତ କଠୋର ଭାଷାରେ ପାକିସ୍ତାନକୁ ଭର୍ତ୍ସନା



କରାଯାଇଛି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି ଯେ ପାକିସ୍ତାନର ମାନଦଣ୍ଡ ଦୃଷ୍ଟିରୁ ବି ଏହା ଅତ୍ୟନ୍ତ କଦର୍ଯ୍ୟ କଥା । ଭାରତର ବିଜୟ ଦିବସକୁ ମନେ ପକାଇ ସେ କହିଛନ୍ତି ଯେ ୧୯୭୧ର ଇତିହାସକୁ ପାକିସ୍ତାନ ଭୁଲିଯାଇଛି, ଯାହା ଥିଲା ସଂଖ୍ୟାଲଘୁଙ୍କ ଉପରେ ପାକିସ୍ତାନର ଗଣସଂହାରର ଫଳ । କିନ୍ତୁ ଏଥିରୁ ପାକିସ୍ତାନ କିଛି ଶିକ୍ଷା କରିଥିବା ମନେହେଉନାହିଁ ଓ ସଂଖ୍ୟାଲଘୁଙ୍କ ପ୍ରତି ପାକିସ୍ତାନର ମନୋଭାବରେ କୌଣସି ପରିବର୍ତ୍ତନ ଆସିନାହିଁ । ସେହିପରି କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ କହିଛନ୍ତି, "ମୁଁ କହିବାକୁ ଚାହେଁ ଯେ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଯେଉଁ ପ୍ରକାରର ଭାଷା ବ୍ୟବହାର କରନ୍ତି ତାହା କେବଳ ଦେବାଳିଆ ଦେଶକୁ ପ୍ରତିନିଧିତ୍ୱ କରେ ନାହିଁ, ବରଂ ସେ ନିଜର ମାନସିକ ଦେବାଳିଆ ମଧ୍ୟ ଦେଖାଉଛନ୍ତି । ଅନ୍ୟପଟେ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବଲିଓ୍ୱାଲ ଭୁଟ୍ଟୋ ଦେଇଥିବା ଅରୁଚିକର ଟିପ୍ପଣୀକୁ ନେଇ ଆଜି ବିଜେପି କର୍ମୀମାନେ ରାଜଧାନୀ ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସ ସମ୍ମୁଖରେ ବିକ୍ଷୋଭ କରିବା ସହ ପ୍ରବଳ ନାରାବାଜି କରିଛନ୍ତି। ବିକ୍ଷୋଭକାରୀମାନେ ହାତରେ ପ୍ଲାକାର୍ଡ଼ ଧରି ପାକିସ୍ତାନ ବିରୋଧରେ ଏକ ବିଶାଳ ରାଲି କରିଥିଲେ। ହାତରେ ପ୍ଲାକାର୍ଡ ଧରି ପାକିସ୍ତାନ ହାଏ ହାଏ ଏବଂ ବିଲାଓ୍ୱାଲ ଭୁଟ୍ଟୋ ମାଫି ମାଙ୍ଗୋ ସ୍ଲୋଗାନ ଦେଇଥିଲେ। ଅନ୍ୟପଟେ ପାକ୍ ଦୂତାବାସ ଆଡକୁ ଧସେଇ ପଶିବାକୁ ଉଦ୍ୟମ କରିଥିବା ବିଜେପି କର୍ମୀମାନଙ୍କୁ ନିୟନ୍ତ୍ରଣ ପାଇଁ ପୁଲିସ ବ୍ୟାପକ ପଦକ୍ଷେପ ନେଇଥିଲା। ମୋଦିଙ୍କ ବିରୋଧରେ ଅତି କଟୁ ମନ୍ତବ୍ୟ ନେଇ ବିଲଓ୍ୱାଲ ଭୁଟ୍ଟୋ କହିଛନ୍ତି ଯେ, ମୁଁ ଭାରତକୁ କହିବାକୁ ଚାହେଁ ଓସମା ବିନ୍ ଲାଦେନ ମରିଛନ୍ତି, କିନ୍ତୁ ଗୁଜରାଟର "କଂସେଇ" ବଞ୍ଚିଛନ୍ତି। ଆଉ ସେ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ତାଙ୍କୁ ଏହି ଦେଶରେ ପ୍ରବେଶ କରିବାକୁ ବାରଣ କରାଯାଇଥିଲା। ସେ ହେଉଛନ୍ତି ଆରଏସଏସର ପ୍ରଧାନମନ୍ତ୍ରୀ ଏବଂ ଆରଏସଏସର ବୈଦେଶିକ ମନ୍ତ୍ରୀ। ସୂଚନା ଅନୁଯାୟୀ ଜାତିସଂଘ ମୁଖ୍ୟାଳୟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କୁଖ୍ୟାତ ଆତଙ୍କବାଦୀ ଓସମା ବିନ ଲାଦେନଙ୍କ ନିହତ କଥା କହିଥିଲେ।

## ଆକ୍ସନ ମୋଡରେ ଏଲନ ମସ୍କ, ଏକାଧିକ ସାମ୍ବାଦିକଙ୍କ ଆକାଉଣ୍ଟ କଲେ ସସପେଣ୍ଡ



ନୂଆଦିଲ୍ଲୀ, ୧୬/୧୨ : ଟ୍ୱିଟରର ନୂଆ ମାଲିକ ହେବା ପରେ ପ୍ରତ୍ୟେକ ସମୟରେ କିଛି ନା କିଛି ପରିବର୍ତନ କରୁଛନ୍ତି ଏଲନ ମସ୍କ । ତେବେ ଗୁରୁବାର ଦିନ ଏଲନ ମସ୍କ ଟ୍ୱିଟରରୁ ବହୁ ସାମ୍ବାଦିକଙ୍କ ଆକାଉଂଟ ସସପେଣ୍ଡ କରିଛନ୍ତି । ତେବେ ଏହି ବ୍ୟାନରେ ନ୍ୟୁୟର୍କ ଟାଇମ୍ସ ଓ ୱାସିଙ୍ଗଟନ ପୋଷ୍ଟ ସହ ବହୁ ବଡ଼ ବଡ଼ ସଂସ୍ଥାର ପତ୍ରକାରଙ୍କୁ ଟ୍ୱିଟରକୁ ସସପେଣ୍ଡ କରିଛନ୍ତି ମସ୍କ । ଟାଇମ୍ସର ରିପୋର୍ଟର ରେୟାନ ମେକ, ମାଶାବଲ କେ ରିପୋର୍ଟର ମେଟ ବାଇଣ୍ଡର,ପୋଷ୍ଟର ରିପୋର୍ଟର ଡ୍ରିଉ ହାରୱେଲ ଏବଂ ସିଏନଏନର ରିପୋର୍ଟର ଡ଼ାନର ଓ ସୁଲୀବନ ଆଦିଙ୍କ ଆକାଉଂଟକୁ ସସପେଣ୍ଡ କରିଛନ୍ତି ମସ୍କ । ତେବେ ଏକ ରିପୋର୍ଟ ଅନୁସାରେ, ସସପେଣ୍ଡ ହୋଇଥିବା ଟ୍ୱିଟର ୟୁଜରର୍ସ ଟ୍ୱିଟର ମାଲିକଙ୍କ ଦ୍ୱାରା ହୋଇଥିବା ଅଧିଗ୍ରହଣ ପରେ ମସ୍କଙ୍କ ବିଷୟରେ ଲେଖିଥିଲେ ।

## ଉଷା ପାଢ଼ୀଙ୍କୁ ଦକ୍ଷତା ବିକାଶ, ପରିବହନ ବିଭାଗ ଦାୟିତ୍ୱ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏହାସହ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଦାୟିତ୍ୱରେ ରହିବେ ଶ୍ରୀମତୀ ପାଢୀ। କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ଶ୍ରୀମତୀ ପାଢୀଙ୍କୁ ଶୁକ୍ରବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ମିଳିଛି । ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ





ସଚିବରୁ ଅବ୍ୟାହତି ଦିଆଯାଇଛି। ତେବେ ଇପିକଲ୍ ଓ ଇଡକୋ ଅଧକ୍ଷ ଭାବେ ସେ ଅତିରିକ୍ତ ଦାୟିତ୍ୱ ଜାରି ରଖିବେ । ସେହିପରି ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କଠୁ ବାଣିଜ୍ୟ ଓ ପରିବହନ ବିଭାଗ କାଢ଼ି ନିଆଯାଇଛି । ବର୍ତମାନ ଶ୍ରୀ ସେଠୀ କେବଳ ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱରେ ରହିବେ।

## ପାରାଦ୍ୱୀପ-ହରିଦାସପୁର ପାସେଂଜର ଟ୍ରେନ୍ ଚଳାଚଳ କରାଯାଉ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬/୧୨ (ନି.ପ୍ର): ପାରାଦ୍ୱୀପ-ହରିଦାସପୁର ରେଳଲାଇନ୍ ରେ ପାସେଂଜର ଟ୍ରେନ୍ ଚଳାଚଳ ଦାବିରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ବିଜେଡି ସାଂସଦ । ଏହି ଟ୍ରାକରେ ଯାତ୍ରୀ ସେବା ଉପଲବ୍ଧ ହେଲେ କେନ୍ଦ୍ରାପଡ଼ାବାସୀ ସ୍ୱାଧୀନତାର ୭୫ ବର୍ଷ ପରେ ସୁବିଧା ପାଇପାରିବେ ବୋଲି ସାଂସଦମାନେ ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ସସ୍ମିତ ପାତ୍ର, ଅମର ପଟ୍ଟନାୟକ, ସୁଲତା ଦେଓ, ମମତା ମହାନ୍ତ, ନିରଂଜନ ବିଶି ପ୍ରମୁଖ ସାମିଲ ଥିଲେ।

## ଭୂସ୍ଖଳନ ଘଟଣା: ମୃତ୍ୟୁସଂଖ୍ୟା ୧୨କୁ ବଢ଼ିଲା

କ୍ୱାଲାଲୁମପୁର, ୧୬/୧୨ (ନି.ପ୍ର): ମ୍ୟାଲେସିୟାର ରାଜଧାନୀ କ୍ୱାଲାଲୁମପୁର ଉପକଣ୍ଠରେ ଥିବା ଗୋଟିଏ କ୍ୟାମ୍ପ ନିକଟରେ ହୋଇଥିବା ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ ମଧ ରହିଛନ୍ତି। ଏବେ ବି ଆହୁରି ୨୨ ଜଣ ଲୋକ ନିଖୋଜ ରହିଛନ୍ତି। ସେମାନଙ୍କୁ ଠାବ କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ସମୟ ଭୋର ୩ଟାରେ ସେଲାନଗୋର ପ୍ରଦେଶରେ ଭୂସ୍ଖଳନ ହୋଇଥିଲା। ଏଠାରେ ଥିବା ଗୋଟିଏ ଫାର୍ମ ହାଉସ ଲୋକଙ୍କୁ ରହିବା ପାଇଁ କ୍ୟାମ୍ପ ସୁବିଧା ଯୋଗାଇ ଥାଏ। ଉକ୍ତ କ୍ୟାମ୍ପ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଛି । ଘଟଣା ବେଳେ ଲୋକମାନେ କ୍ୟାମ୍ପ ମଧ୍ୟରେ ଶୋଇଥିଲେ। ▶▶ପୃଷ୍ଠା ୭

## ନୀତିଶ କହିଲେ ମଦ ମୃତ୍ୟୁରେ ମିଳିବନି କ୍ଷତିପୂରଣ

ନୂଆଦିଲ୍ଲୀ, ୧୬/୧୨ : ବିହାର ବିଧାନସଭାରୁ ରାଜରାସ୍ତା । ସବୁଠି ଶୁଭୁଛି ନୀତିଶ କୁମାର ହାଏ ହାଏ । ରାଜ୍ୟରେ କିଛି ଦିନ ହେବ ବିଷାକ୍ତ ମଦ ଅନେକଙ୍କ ଜୀବନ ନେବା ପରେ ଏବେ କେବଳ ମୃତକଙ୍କ ସମ୍ପର୍କୀୟ ଏବଂ ବିହାରବାସୀ ନୁହଁନ୍ତି ବରଂ ବିଜେପି ମଧ ବିରୋଧ ପ୍ରଦର୍ଶନ ଆରମ୍ଭ କରିଛି । ରାଜଧାନୀ ପାଟନାରେ ବିଶାଳ ବିରୋଧ ପ୍ରଦର୍ଶନ କରିଛି ପ୍ରଦେଶ ବିଜେପି । ବିଜେପି ପକ୍ଷରୁ ବିରୋଧ ପ୍ରଦର୍ଶନ ହେବା ସହ ବିହାର ସରକାରଙ୍କ କଡ଼ା ନିନ୍ଦା କରାଯାଇଛି । ବିହାର ସରକାର ଅପରାଧୀଙ୍କୁ ସମର୍ଥନ କରୁଛନ୍ତି । ମଦ, ବେଆଇନ ବାଲିଚାଲାଣ ଏବଂ ଭ୍ରଷ୍ଟାଚାର ସରକାରଙ୍କ ମୁଖ୍ୟ



ଲକ୍ଷ୍ୟ ପାଲଟିଛି । ନେତା ପ୍ରତିପକ୍ଷ ବିଜୟ କୁମାର ସିହ୍ନା ରାଜ୍ୟପାଳଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ କରିବା ସହ ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କୁ ବରଖାସ୍ତ କରିବାକୁ କହିଛନ୍ତି। ବିଷାକ୍ତ ମଦ ମୃତ୍ୟୁକୁ ନେଇ ବିଧାନସଭାରେ ହଙ୍ଗାମା ଚାଲିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି ମଦ ମୃତ୍ୟୁ ପାଇଁ ରାଜ୍ୟ ସରକାର କୌଣସି କ୍ଷତିପୂରଣ ଦେବେନାହିଁ । ବିହାରର ବିଭିନ୍ନ ଜିଲ୍ଲାରେ ବିଷାକ୍ତ ମଦ ପିଇ ଲୋକଙ୍କ ଜୀବନ ଯାଉଛି । ବିଶାକ୍ତ ମଦପିଇ ▶▶ପୃଷ୍ଠା ୭

## ମଶା ସମସ୍ୟା ନେଇ ବିଏମ୍ସି ଅଫିସ ଘେରିଲା ବିଜେପି

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ମଶାଙ୍କ ଉପଦ୍ରବ ସମସ୍ୟା ନେଇ ଶୁକ୍ରବାର ବିଏମସି ଅଫିସ୍ ଘେରାଉ କରିଛି ଭୁବନେଶ୍ୱର ଜିଲ୍ଲା ବିଜେପି। ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଆଜି ବିଏମ୍ସି କାର୍ଯ୍ୟାଳୟ ସମ୍ମୁଖରେ ଧୂଆଁ ଲଗାଇ, ମଶାରୀ ଟାଣି ବିଏମ୍ସି ମେୟର ଓ କମିଶନରଙ୍କୁ ନିଦ୍ରାରୁ ଜାଗ୍ରତ କରିବା ପାଇଁ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ ବିଏମ୍ସିର ଅବହେଳା କାରଣରୁ ଆଜି ରାଜଧାନୀରେ ଦିନବେଳା ବି ମଶାମାନେ ଲୋକଙ୍କୁ ଟେକି ନେବାର ପରିସ୍ଥିତି ସୃଷ୍ଟି ହୋଇଛି। ମଶାଙ୍କ ଲାଗି ଜନସାଧାରଣ ଅସ୍ତବ୍ୟସ୍ତ ହେଉଥିବାବେଳେ ଭୁବନେଶ୍ୱର ମେୟର ଡ୍ରୋନ ଦ୍ୱାରା ମଶା ମାରିବାର ଗପ ଶୁଣାଇ ଭୂଆଁ ବୁଲାଉଛନ୍ତି। ବିଏମ୍ସି ସେବା ଯୋଗାଇବା ବଦଳରେ କେବଳ ଟଙ୍କା ଆଦାୟରେ ମାତିଛି। ରାଜଧାନୀରେ ମଶା ନିୟନ୍ତ୍ରଣ କରିବାରେ ବିଏମ୍ସି ବିଫଳ ହୋଇଛି। ଆଜି ଘରେ ଘରେ ଡେଙ୍ଗୁ ରୋଗ ପ୍ରଧାନ୍ୟ ବିସ୍ତାର କରିସାରିଛି ।

## କିଭ୍ର ୩ଟି ସହର ଉପରେ ଭୟଙ୍କର ହମଲା କଲା ରୁଷ

ମସ୍କୋ, ୧୬/୧୨ (ନି.ପ୍ର): ମୈଦାନ ଛାଡ଼ି ନାହିଁ ରୁଷ। ଗତ ୧୧ ମାସ ହେବ ୟୁକ୍ରେନ୍ ?ରେ ଆକ୍ରମଣ ଜାରି ରଖିଥିବା ରୁଷ ନିଜ ଲକ୍ଷ ହାସଲ ନହେବା ପର୍ଯ୍ୟନ୍ତ ଓହରି ଯିବାର ସଙ୍କେତ ଦେଉ ନାହିଁ। ପୂର୍ବରୁ ଯେଉଁ ଘମାଘୋଟ ଲଢ଼େଇ ହେଉଥିଲା ତାହା ମଝିରେ ଶିଥିଳ ପଡ଼ିଯାଇଥିବା ବେଳେ ଏବେ ପୁଣି ଆକ୍ରାମାତ୍ମକ ହୋଇଛି ରୁଷ। ୟୁକ୍ରେନର ରାଜଧାନୀରେ ପହଞ୍ଚିଥିବା ରୁଷ ସେନା ନିକଟରେ ଏକ ବଡ଼ଧରଣର ମିସାଇଲ ଆଟାକ କରିଛି। କିଭ୍ ?ର ୩ଟି ସହର ଉପରେ ଅତି ଭୟଙ୍କର ମିଶାଇଲ ଆକ୍ରମଣ କରିଛି ରୁଷ। ଏହି ଆକ୍ରମଣ ପାଇଁ ରୁଷକୁ ଦାୟୀ କରି ୟୁକ୍ରେନ୍ ବିଷୋଦଗାର କରିଛି। କିଭ୍ ?ରେ ଥିବା ପ୍ରମୁଖ ଶକ୍ତି ଉତ୍ପାଦନ କେନ୍ଦ୍ର ଉପରେ ଆକ୍ରମଣ କରିଛି ରୁଷ। କିଭର ଦକ୍ଷିଣ କ୍ରଭିରିହ ଏବଂ ଉତ୍ତର ଖାରକିଭରେ ଶକ୍ତିଶାଳୀ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଆକ୍ରମଣ ପରେ ▶▶ପୃଷ୍ଠା ୭

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପ୍ରସଙ୍ଗ: ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ 'ବିଜେପି' ସାଂସଦଙ୍କ ପତ୍ର

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ୍ ସ୍ଥାପନ ତଥା ଗିରଫ ଓକିଲଙ୍କୁ ମୁକ୍ତ କରି ସେମାନଙ୍କ ଲାଇସେନ୍ସ୍ ସଚଳ କରିବା ନିମନ୍ତେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ଲାଗି ଆଜି 'ବିଜେପି'ର ୫ଜଣ ସାଂସଦ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଛନ୍ତି। ଆଜି ନୂଆଦିଲ୍ଲୀ ଠାରେ ଏହି ବିଜେପି ସାଂସଦ ମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେବା ସହ ଯାହା ଘଟିଲା ସେଥି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ସାଂସଦ ସୁରେଶ ପୂଜାରୀ, ବସନ୍ତ କୁମାର ପଣ୍ଡା, ଜୁଏଲ୍ ଓରାମ୍, ସଙ୍ଗୀତା ସିଂହଦେଓ ଏବଂ ନୀତେଶ ଗଙ୍ଗଦେବ ମିଳିତ ଭାବେ କହିଛନ୍ତି, ଓଡ଼ିଶାର ପଶ୍ଚିମ ପ୍ରାନ୍ତରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଂଚ୍ ସ୍ଥାପନ କରାଯିବା ସଂକ୍ରାନ୍ତରେ ଫଳପ୍ରଦ ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରନ୍ତୁ। ସେମାନେ ଏହି ପତ୍ରରେ ଆହୁରି ମଧ କହିଛନ୍ତି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ୍ ସ୍ଥାପନା ଲାଗି ସନ୍ତୋଷଜନକ ପ୍ରସ୍ତାବନା ଦେବା ପାଇଁ କେନ୍ଦ୍ର ଆଇନ ମନ୍ତ୍ରୀ ଥରକୁ ଥର ସଂସଦରେ ବିବୃତି ଦେଇଛନ୍ତି। ଏହାଛଡ଼ା, ଉକ୍ତ ବେଂଚର ସଠିକ ଅବସ୍ଥିତି, ନ୍ୟାୟସୀମା, ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା ପ୍ରତିଶ୍ରୁତି ଏବଂ ବ୍ୟୟ ବହନ କରିବା ଆଦି ପ୍ରସଙ୍ଗରେ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ରାଜ୍ୟପାଳଙ୍କ ସହିତ ବିଚାରବିମର୍ଶ କରି ସାମଗ୍ରିକ ପ୍ରସ୍ତାବନା ଦାଖଲ କଲେ ସଂସଦର ଉଭୟ ଗୃହରେ ସରକାର ପ୍ରସ୍ତାବନା ଆଗତ କରିବାକୁ ସମର୍ଥ ହେବେ ବୋଲି ଆଇନ ମନ୍ତ୍ରୀ ରାଜ୍ୟ ସରକାରଙ୍କୁ ସବୁବେଳେ ଚିଠି ଲେଖି ଜଣାଉଛନ୍ତି।

## ସମ୍ବଲପୁରରେ ଅଭାବନୀୟ ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ : ସୁରେଶ ପୂଜାରୀ

ନୂଆଦିଲ୍ଲୀ /ଭୁବନେଶ୍ୱର, ୧୬/୧୨ (ନି.ପ୍ର): ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ତାଙ୍କ ଦାୟୀତ୍ୱ ତୁଲାଇ ନାହାନ୍ତି । ସମ୍ବଲପୁରରେ ଯେଉଁ ପରିସ୍ଥିତି ଉପୁଜିଲା, ତାକୁ ଏଡାଇ ଦିଆଯାଇ ପାରିଥାନ୍ତା । ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଇଥିଲେ ଏଭଳି ପରିସ୍ଥିତି ହୋଇନଥାନ୍ତା । ରାଜ୍ୟ ସରକାରଙ୍କ ବିଳମ୍ବ ନୀତି କାରଣରୁ ହିଂସା ଉପୁଜିଲା । ଏଭଳି ଅଭାବନୀୟ



ପରିସ୍ଥିତି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ବରଗଡ ସାଂସଦ ସୁରେଶ ପୂଜାରୀ କହିଛନ୍ତି । ଶୁକ୍ରବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଛନ୍ତି ଯେ, ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି ଏକ ସ୍ୱର୍ଶକତାର ବିଷୟ । ସ୍ଥାୟୀ ବେଂଚ ପ୍ରତିଷ୍ଠା ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା ପୁର୍ଣ୍ଣାଙ୍ଗ ରିପୋର୍ଟ ଦେଇନାହାନ୍ତି ରାଜ୍ୟ ସରକାର । କେନ୍ଦ୍ର ସରକାର ବହୁବାର ସଂସଦରେ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଚିଠିର ଉତର ରାଜ୍ୟ ▶▶ପୃଷ୍ଠା ୭

## ଲାଞ୍ଚ ନେବା ପଡ଼ିଲା ମହଙ୍ଗା, ବନ୍ଧାହେଲେ ବେଗୁନିଆ ତହସିଲଦାର

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ତହସିଲଦାରଙ୍କୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା । ଲାଞ୍ଚ ନେବା ଅଭିଯୋଗରେ ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଦୁଇ ଦିନ ତଳେ ଅର୍ଥାତ ୧୪ ତାରିଖରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ବିହାର ସ୍ଥିତ ବାସଭବନରେ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ ବେଗୁନିଆ ତହସିଲଦାର। ଜମି କିସମ ପରିବର୍ତ୍ତନ ପାଇଁ ଜଣଙ୍କଠାରୁ ୪୫ ହଜାର ଟଙ୍କା ଲାଞ୍ଚ ନେଉଥିଲା



ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ତହସିଲଦାରଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ଟିମ୍ ପୃଥ୍ୱୀରାଜଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ, ବେଗୁନିଆରେ ଥିବା କାର୍ଯ୍ୟାଳୟ ଓ ଡୁମୁଡିବନ୍ଧ ସ୍ଥିତ ପୈତୃକ ବାସଭବନରେ ଚଢ଼ାଉ କରିଥିଲା। ଜଣେ ଅଭିଯୋଗକାରୀଙ୍କ ସୂଚନା ଆଧାରରେ ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇ ସଫଳ ହୋଇଥିଲା। ତହସିଲଦାର ପୃଥ୍ୱୀରାଜଙ୍କ ନାଁରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଥିବା ଜଣାଯାଇଛି। ସମସ୍ତ ଆକାଉଣ୍ଟକୁ ଯାଞ୍ଚ କରାଯାଉଥିବା ଭିଜିଲାନ୍ସ ଏସ୍ପି ଏମ. ରାଧାକୃଷ୍ଣ ସୂଚନା ଦେଇଛନ୍ତି।

# ସାମ୍ବାଦିକ ବୈଷ୍ଣବ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୧୬/୧୨ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସ୍ୱର୍ଗତ ବୈଷ୍ଣବ ଚରଣ ଜେନା ଉଚ୍ଚମାନର ଗୁଣାତ୍ମକ ସାମ୍ବାଦିକତାରେ ସିଦ୍ଧହସ୍ତ ଥିଲେ। ତାଙ୍କର ସମଗ୍ର ଜୀବନକାଳ ନିଚ୍ଛକ ସାମ୍ବାଦିକତା ଏବଂ ସାମ୍ବାଦିକମାନଙ୍କ ସ୍ୱାର୍ଥରକ୍ଷା କରିବାରେ ନିହିତ ରହିଥିଲା। ବର୍ତ୍ତମାନର ଯୁବ ସାମ୍ବାଦିକମାନଙ୍କ ପାଇଁ ସେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ବହୁ ବିଶିଷ୍ଟ ବକ୍ତା ମତପୋଷଣ କରିବା ସହ ତାଙ୍କ ସ୍ମୃତିରକ୍ଷା କରିବା ପାଇଁ ସମ୍ମିଳିତ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଛନ୍ତି।

ସାମ୍ବାଦିକ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନରେ ୟୁନିଟ୍-୩ସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଭୂତି ଭୂଷଣ କରଙ୍କ ସଂଚାଳନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡ଼ି ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଧାକାନ୍ତ ସେଠି, ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା, ବରିଷ୍ଠ ସାମ୍ବାଦିକ ରବି ଦାସ, ଶ୍ରୀମୟ କର, ଦେବୀ ପ୍ରସନ୍ନ ପଟ୍ଟନାୟକ, କେ. ରବି, ପ୍ରସନ୍ନ ପତି, ଭାଗବତ ତ୍ରିପାଠୀ, ବିପିନ ସିଂ, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର, ପିତବାସ ମିଶ୍ର, ପାର୍ଥସାରଥୀ ଜେନା, ସୁରେଶ କର, ଲିଙ୍ଗରାଜ ମିଶ୍ର, ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭା, ଉଚ୍ଚମାନର ସାମ୍ବାଦିକତା ଏବଂ ସମାଜସେବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଜେନାଙ୍କ ସ୍ମୃତି ରକ୍ଷା ପାଇଁ ଏକ ସ୍ମାରକୀ ପୁରସ୍କାର ବ୍ୟବସ୍ଥା ପ୍ରଚଳନ କରାଯିବା ସହ ବରିଷ୍ଠ ସାମ୍ବାଦିକମାନଙ୍କ ଦେହାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରିବା ଏବଂ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବା ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ବିଭିନ୍ନ ସମୟରେ ସାମ୍ବାଦିକଙ୍କ ଦେହାନ୍ତ ପରେ ତାଙ୍କ ପରିବାରବର୍ଗ ବହୁ ଅବ୍ୟବସ୍ଥାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ଏକ ସ୍ଥାୟୀ ପ୍ରତିକାର ପାଇଁ ମନ୍ତ୍ରୀ ଶ୍ରୀ ନାୟକ ଏହାର ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇବା ସହିତ ଏହି ସମସ୍ୟାର ସମାଧାନର ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା ଶ୍ରୀ ବାହିନୀପତି ଏକ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ ଶ୍ରୀ ନାୟକ ଏହି ପ୍ରସ୍ତାବକୁ ଗ୍ରହଣ କରି ସାମ୍ବାଦିକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ତରଫରୁ ପୂର୍ବ ଘୋଷଣା ଅନୁସାରେ ସ୍ୱର୍ଗତ ଜେନାଙ୍କ ସହଧର୍ମିଣୀ ବାସନ୍ତୀ ଜେନାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭୁବନେଶ୍ୱରର ବହୁ ବରିଷ୍ଠ ଓ କନିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଜଗତସିଂହପୁରରେ ୨୧୪ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ : ୪ଟି ମିଶନ ଶକ୍ତି ଭବନ ଉଦ୍‌ଘାଟିତ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଜଗତସିଂହପୁର ଜିଲ୍ଲାରେ ପ୍ରାୟ ୨୧୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜଗତସିଂହପୁର, ରଘୁନାଥପୁର, ତିର୍ତ୍ତୋଲ ଓ ବାଲିକୁଦାରେ ୪ଟି ମିଶନ ଶକ୍ତି ଭବନ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହାବ୍ୟତୀତ ୪୩ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଭିତିପ୍ରସ୍ତର ମଧ ରଖିଛନ୍ତି। ଏହାଦ୍ୱାରା ଜିଲ୍ଲାର ୧୨ ଲକ୍ଷ ଲୋକ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏଥି ପାଇଁ ଆମେ କାମ କରୁଛୁ ଓ ଏହା ଆଗକୁ ମଧ ଜାରି ରହିବ। ଜଗତସିଂହପୁର ମା ଶାରଳା ଓ ଙ୍କ ପୀଠ ମାତୃ ପୀଠଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାରାଦୀପ ଠାରେ ବିଜୁ ବାବୁ ଓଡିଶାର ଶିଳ୍ପ ବିକାଶ ପାଇଁ ଭିତି ରଖିଥିଲେ। ପାରାଦୀପ ଆଜି ଦେଶର ଏକ ସମୃଦ୍ଧ ବନ୍ଦର ଭାବରେ ଅନେକ ସୁଯୋଗ ସୃଷ୍ଟି କରିଛି ଏବଂ ଆମ ଅର୍ଥନୀତିର ଜୀବନରେଖା ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା ଶାରଳାଙ୍କ ପୀଠ ହେଉଛି ମାତୃ ପୀଠ। ଜିଲ୍ଲାର ମିଶନ ଶକ୍ତିର ମା ମାନେ ଆଜି ବିକାଶର ସାରଥୀ ହୋଇଛନ୍ତି ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବା ସହିତ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଫେଡେରେସନ ପାଇଁ ୧ କୋଟି ଟଙ୍କା ଓ ବ୍ଲକ୍ ସ୍ତରୀୟ ମିଶନ ଶକ୍ତି ଫେଡେରେସନ ପାଇଁ ୫୦ ଲକ୍ଷ ଟଙ୍କାର ଏକ ରିଭଲ୍‌ଭିଂ ଫଣ୍ଡର ବ୍ୟବସ୍ଥା ରଖାଯାଇଛି । ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାରା ଦେଶ ପାଇଁ ଏକ ମଡେଲ ହୋଇଛି । ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ୮ ଲକ୍ଷ ଲୋକ ଚିକିତ୍ସା ସୁବିଧା ପାଇଛନ୍ତି ଏବଂ ଏଥିପାଇଁ ରାଜ୍ୟ ସରକାର ୧୬୦୦ କୋଟି ରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ଜଗତସଂହପୁର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୦୨ଟି ସ୍କୁଲର ରୂପାନ୍ତର କରାଯାଇଛି ଏବଂ ଚତୁର୍ଥ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ସ୍କୁଲକୁ ରୂପାନ୍ତରଣ କରାଯିବ। ମା ଶାରଳା ମନ୍ଦିରକୁ ଇଂଟିଗ୍ରେଟେଡ୍ ଡେଭଲପମେଂଟ ଅଫ୍ ହେରିଟେଜ୍ ଆଣ୍ଡ ମୋନୁମେଂଟସ୍ ଆଣ୍ଡ ଟୁରିଷ୍ଟ ଡେଷ୍ଟିନେସନ୍ ଯୋଜନାରେ ସାମିଲ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମାଙ୍କ ପୀଠର ଉନ୍ନତି ପାଇଁ ୪୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ଏହି କାମ ସଂପୂର୍ଣ୍ଣ ହେବ । ଏହି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଜଗତସିଂହପୁର ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଂକର ଦାସ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ବିକାଶର ଅଗ୍ରଦୂତ ଭାବେ ବର୍ଣ୍ଣନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଯୋଗୁ ଓଡିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ସୁନାମ କରିପାରିଛି। ଜଗତସିଂହପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ସାରା ଜିଲ୍ଲାବାସୀଙ୍କ ପକ୍ଷରୁ ସେମାନେ କୃତଜ୍ଞତା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ୫ -ଟି ଭି କେ ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ଜଗତସିଂହପୁର ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ।

# ଏଗ୍ରିକଲଚର ଲିଡ଼ରସିପ୍ ଆୱାର୍ଡ- ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ ଭାବରେ ଜାତୀୟ ସ୍ତରରେ ପୁରସ୍କୃତ

ଭୁବନେଶ୍ୱର,୧୬/୧୨ (ନି.ପ୍ର): କୃଷିର ବିକାଶ ଓ କୃଷକ କଲ୍ୟାଣରେ ନେତୃତ୍ୱନୀୟ ଭୂମିକା ଏବଂ ଅନୁକରଣୀୟ ଅବଦାନ ନିମନ୍ତେ ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ ଭାବରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି । ଏଗ୍ରିକଲଚର ଟୁଡେ ଗ୍ରୁପ୍ ପକ୍ଷରୁ ତ୍ରୟୋଦଶ ଏଗ୍ରିକଲଚର ଲିଡ଼ରସିପ୍ ଆୱାର୍ଡ-୨୦୨୨ରେ ଓଡ଼ିଶାକୁ ଏହି ସମ୍ମାନ ମିଳିଛି। ଜାତୀୟ ସ୍ତରରେ ଗଠିତ ଜୁରି ପ୍ୟାନେଲ୍ କୃଷି ଉତ୍ପାଦିକତା ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ସହ କୃଷି କ୍ଷେତ୍ରରେ ନୂତନ ଓ ଜନପ୍ରିୟ ନୀତି ନିର୍ଦ୍ଧାରଣ କରିଥିବାରୁ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ବିବେଚିତ କରିଛନ୍ତି। ଆଜି ନୂଆଦିଲ୍ଲୀର ଏରୋସିଟିସ୍ଥିତ ହଲିଡେ ଇନ୍ ଠାରେ ଆୟୋଜିତ ଉତ୍ସବରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅଞ୍ଜନା ପଣ୍ଡା ବିଭାଗ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଏବଂ କୃଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସ୍ୱାଧୀନୋତର ଭାରତବର୍ଷରେ ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ନିଅଂଟିଆ ରାଜ୍ୟରୁ ଆଜି ଏକ ଆତ୍ମନିର୍ଭରଶୀଳ ରାଜ୍ୟ ହେବା ସହିତ ବଳକା ଚାଉଳ ରାଜ୍ୟ ବାହାରକୁ ରପ୍ତାନୀ କରୁଛି। ୨୦୨୦-୨୧ ବର୍ଷରେ ରାଜ୍ୟରେ ରେକର୍ଡ ୧୩୦.୩୯ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇପାରିଛି । ୨୦୦୦-୦୧ ବର୍ଷରେ ରାଜ୍ୟରେ ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବାବେଳେ ବିଗତ ୨୦ ବର୍ଷ ମଧ୍ୟରେ ଉତ୍ପାଦନ ଦୁଇଗୁଣରୁ ଅଧିକ ହୋଇଛି ।

# ପୂର୍ବତଟ ରେଳପଥ ପକ୍ଷରୁ ୪୯ ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଆର ଏନ ସୁନକରଙ୍କ ଅଧକ୍ଷତାରେ ୪୯ ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରମୁଖ ବିଭାଗୀୟ ଅଧିକାରୀବୃନ୍ଦ , ଖୋର୍ଦ୍ଧା ରୋଡ, ସମ୍ବଲପୁର, ୱାଲଟିୟର ଡିଭିଜନ ଏବଂ ମଂଚେଶ୍ୱର ରେଳ ଡବା ମରାମତି କାରଖାନାର ରାଜଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ଶ୍ରୀ ସୁନକର ଏହି ବୈଠକକୁ ସମ୍ବୋଧିତ କରି ରେଳ କର୍ମଚାରୀଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାର କରିବାକୁ ପରାମର୍ଶ କରିଥିଲେ। ସେ ଆହୁରି ମଧ ପରାମର୍ଶ ଦେଇଛନ୍ତି ଯେ ହିନ୍ଦୀରେ ତାଲିମ ପ୍ରାପ୍ତ କର୍ମଚାରୀମାନେ ରାଜଭାଷାରେ ଅଧିକରୁ ଅଧିକ କାମ କରିବା ଉଚିତ୍। ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ସୁନକର ମହାନ ହିନ୍ଦୀ ସାହିତ୍ୟିକମାନଙ୍କର ପ୍ରଭାବଶାଳୀ ଉଦ୍ଧୃତି ସମ୍ବନ୍ଧୀୟ ପୋଷ୍ଟରଗୁଡିକ ଉନ୍ମୋଚନ କରିଥିଲେ। ସେ ହିନ୍ଦୀ ଲେଖକମାନଙ୍କ ଉପରେ ଆଧାରିତ ପ୍ରଶ୍ନୋତର ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ ପୁରସ୍କୃତ କରିଥିଲେ।ଏହି ଅବସରରେ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଆର ଏସ୍ ମିତ୍ର ରାଜଭାଷାର ସଫଳ କାର୍ଯ୍ୟକାରିତା ପାଇଁ ରେଳ କର୍ମଚାରୀଙ୍କ ସହୃଦୟ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଉପ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ଉପ ମୁଖ୍ୟ ଅପରେସନ୍ ମ୍ୟାନେଜର (ଜେନେରାଲ୍) ଦେବରାଜ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀମତୀ ୟେଲିନା ପଣ୍ଡା, ରାଜଭାଷା ଅଧିକାରୀ ଏହି ବୈଠକକୁ ସଂଯୋଜନା କରିଥିଲେ।

# ଅଲଚିକି ଶିକ୍ଷକଙ୍କ ନିଯୁକ୍ତିକୁ ସ୍ଥାୟୀ କରାଯାଉ: ଶରତ ପଟ୍ଟନାୟକ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ସାନ୍ତାଳୀ ଭାଷା ଶିକ୍ଷକମାନଙ୍କ ପ୍ରତି ସରକାରୀ ଉଦାସୀନତାରେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଜି ଏକ ପ୍ରେସବାର୍ତ୍ତା ଜରିଆରେ ସେ ଦର୍ଶାଇଛନ୍ତି ଯେ ୨୦୦୭ ମସିହାରୁ ୧୦୦ ଜଣ ଅଲଚିକି ଶିକ୍ଷକଙ୍କୁ ସାନ୍ତାଳୀ ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷାରେ ଶିକ୍ଷାଦାନ ନିମିତ ମାସିକ ୩,୨୦୦ ଟଙ୍କା ବେତନରେ ନିଯୁକ୍ତି ଦିଆଯାଇଥିଲା। ଆଜକୁ ୧୫ବର୍ଷ ଧରି ସେହି ୧୦୦ ଜଣ ଶିକ୍ଷକ ଅସ୍ଥାୟୀ ଭାବେ ୩,୨୦୦ ଟଙ୍କା ବେତନରେ ଶିକ୍ଷାଦାନ କରିଚାଲିଛନ୍ତି। ସେମାନଙ୍କ ନିଯୁକ୍ତି ସ୍ଥାୟୀ କରିବା ନିମିତ ବାରମ୍ବାର ଦାବୀ କରି ନିରାଶ ହୋଇଛନ୍ତି। କିନ୍ତୁ ରାଜ୍ୟ ସରକାର ସ୍ଥାୟୀ କରିବାର ପ୍ରତିଶୃତି ଦେଇ ଓହରି ଯାଉଛନ୍ତି। ଗତ ୨୦୨୨ ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ନିୟମିତ କରାଯିବାର ପ୍ରତିଶୃତି ପାଣିର ଗାର ହୋଇଛି। ଦ୍ୱିତୀୟରେ ସମସ୍ତ ଚୁକ୍ତିଭିତିକ ଶିକ୍ଷକମାନଙ୍କୁ ସ୍ଥାୟୀ କରାଯିବାର ଘୋଷଣା ହୋଇଥିଲେ ମଧ ଅଲଚିକି ଶିକ୍ଷକମାନେ ସେଥିରୁ ବାଦ ପଡ଼ିଛନ୍ତି। ରାଇରଙ୍ଗପୁରରୁ ଭୁବନେଶ୍ୱର ଦୀର୍ଘ ୨୮ ଦିନ ପଦଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ରାଜଧାନୀରେ ଡେରା ପକାଇଛନ୍ତି। ଓଡ଼ିଶାର ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଆନ୍ଦୋଳନରତ ଶିକ୍ଷକମାନଙ୍କର ସ୍ଥାୟୀ ନିଯୁକ୍ତି ଦାବୀ ପ୍ରତି ସମ୍ମାନ ଜଣାଇ ଅବିଳମ୍ବେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦାବୀ କରିଛନ୍ତି।

# ପରିମଳ ଉପରେ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ଟୁଲିପ୍ ଇଂଟର୍ଣ୍ଣମାନଙ୍କ ପାଇଁ ସହରାଂଚଳ ଓଡ଼ିଶାରେ ପରିମଳ ମୂଲ୍ୟ ଶୃଙ୍ଖଳା ଶୀର୍ଷକ ତିନି ମାସିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ ଗତକାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଓଡ଼ିଶା ଜଳ ଏକାଡେମୀର ସହରାଂଚଳ ପରିଚାଳନା କେନ୍ଦ୍ର (ୟୁଏମ୍ସି) ସହଯୋଗରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପ୍ରଥମ ପ୍ରଶିକ୍ଷଣ ମଡ୍ୟୁଲର ଶୁଭାରମ୍ଭ ଏଚ୍ ଆଣ୍ଡ ୟୁଡିର ପ୍ରମୁଖ ସଚିବ ଜି. ଭାଥନନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ମାଥି ଭାଥନନ କହିଥିଲେ ଯେ ୩ ମାସର ସାର୍ଟିଫିକେଟ୍ ପାଠ୍ୟକ୍ରମରେ ଟୁଲିପ୍ ଇଂଟରନ୍ୟାସନାଲର ଅନନ୍ୟ ଶିକ୍ଷଣ ସୁଯୋଗ ଏବଂ ମ୍ୟୁନିସିପାଲ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ବାସ୍ତବ ଦୁନିଆର ଜ୍ଞାନ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା ଦିଗରେ ପରିବର୍ତନ ଆଣିବା ଲାଗି ପ୍ରଶିକ୍ଷିତ ଯୁବକମାନଙ୍କ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଇଂଟର୍ନସିପ୍ କାର୍ଯ୍ୟକ୍ରମରେ ଦକ୍ଷତା, ପ୍ରତିବଦ୍ଧତା ଏବଂ ନିରନ୍ତର ପ୍ରୟାସ ପ୍ରଦର୍ଶନ କରୁଥିବା ଇଂଟର୍ନମାନଙ୍କୁ ପରିମଳ ପେସାଦାର ଭାବେ ବଜାୟ ରଖାଯାଇପାରିବ। ସେ ସ୍ପଷ୍ଟ କରିଥିଲେ ଯେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସହରାଂଚଳ ପରିମଳ କ୍ଷେତ୍ରରେ ଜ୍ଞାନ, ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବା, ଯାହା ସେମାନଙ୍କ ବୃତିଗତ ଦକ୍ଷତାରେ ଉନ୍ନତି ଆଣିବ ଏବଂ ଅନ୍ତେବାସୀମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଏହା ହେଉଛି ଟୁଲିପ୍ ଇଂଟର୍ନମାନଙ୍କ ପ୍ରଥମ ବ୍ୟାଚ୍, ଯାହାକୁ ଜ୍ଞାନ, ଦକ୍ଷତା, ଟୁଲ୍ କିଟ୍ ଏବଂ ସାମାଜିକ ଦକ୍ଷତାରେ ସଜ୍ଜିତ କରିବା ପାଇଁ ତାଲିମ୍ ଦିଆଯିବ, ପ୍ରସ୍ତୁତ କରାଯିବ ଏବଂ ପରାମର୍ଶ ଦିଆଯିବ। ଏହି କାର୍ଯ୍ୟକ୍ରମ ରାଜ୍ୟର ୧୧୫ଟି ୟୁଏଲବିରେ ୫୦୦ ପ୍ରଶିକ୍ଷିତ ପରିମଳ ପେସାଦାରଙ୍କ କ୍ୟାଡର ସୃଷ୍ଟି କରିବ, ଯେଉଁମାନେ ସହରାଂଚଳରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ପ୍ରଭାବୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ପରିମଳ ବିଶେଷଜ୍ଞ ଭାବେ କାର୍ଯ୍ୟ କରିବେ। ଏକ ତ୍ରିପାକ୍ଷିକ ଏମଓୟୁ ଏଚ ଆଣ୍ଡ ୟୁଡି ବିଭାଗ, ଓଡ଼ିଶା ଜଳ ଏକାଡେମୀ ଏବଂ ଅର୍ବାନ ମ୍ୟାନେଜମେଂଟ ସେଂଟର ମଧ୍ୟରେ ଶ୍ରୀ ଭାଥିନନଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା ଯାହା ଶିକ୍ଷାଶାସ୍ତ୍ରର ଡିଜାଇନ୍ ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ, ଟ୍ୟୁଲିପ ଅନ୍ତେବାସୀଙ୍କ ପ୍ରଶିକ୍ଷଣ ମଡ୍ୟୁଲ ଏବଂ ଦକ୍ଷତା ବୃଦ୍ଧି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସଫଳତାର ସହ ସାମିଲ ହେବା ପରେ, ଜଳ ଓ ପରିମଳ କ୍ଷେତ୍ରରେ ଟ୍ରାନ୍ସଜେଣ୍ଡରମାନେ ଯୁବ ନୂତନ ସ୍ନାତକ/ସ୍ନାତକୋତରଙ୍କ ଦକ୍ଷତା ବୃଦ୍ଧି କରିବା ସହ ସହରାଂଚଳ ପରିମଳର ମୁଖ୍ୟ ସ୍ରୋତରେ ସାମିଲ ହେବାର ପ୍ରୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ କଲ୍ୟାଣ କୁମାର ରଥ, ଜଳ ଏକାଡେମୀର ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ ରଥ, ଅହମଦାବାଦ ସ୍ଥିତ ୟୁଏମ୍ସିର ନିର୍ଦ୍ଦେଶିକା ସୁଶ୍ରୀ ମାନଭିତା, ୟୁଏମ୍ସିର ଯୋଜନା ମୁଖ୍ୟ ଶ୍ରୀ ରାଓଙ୍କ ସମେତ ଅନ୍ୟାନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପିଜିଟି ପଦବୀ ପୂରଣ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ସ୍ନାତକୋତର (ପିଜିଟି) ପଦବୀଗୁଡ଼ିକ ପୂରଣ କରିବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ଇତି ମଧ୍ୟରେ ୩୩୫ ଜଣ ପିଜିଟିଙ୍କୁ ନିଯୁକ୍ତି ପ୍ରଦାନ କାର୍ଯ୍ୟ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ସଂପାଦିତ ହୋଇଯାଇଛି । ଏଥି ମଧ୍ୟରେ ୧୪ଟି ବିଷୟରେ ୧୦୭ ଜଣ ପ୍ରାର୍ଥୀ ଓପିଏସ୍‌ସି ଦ୍ୱାରା ମନୋନୀତ ହୋଇଛନ୍ତି। ତନ୍ମଧ୍ୟରୁ ୭୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ୩୬ ଜଣ ପିଜିଟିଙ୍କର ନିଯୁକ୍ତି ବିଷୟକୁ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣା କରାଯାଇଛି । ଓପିଏସ୍‌ସି ଦ୍ୱାରା ୨୨୮ ଜଣ ପିଜିଟିଙ୍କ ନିଯୁକ୍ତି ନିମନ୍ତେ ଚୟନ ପ୍ରକ୍ରିୟା ଜାରି ରହିଛି । ଏତଦ୍ ବ୍ୟତୀତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୬୭ଟି ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୫୫୫ଟି ଖାଲିଥିବା ସ୍ନାତକୋତର ଶିକ୍ଷକ (ପିଜିଟି) ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଚର୍ମବିଣ୍ଡି ରୋଗର ପ୍ରତିଷେଧକ ଟୀକା ନିମନ୍ତେ ଟୀକାକରଣ ଦେୟ ଛାଡ଼

ଭୁବନେଶ୍ୱର, ୧୫ ଡିସେମ୍ବର - ରାଜ୍ୟରେ ଗୋମହିଷାଦିଙ୍କୁ ଦିଆଯାଉଥିବା ଚର୍ମବିଣ୍ଡି ରୋଗର ପ୍ରତିଷେଧକ ଟୀକା ନିମନ୍ତେ ଦେୟ ଛାଡ଼ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଚର୍ମବିଣ୍ଡି ରୋଗର ଟୀକାକରଣ ଦେୟ ଛାଡ଼ କରାଯାଇ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟରେ ଚର୍ମବିଣ୍ଡି ରୋଗକୁ ପ୍ରତିହତ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ବ୍ୟାପକ ଟୀକାକରଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗୋମହିଷାଦିଙ୍କର ଟୀକାକରଣ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ଅଦ୍ୟାବଧି ୧୫ ଲକ୍ଷ ଡୋଜ ଟୀକା ରାଜ୍ୟର ବିଭିନ୍ନ ପ୍ରାଣୀଚିକିତ୍ସା କେନ୍ଦ୍ର ଓ ପ୍ରାଣୀଧନ କେନ୍ଦ୍ରକୁ ପଠାଯାଇଛି। ଖୁବ୍ ଶୀଘ୍ର ଆଉ ୨୭ ଲକ୍ଷ ଡୋଜ ଟୀକା ପଠାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟର ୩୧୪ଟି ଭ୍ରାମ୍ୟମାଣ ୟୁନିଟ୍, ୫୪୧ଟି ପ୍ରାଣୀଚିକିତ୍ସା କେନ୍ଦ୍ର ଏବଂ ୩୨୩୯ଟି ପ୍ରାଣୀସଂପଦ ସହାୟକ କେନ୍ଦ୍ର ମାଧ୍ୟମରେ ଚର୍ମବିଣ୍ଡି ଆକ୍ରାନ୍ତଙ୍କ ଚିକିତ୍ସା କରାଯାଇଛି। ଚର୍ମବିଣ୍ଡି ରୋଗ ବିଷୟରେ ବିଶେଷଜ୍ଞଙ୍କଠାରୁ ପରାମର୍ଶ ପାଇବା ପାଇଁ ଟୋଲ୍ ଫ୍ରି ୧୫୫୩୩୩ କିମ୍ବା ୧୯୬୨ରେ ଡାଏଲ୍ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସ୍ମାରକୀ ସ୍ଥଳପରିଦର୍ଶନ କଲେ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ପୁରୀ/ଭୁବନେଶ୍ୱର,୧୬/୧୨ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ଅପରାହ୍ଣରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମ ଯାଇ ନିର୍ମାଣାଧୀନ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସ୍ମାରକୀସ୍ଥଳ ପରିଦର୍ଶନ କରିଥିଲେ। ସ୍ମାରକୀ ଭିତରେ ନିର୍ମାଣାଧୀନ ମନ୍ଦିର, ସପିଙ୍ଗ କେନ୍ଦ୍ର, ପାର୍କିଂସ୍ଥଳୀ, ଉତ୍କଳମଣି ଗୋପବନ୍ଧୁଙ୍କ ପୈତୃକ ଘର, ଗ୍ରାମରାସ୍ତା, ପ୍ରାକୃତିକ ଭୂଚିତ୍ର ଓ ଉଦ୍ୟାନ କାର୍ଯ୍ୟ ଏବଂ ସଂଗ୍ରହାଳୟ ଘର ସହିତ ଅନ୍ୟାନ୍ୟ କାର୍ଯ୍ୟଅଗ୍ରଗତି ସମୀକ୍ଷା କରିଥିଲେ। ସ୍ମାରକୀର ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଉପସ୍ଥିତ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ପୁରୀ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପୁରୀ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଏବଂ ଗୋପବନ୍ଧୁଙ୍କ ନାତି ଧୀରେନ ଦାଶଙ୍କ ସମେତ ସଂପୃକ୍ତ ନିର୍ମାଣାଧିନ ସଂସ୍ଥାର ମୁଖ୍ୟ ଓ କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## ସର୍ଦ୍ଦାର ପଟେଲଙ୍କ ପୁଣ୍ୟ ତିଥିରେ ଧର୍ମେନ୍ଦ୍ର ପ୍ରଧାନ ଜଣାଇଲେ ଶ୍ରଦ୍ଧାଂଜଳି

ଭୁବନେଶ୍ୱର,୧୬/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣ୍ୟ ତିଥିରେ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି ।

ସେ ଟ୍ୱିଟ କରି କହିଛନ୍ତି ଯେ – ସର୍ଦ୍ଦାର ପଟେଲଙ୍କ ପୁଣ୍ୟତିଥିରେ ତାଙ୍କୁ ବିନମ୍ର ଶ୍ରଦ୍ଧାଂଜଳି । ଏକ ଭାରତ- ଶ୍ରେଷ୍ଠ ଭାରତର ଶିଳ୍ପୀ, ଆମର ଲୌହପୁରୁଷ ନିଜର ଅଦ୍ୱିତୀୟ କ୍ଷମତା ଦ୍ୱାରା ଏକ ଶକ୍ତିଶାଳୀ, ସମୃଦ୍ଧ ଓ ସଂଗଠିତ ଭାରତ ନିର୍ମାଣ କରିବାର କାର୍ଯ୍ୟ କରିଥିଲେ । ଭାରତ ମାତାଙ୍କ ଉପାସକ ସର୍ଦ୍ଦାର ପଟେଲ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ର ହୋଇ ରହିବେ ।

# ଜଳବାୟୁ ପରିବର୍ତ୍ତନକୁ ରୋକାନଗଲେ ପୃଥିବୀ ଧ୍ୱଂସ ପାଇବ : ବିଶ୍ୱଭୂଷଣ

ଭୁବନେଶ୍ୱର,୧୬/୧୨ (ନି.ପ୍ର): – ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର 'ଜଳବାୟୁ ପରିବର୍ତନ ଓ ମାନବ ଅଧିକାର' ଶୀର୍ଷକ ଏକ ଜାତୀୟ କର୍ମଶାଳାରେ ଯୋଗଦେଇ ଗୁରୁବାର ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏ କଥା କହିଥିଲେ। ମିଳିତ ଜାତିସଂଘର ବାରମ୍ବାର ତାଗିଦ ସତ୍ତ୍ୱେ ବିକଶିତ ରାଷ୍ଟ୍ରଗୁଡ଼ିକ ଅଙ୍ଗାରକାମ୍ଳ ନିର୍ଗମନକୁ କମାଉ ନାହାଁନ୍ତି। ଯାହା ଫଳରେ ଦୁର୍ଭିକ୍ଷ, ମହାମାରୀ, ଝଡ଼ବାତ୍ୟା ଆଦି ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଂଚିଛି। ଏହି ପରିପ୍ରେକ୍ଷୀରେ ଜି-୨୦ର ନେତୃତ୍ୱ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତର ଆହ୍ୱାନ ଦେଇଛନ୍ତି। ସଭାରେ ସଭାପତିତ୍ୱ କରି ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ଡଃ ଅଭିନ୍ନ ହୋତା ଏକ ସୁସ୍ଥ ପରିବେଶ ପାଇଁ ଜୀବନଶୈଳୀ ପରିବର୍ତନ ଉପରେ ଆଲୋକପାତ କରିଥିଲେ। ହଳଦିଆ ଏନର୍ଜି ଉପାଧକ୍ଷ ସୋମନାଥ ଦତ, ସ୍ୱଚ୍ଛଶକ୍ତି ଓ ସବୁଜ ଶକ୍ତି ଉପରେ କହିଥିଲେ। ଏସ୍‌ଏନ୍‌ଏମ୍ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଡଃ ପ୍ରବୋଧ ମହାନ୍ତି ପ୍ରଦୂଷଣ ରୋକିବ ପାଇଁ ଟେକ୍ନୋଲୋଜିର ଉପଯୋଗ ଉପରେ ଜୋର ଦେଇଥିଲେ। ହାଇଦ୍ରାବାଦର ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡଃ ସଞ୍ଜୀବ ବେହେରାଙ୍କୁ 'ଆଜାଦି କା ଅମୃତ ମହୋତ୍ସବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡଃ ମନୀଷା ଦାସ, ଡଃ ମଙ୍ଗଳା ପ୍ରସାଦ ମହାନ୍ତି, ଡଃ ପ୍ରଫୁଲ ଧଳଙ୍କୁ ସମ୍ମାନସୂଚକ ଡ଼କ୍ଟରେଟ, ଡଃ ଅନୁ ଭାଲ୍ଲା, ସସ୍ମିତା ମଲ୍ଲିକ, ଲୀନୁ ମିଶ୍ରଙ୍କୁ 'ମଦର ଟେରେସା ମାନବବାଦୀ' ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସଭାରେ ଡଃ ବିପିନ ମିଶ୍ର, ମାନସ ଦାସ, ରଶ୍ମିକାନ୍ତ ସ୍ୱାଇଁ, ସରୋଜ ସିଂହ, ଡଃ ଆଲୋକ ଜେନା, ରାମଚନ୍ଦ୍ର ରାଉତରାୟ, ତାପସ ଦାସ, ଦିଲ୍ଲୀପ ବିଶ୍ୱାଳ, ମମତା ଦାସ, ପଙ୍କଜ ଭାଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୩ରେ ପୃଥିବୀ ଦିବସ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହେଲା।

## କଟକରେ ସ୍ୱେରେଜ୍ ଟାଙ୍କି ଭିତରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ରିପୋର୍ଟ ମାଗିଲେ ଏନଏଚଆରସି

ଭୁବନେଶ୍ୱର, ୧୫ ଡିସେମ୍ବର - ଗତ ବର୍ଷ କଟକ ସିଡିଏ ସେକ୍ଟର-୧୦ରେ ସ୍ୱେରେଜ ଲାଇନ ସଫେଇ ବେଳେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ଜାତୀୟ ମାନବିକ ଅଧିକାର କମିଶନ ପ୍ରଶାସନ ଓ ପୁଲିସଠାରୁ ରିପୋର୍ଟ ମାଗିଛନ୍ତି । କମିସନ ଗୃହ ଓ ନଗର ଉନ୍ନୟନ ସଚିବ, କଟକ ମହାନଗର ନିଗମ କମିସନର୍ ଏବଂ ପୁଲିସ୍ କମିସନରଙ୍କୁ ନୋଟିସ୍ ଜାରି କରିବା ସହ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗତ ବର୍ଷ ଏପ୍ରିଲ ୧୫ ତାରିଖ ଦିନ ଏହି ଦୁର୍ଘଟଣା ଘଟିଥିଲା ।

## ଚାହା ବିକାଳିରୁ ଶ୍ରେଷ୍ଠ ଉଦ୍ୟୋଗୀ




ଛବିଶ ବର୍ଷ ବୟସ୍କା ଭାରତୀୟ ମହିଳା ଉପ୍ପମା ବିର୍ଦୀ ଦେଶ-ବିଦେଶରେ ଚର୍ଚ୍ଚିତ। ଅଷ୍ଟ୍ରେଲିଆର ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ଭାବେ ବିର୍ଦୀଙ୍କୁ ପୁରସ୍କୃତ କରାଯାଇଛି। ଜଡ଼ିବୁଟି ପ୍ରସ୍ତୁତ ଚାହା ବ୍ୟବସାୟ କରି ଏହି ସଫଳତା ପାଇଛନ୍ତି। ଜଡ଼ିବୁଟି ପ୍ରସ୍ତୁତ ଚାହା ପିଇବା ତାଙ୍କର ପିଲାଦିନର ଅଭ୍ୟାସ। ଅଷ୍ଟ୍ରେଲିଆ ଆସିବା ପରେ ଏହି ସୁବିଧା ମିଳି ନଥିଲା। ଜେଜେଙ୍କ ଠାରୁ ଚାହା ତିଆରି ଜାଣିଥିଲେ। ଚାହା ତିଆରି କରି ନିଜେ ପିଇଲେ ଏବଂ ସାଙ୍ଗସାଥୀଙ୍କୁ ପିଆଇଲେ। କ୍ରମେ ଏହି ଅଭ୍ୟାସ ନିଶାରେ ପରିଣତ ହେଲା। ଜଡ଼ିବୁଟି ପ୍ରସ୍ତୁତ ଚାହା ସ୍ୱାସ୍ଥ୍ୟପ୍ରଦ ହୋଇଥିବାରୁ ଏହାର ପ୍ରସାର ପାଇଁ ସେ ମନ ବଳାଇଲେ। ୨୦୧୪ରେ ଏକ ସଂସ୍ଥା ଗଠନ କରି ଆରମ୍ଭ କଲେ ଚାହା ବ୍ୟବସାୟ।। ବିର୍ଦୀଙ୍କ ଚାହା ଅଦା, ଅଳେଇଚ, ଡାଲଚିନି, ଗୁଡ଼ ଆଦିର ମିଶ୍ରଣ। ଏ ପରି ବ୍ୟବସାୟ ପାଇଁ ପାରିବାରିକ ବିରୋଧ ଥିଲା ତା' ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଏବଂ ବ୍ୟବସାୟିକ ମନୋବୃତ୍ତି ଯୋଗୁଁ ସେ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇ ପାରିଛନ୍ତି।

## ସମୁଦ୍ର ଜଳପତ୍ତନ ୨ ଗୁଣ ବଢ଼ିବ !



ବୈଜ୍ଞାନିକମାନେ ସମୁଦ୍ର ଜଳ ପ ନ ବୃଦ୍ଧି ସଂକ୍ରାନ୍ତରେ ଗବେଷଣା କରି ଜାଣିପାରିଛନ୍ତି ଯେ ଶତାବ୍ଦୀ ଶେଷ ସୁଦ୍ଧା ଏହା ପ୍ରାୟ ୪ ଫୁଟ୍ ବଢ଼ିଯିବ । କୋପେନ୍‌ହେଗନର ଜଳବାୟୁ ସଂକ୍ରାନ୍ତୀୟ ସମ୍ମିଳନୀ ହେବା ପୂର୍ବରୁ ସେମାନେ ଏହା ପ୍ରକାଶ କରିଥିଲେ । ପୂର୍ବରୁ ଜାତିସଂଘର ଇ[ର ଗର୍ଭର୍ଣ୍ଣମେ[ାଲ ଫାନେଲ ଅନ୍ କ୍ଲାଇମେଟ୍ ଚେ* (ଆଇପିସିସି) ରିପୋର୍ଟରେ ସମୁଦ୍ର ଜଳପ ନ ଯେତିକି ବଢ଼ିବ ବୋଲି ଦର୍ଶାଯାଇଥିଲା ଏହା ତାହାର ଦୁଇଗୁଣ ଅଧିକ । ଆଇପିସି ରିପୋର୍ଟରେ ୨୦୦୯ ସୁଦ୍ଧା ସମୁଦ୍ର ଜଳପ ନ ୧୮ ସେ[ମିଟରରୁ ୫୯ ସେ[ମିଟର ବଢ଼ିବ ବୋଲି କୁହାଯାଇଥିଲା ମାତ୍ର ଆ[ର୍କଟିକା ଓ ଗ୍ରୀନଲାଣ୍ଡର ବରଫ ତରିଳାବକୁ ଲକ୍ଷ୍ୟକରି ସାଇ[ଫିକ୍ କମିଟି ଅନ୍ ଆ[ର୍କଯିକା ରିସର୍ଚ୍ଚ (ଏସସିଏଆର) ସଂସ୍ଥା ପ୍ରାୟ ଶହେ ଜଣ ବୈଜ୍ଞାନିକଙ୍କୁ ନେଇ ଗବେଷଣା କରିବ ପରେ ଏଭଳି ମତ ଦିଆଯାଇଛି । ଏସସିଏଆରର ରିପୋର୍ଟ ଯଦି ସତ୍ୟ ହୁଏ ତେବେ ୨୧୦୦ ମସିହା ସୁଦ୍ଧା ମାଲ୍‌ଦ୍ୱିପ ସଂପୂର୍ଣ୍ଣ ବୁଡିଯିବ । କେବଳ ଏତିକି ନୁହେଁ ମୁମ୍ବାଇ, ଚେନ୍ନାଇ ଓ କୋଲକତା ପ୍ରତି ମଧ୍ୟ ଘୋର ବିପଦ ଆଣିବ । ବର୍ଷକୁ ୧.୭ ମିଲିମିଟର ହାରରେ ସମୁଦ୍ର ଜଳପ ନ ବୃଦ୍ଧିହୋଇ ୧୮୭୦ ମସିହାଠାରୁ ଅଦ୍ୟାବଧି ୨୦ ସେ[ମିଟର ବୃଦ୍ଧି ପାଇଛି । ମାତ୍ର ଏଇ ନିକଟରେ କିଛି ବର୍ଷରେ ୨.୫ ମିଲିମିଟର ହାରରେ ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଇଛି । ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ କେନ୍ଦ୍ର ଆ[ର୍କଟିକା ମଧ୍ୟ ତରଳିବା ଦେଖାଗଲାଣି । ୨୧୦୦ ମସିହା ଶେଷ ସୁଦ୍ଧା ପର୍ଶ୍ଚିମ ଆ[ର୍ଟିକାର ପ୍ରାୟ ୯୦ ଭାଗ ବରଫ ତରଳି ଯିବ । ଯାହାଦ୍ୱାରା ସମୁଦ୍ର ଜଳପ ନ ୧.୪ ମିଟର (୪ଫୁଟ୍) ବଢ଼ିଯିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## କନିଆଙ୍କ ମେଳା

ବିଶ୍ୱର ଯେଉଁ ପ୍ରାନ୍ତରୁ ଯିବେ, ସେଠାକାର ଭିନ୍ନ ନିୟମ ତଥା ପରମ୍ପରା ବିବାହ ନେଇ ସମସ୍ତ ରାଷ୍ଟ୍ରର ନାନା ଆଦବକାଇଦା ପାଳନ କରାଯାଇଥାଏ। ତେବେ ବୁଲଗେରିଆର ସତାରା ଜାଗୋର ନାମକ ଅଞ୍ଚଳରେ ପ୍ରତି ୩ ବର୍ଷରେ ଥରେ କନିଆଁ ମେଳା ଆୟୋଜିତ ହୁଏ। ମେଳାରେ ସେହି ଅଂଚଳର ବିଭିନ୍ନ ବର୍ଗର ତଥା ବୟସର ଯୁବତୀମାନେ ଅଂଶ ଗ୍ରହଣ କରନ୍ତି, ବିବାହଯୋଗ୍ୟ ପୁରୁଷମାନେ ପସନ୍ଦ ଯୁବତୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେଇ କିଣିଥାନ୍ତି। କିନ୍ତୁ ଏବେ କେବଳ ଗରିବ ପରିବାରର ଯୁବତୀମାନେ ଅଂଶ ଗ୍ରହଣ କରୁଛନ୍ତି। ଏହି କନିଆଁ ମେଳା ପ୍ରଥା ସେଠାରେ ଆଇନସମ୍ମତ। ମେଳାରୀ ନିୟମ ଅନୁସାରେ ଯୁବତୀମାନେ ବିବାହ ପୋଷାକ ପିନ୍ଧି ମେଳାରେ ବୁଲୁଥାନ୍ତି। ବର ଭାବେ ଆସିଥିବା ଯୁବକ ମେଳାରେ ବୁଲିବୁଲି ନିଜ ମନ ପସନ୍ଦ ସାଥୀକୁ ମନୋନୀତ କରିଥାଏ। ଏହା ପରେ ନିଜ ପରିବାରଙ୍କ ସମର୍ଥନରେ ସେମାନେ କନ୍ୟା ଘରଲୋକଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେଇ କନିଆଁକୁ କିଣିଆଣିଥାନ୍ତି।

## ମହୌଷଧି ଗୋଲମରିଚ

- ଗୋଲମରିଚକୁ ଗୋଟିଏ ଛୁଞ୍ଚିରେ ଫୋଡ଼ି ନିଆଁରେ ଜଳାଇ ତା'ର ଧୂଆଁକୁ ନାକ ପାଖରେ ଧରି ନାକବାଟେ ତାହା ଟାଣିଲେ ମୁଣ୍ଡବିନ୍ଧା ଦୂରହୁଏ।
- ଲୁଣ ଓ ଗୋଲମରିଚ ଚୂର୍ଣ୍ଣରେ ଦାନ୍ତ ଘଷିଲେ ଅନେକ ପ୍ରକାର ଦାନ୍ତରୋଗ ଦୂର ହୋଇଥାଏ।
- ଗଳାରେ ଘା', ଘଣ୍ଟିକା ବଢ଼ିବା ରୋଗରେ ଗୋଲମରିଚ ଚୂର୍ଣ୍ଣ ଓ ଲୁଣକୁ ପାଣିରେ ପକାଇ ଗରମକରି, ଉଷୁମ ଥାଉଁ ଥାଉଁ ଦିନରେ ଦୁଇ ତିନିଥର କୁଲୁକୁଞ୍ଚା କଲେ ଘଣ୍ଟିକା ପ୍ରଭୃତି ଗଳାରୋଗରେ ନିବାରିତ ହୋଇଥାଏ।
- ପିଆଜ, ଗୋଲମରିଚ ଓ ଲୁଣକୁ ଏକତ୍ର ଶିଳରେ ବାଟି ମୁଣ୍ଡରେ ଲେପନ କଲେ ଚନ୍ଦାମୁଣ୍ଡରେ କେଶ ଉଠିଥାଏ।
- ସାତଟି ଗୋଲମରିଚ, ସାତଟି ଗଙ୍ଗଶିଉଳି ପତ୍ରକୁ ଏକତ୍ର ବାଟି ଦିନରେ ୩ ଥର (ସକାଳେ ମଧ୍ୟାହ୍ନରେ ଓ ସନ୍ଧ୍ୟାରେ ୩ଦିନ ପିଇଲେ ଅଣ୍ଟା ଧରା ଭଲ ହୋଇଥାଏ। (ତିନିଥରରେ ୨୧ଟି ଗୋଲମରିଚ ଓ ୨୧ଟି ଗଙ୍ଗଶିଉଳି ପତ୍ର)।

## ଅଦ୍ଭୁତ ବନ୍ଧୁତା




ଲୋକକଥାରେ ବାଘ ଛେଳି ଗୋଟିଏ ଘାଟରେ ପାଣି ପିଉଥିବାରୁ ଶୁଣିଥିବେ, କିନ୍ତୁ ସତ ସତିକା ଗୋଟିଏ ଘରେ ବାଘ, ସିଂହୀ ଓ ଭାଲୁ ଏକା ସାଙ୍ଗରେ ରହୁଛନ୍ତି । ଏହା ପ୍ରମାଣିତ କରିଦେଇଛି ଯେ ବିଶ୍ୱରେ କିଛି ଅସମ୍ଭବ ନୁହେଁ । ଆମେରିକାର ଜର୍ଜିଆସ୍ଥିତ ଆଟଲାଣ୍ଟାରେ ବନ୍ଧୁତାର ଏହି ଅପୂର୍ବ ନିଦର୍ଶନ ଦେଖିବାକୁ ମିଳିଛି । ଏଠାରେ ହ୍ୟଗ୍ ତସ୍କରମାନଙ୍କୁ ଧରିବା ବେଳେ ପୋଲିସ ଆଠ ବର୍ଷ ତଳେ ବାଘ, ସିଂହ ଏବଂ ଭାଲୁ ଛୁଆ ତନୋଟିଙ୍କୁ ଏକ ଦଳ ହାବୁଡରୁ ବଞ୍ଚାଇଥିଲେ ଏବଂ ସେମାନଙ୍କୁ ଏକାଠି ଗୋଟିଏ ଜାଗାରେ ରଖିଦେଇଥିଲେ । ସେ ତିନିଜଣ ଏବେ ବଡ ବଡ ହୋଇଗଲେଣି । ହେଲେ ଜାଗା ଯେଉଁଠି ଏଭଳି ତିନି ଜନ୍ତୁ ସାଙ୍ଗ ହୋଇ ରହୁଛନ୍ତି । ଏଠାକାର ଅଧିକାରୀମାନେ ବାଘ ଓ ଭାଲୁଙ୍କ ନାଁ ରୁଡ୍‌ୟାର୍ଡ କିପ୍‌ଲିଂର ବିଶ୍ୱପ୍ରସିଦ୍ଧ ଜଙ୍ଗଲ ବୁକ୍‌ର ପାତ୍ରମାନଙ୍କ ନାମ ଆଧାରରେ ରଖିଛନ୍ତି । ଭାଲୁର ନାଁ ବାଲୁ, ବାଘର ନାଁ ଶେର୍ ଖାନ୍ ଏବଂ ସିଂହୀର ନାଁ ଲିଓ ରଖାଯାଇଛି । ଏମାନଙ୍କୁ ଦେଖିବା ଲାଗି ଅସଂଖ୍ୟ ପର୍ଯ୍ୟଟକଙ୍କ ଭିଡ ଲାଗି ରହୁଛି । ଏହି ତିନି ଜଣଙ୍କ ବନ୍ଧୁତା ଖୁବ୍ ହୃଦୟସ୍ପର୍ଶୀ । ସେମାନେ ଜାଣନ୍ତି ନାହିଁ ଯେ ପ୍ରକୃତିର ନିୟମାନୁସାରେ ସେମାନଙ୍କର ସମ୍ପର୍କ ଖାଦ୍ୟ ଓ ଖାଦକ । ବାଲୁ ଏବଂ ଶେର୍ ଖାନ୍‌ଙ୍କ ସମ୍ପର୍କ ଖୁବ୍ ନିବିଡ । ସେମାନେ ଶୀଘ୍ର ସକଳୁ ଉଠିଯାନ୍ତି ଏବଂ ସାରା ଦିନ ସାଙ୍ଗ ହୋଇ ବୁଲୁଥାନ୍ତି । ହେଲେ ଲିଓ ଅନ୍ୟ ସିଂହୀମାନଙ୍କ ପରି ଦିନ ସାରା ଶୋଇରହିଥାଏ । ଯେତେବେଳେ ଶେର୍ ଖାନ୍ ପିଠିରେ ହାତ ପକାଇ ବାଲୁ ବୁଲୁଥାଏ ତାହା ଖୁବ୍ ଉପଭୋଗ୍ୟ ହୋଇଥାଏ । ସାମାନ୍ୟ ସ୍ୱାର୍ଥ ପାଇଁ ନିଜ ଭିତରେ ରକ୍ତର ନଦୀ ବୁହାଇ ଦେଉଥିବା ମଣିଷ ପଶୁମାନଙ୍କର ଏହି ଅନାବିଳ ପ୍ରେମରୁ ନିଶ୍ଚୟ ଶିକ୍ଷା କରିବା ଉଚିତ୍ ।



ସେତେବେଳେ ଯେମିତି ସାଙ୍ଗ ହୋଇ ରହୁଥିଲେ ଏବେ ବି ସେମିତି ରହୁଛନ୍ତି ନୋହ ଆର୍କସ୍ଥିତ ବନ୍ୟ ଜୀବ ସଂରକ୍ଷଣ ସ୍ଥଳର ନିର୍ଦ୍ଦେଶକ ଡ୍ୟାନି ସ୍ମିଥ୍ କହିବାନୁସାରେ ସେମାନଙ୍କୁ ଅଲଗା ଅଲଗା ରଖାଯାଇପାରିଥାନ୍ତା । ହେଲେ ଚିନ୍ତା କରାଗଲା ଯେ ସେମାନେ ତିନିଜଣ ଖୁବ୍ ଭଲ ବନ୍ଧୁ । ତେଣୁ ତାଙ୍କୁ ଅଲଗା ନରଖି ଏକାଠି ରଖାଯାଉ । ଏହା ବୋଧହୁଏ ବିଶ୍ୱର ଗୋଟିଏ

## କ୍ରିସ୍‌ମାସ୍ ଯାହା ପାଇଁ ରୋଗ



କ୍ରିସ୍‌ମାସ୍ ପାଳନର ଆନନ୍ଦ ଉତ୍ସାହରେ ଯେଉଁଠି ସାରା ବିଶ୍ୱ ମାତିଥାଏ ସେଇଠି କେତେ ଜଣ ଏପରି ଅଛନ୍ତି ଯେଉଁମାନଙ୍କୁ ଅନିଚ୍ଛା ସତ୍ତ୍ୱେ ବି କ୍ରିସ୍‌ମାସ୍‌ର ଧୁମ୍‌ଧାମ୍‌ରୁ ଦୂରରେ ରହିବାକୁ ହୋଇଥାଏ । ଲଣ୍ଡନରେ ଏପରି ଜଣେ ମହିଳା ଅଛନ୍ତି ଯିଏ କ୍ରିସ୍‌ମାସ୍ ଟ୍ରି ବା ବଡଦିନ ଗଛ ପାଖକୁ ଯିବାକୁ ଭୟ କରନ୍ତି । ସେ ଏପରି ଏକ ରୋଗରେ ଆକ୍ରାନ୍ତ ଯାହା ତାଙ୍କୁ ଉକ୍ତ ଗଛର ପତ୍ରରୁ ବାହାରୁଥିବା ଗନ୍ଧ ପ୍ରତି ଆଲର୍ଜି ସୃଷ୍ଟି କରିଥାଏ ।

ପୂର୍ବ ଲଣ୍ଡନରେ ରହୁଥିବା ୨୬ ବର୍ଷୀୟା ଲିଜା ସ୍ମିଥ୍ କିଶୋରାବସ୍ଥାରୁ ହିଁ ଏହି ରୋଗରେ ଆକ୍ରାନ୍ତ । ଆରମ୍ଭରେ ତାଙ୍କୁ ଲାଗିଲା ଯେ ଥଣ୍ଡା ବଢ଼ିଯିବା କାରଣରୁ ତାଙ୍କୁ ଏପରି ଲାଗୁଛି । ହେଲେ ପରେ ଡାକ୍ତରମାନେ ବିଭିନ୍ନ ପରୀକ୍ଷା ପରେ ଜଣାଇଥିଲେ ଯେ ଏହା ଏକ ଦୁର୍ଲଭ ରୋଗ ଏବଂ ଏଥିରେ ସେ କ୍ରିସ୍‌ମାସ୍ ଗଛ ସଂସ୍ପର୍ଶରେ ଆସିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା ।

ପେଶାରେ ସନ୍ତରଣ ପ୍ରଶିକ୍ଷକ ଥିବା ଲିଜା ଜଣାଇଥିଲେ ଯେ ସେ ପ୍ରଥମ ଥର ପାଇଁ ଗୋଟିଏ ଦୋକାନରେ ଥିବା କ୍ରିସ୍‌ମାସ୍ ଟ୍ରି ସଂସ୍ପର୍ଶରେ ଆସିବା ପରେ ତାଙ୍କର ବାରମ୍ବାର ଛିଙ୍କ ଆରମ୍ଭ ହୋଇଯାଇଥିଲା ଏବଂ ସେ ଯେତେବେଳେ ପର୍ଯ୍ୟନ୍ତ ସେହି ଦୋକାନରେ ରହିଥିଲେ ଛିଙ୍କ ଆଦୌ ବନ୍ଦ ହେଲା ନାହିଁ । ସେବେଠାରୁ ସେ କ୍ରିସ୍‌ମାସ୍ ପାଳନରୁ ଦୂରେଇ ରହନ୍ତି । ଏପରିକି ଏହି ଅବସରରେ ମିଳୁଥିବା ଉପହାର ପ୍ୟାକେଟ୍ ମଧ୍ୟ ସେ ଖୋଲି ପାରନ୍ତି ନାହିଁ । କାରଣ ସେଥିରୁ ମଧ୍ୟ ସେହି ପତ୍ରର ଗନ୍ଧ ବାହାରୁଥାଏ । ଏ ସମ୍ପର୍କରେ ଇଣ୍ଟରନେଟ୍‌ରେ ଦେଖି ସେ ଜାଣିବାକୁ ପାଇଥିଲେ ଯେ ଏହା ସମାାନ୍ୟ ଆଲର୍ଜି ନୁହେଁ ବରଂ ଏକ ଗମ୍ଭୀର ସମସ୍ୟା । ଏହାପରେ ସେ ଡାକ୍ତରଙ୍କ ଦ୍ୱାରା ଚେକ୍‌ଅପ୍ କରାଇଥିଲେ । ଚଳିତ ବର୍ଷ କୃତ୍ରିମ କ୍ରିସ୍‌ମାସ୍ ଟ୍ରି ଦ୍ୱାରା ସେ ଏହି ପର୍ବ ପାଳନ କରୁଛନ୍ତି ।

## ପେଟରୋଗରୁ ମୁକ୍ତି ପାଇଁ ଯୋଗାସନ କରନ୍ତୁ



ଆଜିକାଲି ଶତକଡ଼ା ୭୦ ଭାଗରୁ ଅଧିକ ଲୋକ କିଛି ନା କିଛି ପେଟରୋଗରେ ପୀଡ଼ିତ ବୋଲି ଆୟୁର୍ବେଦ ଚିକିତ୍ସକମାନେ ମତ ଦିଅନ୍ତି । ପଛର ବିଭିନ୍ନ କାରଣ ମଧ୍ୟ ସେମାନେ ଦର୍ଶାଇଛନ୍ତି । ତାହା ହେଉଛି ଭୋକ ନ ଥାଇ ଖାଇବା, ବିଭିନ୍ନ, ମସଲାଯୁକ୍ତ ଖାଦ୍ୟ ଖାଇବା, ସନ୍ତୁଳିତ ଭୋଜନକୁ ଉପେକ୍ଷା କରିବା, ଭୋକ ବେଳେ ପିଇବା, ଶୋଷ ବେଳେ ଖାଇବା, ଅସମୟରେ ଭୋଜନ, ଦୂଷିତ ଖାଦ୍ୟ ଗ୍ରହଣ ଇତ୍ୟାଦି । ଏସବୁର ପ୍ରତିଫଳ ଏହିଭଳି : ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ (ଭୋକ କମ୍ ହେବା), ଛାତି ଜଳାପୋଡ଼ା, ଅମ୍ଳପିତ୍ତ (ଏସିଡିଟି), ବାୟୁ ଜମିବା (ଗ୍ୟାସ୍), ଅନ୍ତନାଳୀରେ ପ୍ରବାହ ବା କଷ୍ଟ ଅନୁଭବ ଏଭଳି ଅନେକ ସମସ୍ୟା । ଏଥିରୁ ଏକ ବା ଏକାଧିକ ସମସ୍ୟା କ୍ଷେତ୍ରରେ ଲୋକେ ଔଷଧ ସେବନ କରିବା ଉପରେ ପ୍ରାୟତଃ ନିର୍ଭର କରିଥାଆନ୍ତି । ଔଷଧ ଦ୍ୱାରା ସମସ୍ୟା ବା ରୋଗରୁ ଉପଶମ ଅଳ୍ପ ବହୁତେ ମିଳିଥାଏ, କିନ୍ତୁ ଉଚିତ ଆହାର-ବିହାର ବା ଜୀବନଚର୍ଯ୍ୟା ନ ଆପଣେଇବା ପର୍ଯ୍ୟନ୍ତ ସମସ୍ୟା ସଂପୂର୍ଣ୍ଣ ରୂପେ ଦୂର ହୋଇନଥାଏ । ଶରୀର ପାଇଁ ବୟସ, ସାମର୍ଥ୍ୟ ଓ ଆବଶ୍ୟକତା ଭେଦରେ ଯେଉଁସବୁ ଖାଦ୍ୟ ଗ୍ରହଣ କରିବା ଉଚିତ ସେଥିପ୍ରତି ଯଥାସମ୍ଭବ ଯତ୍ନବାନ ହେବାକୁ ପଡ଼ିବ, କ୍ଷୁଧା ନ ଲାଗିବା ପର୍ଯ୍ୟନ୍ତ ଆହାର କରିବା ଉଚିତ ହେବ ନାହିଁ । ଖାଦ୍ୟ ହଜମ ନ ହେଉଣୁ ପୁଣି କୌଣସି ଖାଦ୍ୟ ଖାଇବା ଅନୁଚିତ, ଅର୍ଥାତ ଅସମୟରେ ଖାଦ୍ୟ ଗ୍ରହଣ ଆଦୌ ଉଚିତ ନୁହେଁ । ଜିଭକୁ ଭଲ ଲାଗିବା ଭଳି ଖାଦ୍ୟ ନୁହେଁ ଶରୀରର ଉପଯୁକ୍ତ ଅଭିବୃଦ୍ଧି ପାଇଁ ସନ୍ତୁଳିତ ଭୋଜନ ନିୟମିତ ଯଥାସମୟରେ ଗ୍ରହଣ ସର୍ବାଦୌ ଉଚିତ । ଏଥି ସାଙ୍ଗକୁ ଉପଯୁକ୍ତ ଶ୍ରମ, ବ୍ୟାୟାମ, ନିଦ୍ରା ଓ ସ୍ୱାସ୍ଥ୍ୟରକ୍ଷାର ଆନୁସଙ୍ଗିକ ଦିଗ ପ୍ରତି ସଚେତ ହୋଇ ଯତ୍ନ ନେବା ବିଧେୟ । ଏକ ବା ଏକାଧିକ ପେଟରୋଗ କ୍ଷେତ୍ରରେ ଔଷଧ ସେବନ କରି ଉପଶମ ପାଇବା ବା ଆରୋଗ୍ୟ ହେବା ପରେ ଭବିଷ୍ୟତରେ ଯେପରି ଏସବୁ ନ ହେବ ସେଥିପ୍ରତି ନିରାକରଣମୂଳକ ପଦକ୍ଷେପ ନେବାକୁ ହେବ।

ଔଷଧ ସେବନ, ଆହାର ବିହାରରେ ସଂଯମତା ବ୍ୟତୀତ ନିର୍ଦ୍ଦିଷ୍ଟ କେତେକ ଯୋଗାସନ ଦ୍ୱାରା ବିଭିନ୍ନ ପେଟରୋଗରେ ବିଶେଷ ଭାବରେ ଉପଶମ ମିଳି ନ ଥାଏ, ଅଧିକନ୍ତୁ ରୋଗ ନିରାକରଣରେ ମଧ୍ୟ ସହାୟତା ମିଳିଥାଏ । ପେଟର ଅଧିକାଂଶ ସମସ୍ୟା ବା ଅସୁସ୍ଥତା ଦୂର କରିବାରେ ବକ୍ରାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ 'ସର୍ବରୋଗ ନିବାରଣୀ' କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରତି ଭୋଜନ ପରେ ଅନ୍ୟୁନ ପାଞ୍ଚ ମିନିଟ୍ ବକ୍ରାସନ କଲେ କୋଷ୍ଠବଦ୍ଧତା (ଝାଡ଼ା ସଫା ନ ହେବା ସମସ୍ୟା) ଦୂର ହୋଇଥାଏ । ନିୟମିତ କିଛିଦିନ କଲେ ଏହାର ଉପକାରିତା ଜାଣିହେବ । ଏହି ଆସନରେ ଦୀର୍ଘ ସମୟ ଧରି ଅର୍ଥାତ୍ ପନ୍ଦର ମିନିଟ୍ ବା ଅଧଘଣ୍ଟା ପର୍ଯ୍ୟନ୍ତ ବସିପାରୁଥିବା ରୋଗୀଙ୍କ କ୍ଷେତ୍ରରେ କେବଳ କୋଷ୍ଠବଦ୍ଧତା ସମସ୍ୟା ଦୂର ହୋ ନଥାଏ, ଅଧିକନ୍ତୁ ଅଗ୍ନିମାନ୍ଦ୍ୟ ଓ ଅମ୍ଳପିତ୍ତ ସମସ୍ୟାକୁ ବହୁ ଉପଶମ ମିଳିଥାଏ । ଏହି ଆସନ ନିୟମିତ ଅଭ୍ୟାସ କରିବା ଦ୍ୱାରା ପେଟର ଯାବତୀୟ ସମସ୍ୟା ଦୂର ହୋଇଥାଏ, ପାଚନସଂସ୍ଥାନ ବ୍ୟବସ୍ଥିତ ହୋଇଥାଏ, ତା'ସାଙ୍ଗକୁ ଅନ୍ତନଳୀ ସୁସ୍ଥ ତଥା ସବଳ ରହିଥାଏ । ଏହି ଆସନର ବିଧି, ଚାରି ଚଉତା କମ୍ବଳ ବା ବେଡ୍‌ସିଟ ଉପରେ ଆଣ୍ଠୁମାଡ଼ି ବସିବା ପରେ ଗୋଇଠି ଦ୍ୱୟକୁ ଅଲଗା ରଖିବେ । ନିତମ୍ବର ଦୁଇ ପାର୍ଶ୍ୱକୁ ଯେପରି ଛୁଇଁବ ସେହିପରି ନିତମ୍ବ ବା ପିଚାକୁ ଗୋଇଠି ଦ୍ୱୟ ମଧ୍ୟରେ ହାତକୁ ଆଣ୍ଠୁ ଉପରେ ଲମ୍ବାଇ ପାପୁଲିକୁ ତଳ ମୁହାଁ କରିବା ସହିତ ମୁଣ୍ଡ ଓ ପିଠି ଏକ ସରଳରେଖାରେ ରଖିବେ । ମନକୁ ଶାନ୍ତ ରଖିବା ସହିତ ଦୁଇ ଚକ୍ଷୁପତା ବନ୍ଦ ରଖିବେ । ବାହୁଦ୍ୱୟ ହାଲ୍‌କା ରଖିବେ । ଶ୍ୱାସକ୍ରିୟା ସାଧାରଣ ହେବ । ନାସାପୁଡ଼ାରେ ନିଶ୍ୱାସ ପ୍ରଶ୍ୱାସର ବେଗ ପ୍ରତି ଧ୍ୟାନ ରଖିବାକୁ ହେବ । ଏହା ଦ୍ୱାରା ଶ୍ୱାସକ୍ରିୟା ଧୀର, ମନ୍ଥର ଅଥଚ ଗଭୀର ହେବ।

ପେଟ ଓ ତଳିପେଟର ଉପଯୁକ୍ତି ବ୍ୟାୟାମ ପାଇଁ ଅନ୍ୟ କେତେକ ଯୋଗାସନର ଆବଶ୍ୟକ ହୋଇଥାଏ । ସେଗୁଡ଼ିକ ହେଉଛି ଉତ୍ତାନ ପାଦାସନ, ଚକ୍ରପାଦାସନ, ସୁପ୍ତ ପବନ ମୁକ୍ତାସନ ଓ ନୌକାସନ । ଉତ୍ତାନପାଦାସନ: ଏହାର ବିଧି, ପିଠି କରି ସିଧା ଶୋଇଯିବେ । ପ୍ରଶ୍ୱାସ ଧୀରେ ଧୀରେ ଗ୍ରହଣ କରିବା ଉଚିତ ଡାହାଣଗୋଡ଼ ଯେତେ ଉପରକୁ ସମ୍ଭବ ଉଠାଇ ସିଧା ରଖିବେ' ସେତେବେଳେ ବାମଗୋଡ଼ ତଳେ ଚଟାଣ ସହିତ ସିଧା ବା ସମାନ୍ତରଳ ହୋଇ ରହିବା ଆବଶ୍ୟକ । ଉପରୋକ୍ତ ସ୍ଥିତିରେ ୮ରୁ ୧୦ ସେକେଣ୍ଡ ପର୍ଯ୍ୟନ୍ତ ରହିବେ । ଏହାପରେ ନିଶ୍ୱାସ ଧୀରେ ଧୀରେ ଛାଡ଼ି ଡାହାଣ ଗୋଡ଼କୁ ଚଟାଣ ଉପରକୁ ଓହ୍ଲାଇ ଆଣିବେ । ଏପରି ଗୋଟିଏ ଗୋଡ଼ ପରେ ଅନ୍ୟ ଗୋଡ଼ ସେହି ଶ୍ୱାସକ୍ରିୟା କୌଶଳ ଆଧାରରେ କରିବେ । ଏହାପରେ ୮ ସେକେଣ୍ଡ ପାଇଁ ବିଶ୍ରାମ ନେବେ । ଆସନ ଏହି ପରିପାକ ସଂସ୍ଥାନ; ତଳ ପିଠି, ଜାନୁ, ସିବନୀ (ମଳଦ୍ୱାର ଓ ଯୌନାଙ୍ଗ ମଧ୍ୟବର୍ତ୍ତୀ) ଅଞ୍ଚଳର ମାଂସପେଶୀକୁ ସୁଦୃଢ଼ ରଖିବାରେ ସହାୟତା କରିଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମଦମୁକ୍ତ ବିହାର...

ବିହାରରେ ବିଷାକ୍ତ ମଦ୍ୟପାନ କରି ପୁଣି ଦଫାଏ ଲୋକ ମୃତ୍ୟୁବରଣ କରିଛନ୍ତି । ସରିନା ଜିଲ୍ଲାର ଛାପ୍ରା ଅଂଚଳରେ ବିଷାକ୍ତ ମଦ ପିଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି ଓ ଏହା ୩୯ ଛୁଇଁଛି । ଏଭଳି ବିଷାକ୍ତ ମଦ୍ୟପାନ କରି ଗୁରତର ଭାବେ ଅସୁସ୍ଥ ହୋଇପଡ଼ିଥିବା ଲୋକମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣାକୁ ନେଇ ବିରୋଧୀ ଦଳମାନେ ନୀତିଶ କୁମାର ସରକାରଙ୍କୁ ଘେରିଛନ୍ତି । ରାଜ୍ୟରେ ମଦ୍ୟପାନ ନିଧେଧାଜ୍ଞା ବିଫଳ ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହାର ସ୍ୱର ରାଜ୍ୟ ବିଧାନସଭା ଠାରୁ ନେଇ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଗୁଞ୍ଜରିତ ହୋଇଛି । କିନ୍ତୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି ମଦମୃତ୍ୟୁ ପାଇଁ କୌଣସି କ୍ଷତିପୂରଣ ଦିଆଯିବନାହିଁ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୨୦୧୬ ମସିହା ଏପ୍ରିଲ ୫ ତାରିଖ ଦିନ ରାଜ୍ୟ ଅବକାରୀ ଆଇନକୁ ସଂଶୋଧନ କରି ରାଜ୍ୟ ମଦ୍ୟପାନ ନିଷେଧାଜ୍ଞା ଜାରି କରିଥିଲେ । ସେତେବେଳେ ତାଙ୍କର ଏହି ନିଷ୍ପତ୍ତିକୁ ମଧ ବିରୋଧାଭାସାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ରାଜ୍ୟର ଗ୍ରାମାଞ୍ଚଳ ମହିଳା ଓ ମଦ୍ୟପାନ ନିରୋଧୀ ଗୋଷ୍ଠୀ ନୀତିଶ କୁମାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଦେଶର ଅନ୍ୟ କେତେକ ରାଜ୍ୟ ମଦ୍ୟପାନ ନିଷେଧାଜ୍ଞା ଜାରି କରିଛନ୍ତି । ବିହାର ଏ ଦିଗରେ ପ୍ରଥମ ଅବା ଶେଷ ରାଜ୍ୟ ନୁହେଁ । କିନ୍ତୁ ଲକ୍ଷ୍ୟ କରିବା କଥା, ଏହି ନିଷେଧାଜ୍ଞା ଜାରି ପରେ ଏହାକୁ ବିଧିବଦ୍ଧ ଭାବେ ଅନୁପାଳନ ଅବା ପ୍ରବର୍ତ୍ତନ କରିବା ସକାଶେ କି ପ୍ରକାର ବ୍ୟବସ୍ଥା କରାଯାଇଛି । ଗତ ଛଅ ବର୍ଷ ମଧ୍ୟରେ ବିହାରରେ ପ୍ରତିବର୍ଷ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ଘଟଣା ଲୋକଲୋଚନକୁ ଆସିଛି । ଛାପ୍ରା ପୂର୍ବରୁ ଚଳିତ ବର୍ଷ ଗୋପାଳଗୁଞ୍ଜ, ପଶ୍ଚିମ ଚମ୍ପାରଣ ଜିଲ୍ଲାରେ ଏବଂ ମୁଜାଫରପୁର ଅଞ୍ଚଳରେ ଏଭଳି ଘଟଣା ଘଟି ବହୁ ଲୋକ ପ୍ରାଣ ହରାଇଛନ୍ତି । ସରକାରୀ ପରିସଂଖ୍ୟାନ ସୂଚାଏ ଯେ, କେବଳ ୨୦୨୧ ମସିହାରେ ବିହାରରେ ବିଷାକ୍ତ ମଦ ପିଇ ୬୦ଜଣଙ୍କ ପ୍ରାଣହାନି ଘଟିଛି । ଏହା କେବଳ ସରକାରୀ ହିସାବ । ବେସରକାରୀ ହିସାବ ଏହାଠାରୁ ଢେର୍ ବେଶୀ । ସେହିଭଳି ଗତ ପାଞ୍ଚବର୍ଷ ମଧ୍ୟରେ ଅର୍ଥାତ୍ ମଦ୍ୟପାନ ନିଷିଦ୍ଧ ହେବା ପରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୧୫୦ଲକ୍ଷ ଲିଟର ବେଆଇନ ଦେଶୀ ମଦ ଜବତ ହୋଇଛି । ମଦ୍ୟପାନ ବ୍ୟବସାୟ କରୁଥିବା ଅଭିଯୋଗରେ ଏହି ସମୟରେ ଗିରଫ ହୋଇଥିବା ଲୋକଙ୍କ ସଂଖ୍ୟା ତିନି ଲକ୍ଷରୁ ଅଧିକ । ଏହା କି ପ୍ରକାର ପ୍ରମାଣିତ କରେ ଯେ, ମଦ୍ୟପାନ ନିଷେଧ କରି ସରକାର ଯେଉଁ ଆଦର୍ଶ ପ୍ରଦର୍ଶନ କରିବାକୁ ଚାହିଁଥିଲେ, ଏହାକୁ ସଫଳ ରୂପେ କାର୍ଯ୍ୟାନ୍ୱୟନ କରିବାରେ ସମ-ମାତ୍ରାରେ ବିଫଳ ହୋଇଛନ୍ତି । ଯଦି ପର୍ଦ୍ଦା ଆଡୁଆଳରେ ଏଭଳି ମଦ ବ୍ୟବସାୟ ଚାଲେ, ତେବେ ଏହା ଏକ ପ୍ରହସନ ବ୍ୟତୀତ ଆଉ କିଛି ହୋଇନପାରେ । ମଦ୍ୟପାନ ନିଷେଧାଦେଶ ପରେ ରାଜ୍ୟ ଅବକାରୀ ବିଭାଗ ଓ ପୁଲିସ ବାହିନୀ ଅଧିକ ସତର୍କ ରହିବା କଥା । କାରଣ, ରାତାରାତି ଗୋଟିଏ ରାଜ୍ୟର ମଦ୍ୟପଙ୍କୁ କଦାପି ନିୟନ୍ତ୍ରଣ କରାଯାଇପାରିବ ନାହିଁ । ସେମାନେ ଅବଶ୍ୟ କେଉଁ ନା କେଉଁ ସୂତ୍ରରୁ ତାହା ସଂଗ୍ରହ କରିବେ । ତାହା ବାହାର ରାଜ୍ୟରୁ ହେଉ କିମ୍ବା ରାଜ୍ୟ ଭିତରେ ଚୋରାରେ ପ୍ରସ୍ତୁତ କରାଯାଇ ହୋଇଥାଉ । ବିରୋଧୀ ଦଳଙ୍କୁ ଦୃଢ଼ ପ୍ରତିବାଦରେ ଉତ୍ୟକ୍ତ ହୋଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ବିଚାର୍ଯ୍ୟ । ମଦ ପିଇଲେ ମଣିଷ ମରିବ । ତେଣୁ ମଦ ପିଇବା ଅନୁଚିତ୍ । ଏହା ଅବଶ୍ୟ ଠିକ୍ । କିନ୍ତୁ ରାଜ୍ୟରେ ମଦ୍ୟପାନ ନିଷେଧ କରି ଚୋରା ଓ ବିଷାକ୍ତ ମଦ୍ୟ ପ୍ରସ୍ତୁତିକୁ ରୋକିବାରେ ବିଫଳ ହେବା କଣ ତାଙ୍କ ସରକାରର ଦୁର୍ବଳତା କିମ୍ବା ବିଫଳତା ନୁହେଁ କି ? ଏହି ଘଟଣା ବାରମ୍ବାର ଘଟିଚାଲିବା ସରକାରଙ୍କ ଅବହେଳାର ଉଦାହରଣ ନୁହେଁ କି ? ଏଭଳି ଚୋରା ମଦ ପ୍ରସ୍ତୁତି ଓ ବିକ୍ରୟ ରାଜ୍ୟରେ ବ୍ୟାପିଚାଲିବା ବେଳେ ସରକାର ଏପର୍ଯ୍ୟନ୍ତ କାହିଁକି କୁମ୍ଭକର୍ଣ୍ଣ ନିଦ୍ରା ଯାଇଛନ୍ତି ? ଭବିଷ୍ୟତରେ ଯେ ଏହାର ପୁନରାବୃତ୍ତି ନ ଘଟିବ ତାର କେଉଁ ଗ୍ୟାରେଣ୍ଟି ଅଛି ? ତେଣୁ ବିହାର ସରକାରଙ୍କ ଘୋଷଣା ଓ ବାସ୍ତବ କାର୍ଯ୍ୟ ମଧ୍ୟରେ ଆକାଶ-ପାତାଳ ତଫାତ୍ ଥିବା ଦୃଶ୍ୟ ହୁଏ ନାହିଁ କି ? ପ୍ରତିଥର ମଦମୃତ୍ୟୁ ପରେ ଅସଲ ଅପରାଧୀଙ୍କୁ ଧରିବା ଲାଗି ନୀତିଶଜୀ ଦୃଢ଼ ଘୋଷଣା କରିଥାନ୍ତି । କିନ୍ତୁ ସମୟକ୍ରମେ ଲୋକମାନେ ଭୁଲିଯାଆନ୍ତି । ପୁଣିଥରେ ଏଭଳି ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ଘଟିବା ପରେ ସେକଥା ମନେପଡ଼େ । ତେଣୁ ଯେଉଁ ଆଦର୍ଶ ଓ ଦୃଢ଼ତା ଦେଖାଇ ସେ ରାଜ୍ୟରେ ମଦ୍ୟପାଦ ନିଷେଧ କରିଥିଲେ, ତାହାକୁ ସାକାର କରିବା ଦିଗରେ ସେଇଭଳି ଦୃଢ଼ତା ପ୍ରଦର୍ଶନ ହିଁ ତାଙ୍କ ଭାବମୂର୍ତ୍ତିକୁ ଅକ୍ଷୁର୍ଣ୍ଣ ରଖିବ । ସେଥିପାଇଁ ସେ ପ୍ରୟାସୀ ହୁଅନ୍ତୁ ।

# ଧାନ ମଣ୍ଡି ନହେଉ ବିଳମ୍ବିତ: ଅଭାବୀ ବିକ୍ରିର ଶିକାର ନହୁଅନ୍ତୁ ଚାଷୀ !



ପ୍ରଦୋଷ କୁମାର ଦାସ

ଚଳିତ ବର୍ଷ ପ୍ରାୟ ସବୁ କ୍ଷେତରେ ଧାନ ଫସଲ ଅଳ୍ପ ବହୁତ ଭଲ ହୋଇଛି। ତଥାପି ଓଡ଼ିଶାର ସବୁ ଅଞ୍ଚଳର ଚାଷୀଙ୍କ ମୁହଁରେ ହସ ଫୁଟିବା ଦେଖାଯାଉନାହିଁ। ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷକ୍ଷେତର ରଜା, ଆମ ସଭିଙ୍କର ଅନ୍ନଦାତା : 'ଚାଷୀ ଭାଇ' ଗଲା ସନ ଭଳି ଏସନ ମଧ ତାର ଉପାର୍ଜନର ମୂଲ୍ୟ ପ୍ରାପ୍ତି ପାଇଁ ହରବର ଓ କଲ୍ୱଲ ହେବା ଆଶଙ୍କା ରହିଛି। ରାଜ୍ୟରେ ଧାନ ମଣ୍ଡି ଖୋଲିବାରେ ଅଯଥା ବିଳମ୍ବ ଜନୀତ ଅଭାବୀ ବିକ୍ରିର ଶୀକାର ହେବାକୁ ପଡିବ ବୋଲି ସ୍ଥାନୀୟ ଚାଷୀମାନଙ୍କ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଉଛି। ଦାବି ଅନୁସାରେ ନହେଉ ପଛେ, ସ୍ଥିରୀକୃତ ସରକାରୀ ଧାର୍ଯ୍ୟମୂଲ୍ୟରେ, ତାର ଅମଳ ଧାନକୁ ମଣ୍ଡିରେ ଦେଇ ଦୁଇ ପଇସା ଅଣ୍ଟିରେ ଖୋସି ବର୍ଷକର ଝିନଝଟ ତୁଟାଇ ଟିକେ ଶାନ୍ତିରେ ନିଶ୍ୱାସ କାଳେ ମାରି ପାରିବକି ନା ସନ୍ଦେହ ରହିଛି । ଚାଷୀ ଭାଇ ଯତ୍ନରେ କ୍ଷେତରୁ ସାଉଁଟି ଆଣି ଖଳାକୁ ଆଣିବାପରେ ତାର ଅମଳ ଧାନକୁ ରଖାଥୁଆ ପାଇଁ ସମସ୍ୟା ରହିଛି। ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ବାପୁଡାର କୋ଼ଉ ଅବା ଅମାର ରହିଛିଯେ ? ସଦାବାକିବୁକରରେ ପୀଡ଼ିତ ଚାଷୀ ବିଚରାଟି ଯଦି ସମୟୋଚିତ ତାର ଅମଳ ଧାନକୁ ବିକିନପାରିବ, ତେବେ ତାକୁ ତାର ଉପାର୍ଜନ କିପରି ମିଳିପାରିବ? ଅଭାବୀ ବିକ୍ରିକୁ ଏଡାଇ ସମୟୋଚିତ ସହାୟକ ମୂଲ୍ୟରେ ବିକ୍ରି ବଟା କରିପାରିଲେ, ବର୍ଷ ତମାମ ତାର ପରିବାର ମୁହଁରେ ଆବଶ୍ୟକ ଖୋରାକ ଯୋଗାଇବା ସମ୍ଭବ ହୋଇ ପାରିବ। ହେଲେ ବିଳମ୍ବିତ ମଣ୍ଡି କାରଣରୁ ତାର ସବୁ ଆଶା ଆକାଂକ୍ଷା ଦିବା ସ୍ୱପ୍ନ ପରି ଲାଗୁଛି।

ଏଭଳି ପରିସ୍ଥିତିରେ ଗଲା ସନ ଭଳି ଏସନ ମଧ ଆରମ୍ଭରୁ ମଣ୍ଡି ଖୋଲିବା ନେଇ ପ୍ରଶାସନିକ ସମନ୍ୱୟର ଅଭାବ ରହୁଥିବା ଏବେଠାରୁ ଆଶଙ୍କା ଦେଖାଦେଲାଣି ।ଓଡ଼ିଶାର ଉପ ନିର୍ବାଚନରେ ମାତି ସରକାରୀ କଳ ତଥା ଶାସକ ଦଳକୁ ସତରେ ଏ ବିଷୟରେ ନିଘା ରହିଛି କି, ଚାଷୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଲା ସନ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେହି ମଣ୍ଡି ଅବ୍ୟବସ୍ଥା, ମିଲର ରାଜ, କଟନିଛଟନି ସମସ୍ୟା ସମେତ ସର୍ବ ନିମ୍ନ ସହାୟକ ମୂଲ୍ୟ ଦାବି ଜନିତ ହୋହଲ୍ଲାରେ ଅତିଷ୍ଠ ଅନେକ ଚାଷୀ ବାଧବାଧକତାରେ ଦଲାଲଙ୍କ ହାବୁଡ଼ରେ ପଡ଼ିଥିଲେ। ଫଳରେ ଅସହାୟ ଚାଷୀ ସମୂହ ଅଭାବୀ ବିକ୍ରିର ସାମ୍ନା କରି ଲୁହରକତ କାନ୍ଦିଥିଲେ।

ସୂଚନାଯୋଗ୍ୟ, ଏସନ ଓଡ଼ିଶାର ଅନେକ ସ୍ଥାନରେ ଫସଲ କଟା ଚାଲିଥିବା ବେଳେ ଅନେକ ସ୍ଥାନରେ ଧାନ କଟା ସରିଲାଣି। ଏଭଳି ପରିସ୍ଥିତିରେ ଅମଳ ଧାନକୁ ଧରି ଚାଷୀ ଭାଇ କେବେ ମଣ୍ଡି ଖୋଲିବ ବୋଲି ଚାତକ ପରି ଅନାଇ ରହିଛି। ଦୀର୍ଘ ବର୍ଷ ରୁ ସର୍ବ ନିମ୍ନ ସହାୟକ ମୂଲ୍ୟ ଅର୍ଥାତ୍ 'ଏମ୍ ଏସ୍ ପି' ଉପରେ ଆବଶ୍ୟକ ପଦକ୍ଷେପ ନେବାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ଦ୍ୱନ୍ଦ ରହିଛି। କେନ୍ଦ୍ର ଏଯାଏଁ ଏମ୍ ଏସ୍ ପିକୁ କୁଆଡେ ଆଇନଗତ ମାନ୍ୟତା ପ୍ରଦାନ କରୁନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ଏଯାଏଁ ସମୟୋଚିତ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିବା ନେଇ ବିଳମ୍ବ ହେଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଉପରେ ସମନ୍ୱୟର ଅଭାବ ଦାଣ୍ଡରେ ପଡି ହାଟରେ ଗଡୁଛି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ସରକାର ମଣ୍ଡି ଖୋଲିବା ବିଳମ୍ବିତ କରୁଥିବାରୁ ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାହାର ରାଜ୍ୟର ଦଲାଲ୍ ମାନେ ଗାଁ ଗାଁ ରେ ପଶି ଦଲାଲି ଆରମ୍ଭ କରିଦେଲେଣି। ପଡୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ରାଜ୍ୟର ଧାନ ବ୍ୟବସାୟୀ ମାନେ ସେମାନଙ୍କର ଦଲାଲ୍ ମାନଙ୍କୁ ଗ୍ରାମାଞ୍ଚଳରେ ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ପାଇଁ ନାନା ଫନ୍ଦିଫିକର ଚଳାଇବା ଆରମ୍ଭ କରିଦେଲେଣି।

ଖବର ମୁତାବକ, ଅମଳ ପରେ ସମୟୋଚିତ ମଣ୍ଡି ଖୋଲିବା ବିଳମ୍ବ ଜନୀତ ନିରାଶାର ଶୀକାର ହୋଇ ନବରଙ୍ଗପୁର, କୋରାପୁଟ, ସୁନ୍ଦରଗଡ଼, ଯାଜପୁର, ବାଲେଶ୍ୱର ଆଦି ଜିଲ୍ଲାର ଚାଷୀ ଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି। ଉପରୋକ୍ତ ଅଞ୍ଚଳରେ ନଭେମ୍ବର ୧୫ରୁ ଧାନ କଟା ଓ ଅମଳ ଆରମ୍ଭ ହୋଇଗଲାଣି। ନଭେମ୍ବର ମାସ ଦ୍ୱିତୀୟ ଓ ତୃତୀୟ ସପ୍ତାହରୁ ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଡାବୁଗାଁ , ପାପଡାହାଣ୍ଡିର ଗରିବ ଆଦିବାସୀ ଚାଷୀଙ୍କ ସମେତ କୋରାପୁଟ ଜିଲ୍ଲାର ଜୟପୁର, କୁନ୍ଦୁରା, ବୋରିଗୁମ୍ମାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଓଡ଼ିଶାର ଅନ୍ୟାନ୍ୟ ଅନୁନ୍ନତ ଅଞ୍ଚଳର ଋଣଗ୍ରସ୍ତ ଚାଷୀ ମହଲ ଅମଳ ଧାନକୁ ଧରି ମଣ୍ଡି ବିଳମ୍ବିତ ଜନୀତ ସମସ୍ୟାରେ ପଡ଼ି ଆନ୍ଧ୍ର, ଛତିଶଗଡ଼ର ଦଲାଲ୍ଙ୍କୁ କମ୍ ଦରରେ ଅମଳ ଧାନକୁ ବିକ୍ରି କରିବା ଆରମ୍ଭ କରିସାରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତା ଡ଼ିସେମ୍ବର ୧୫ ରେ ମଣ୍ଡି ଖୋଲିବା ପ୍ରସ୍ତାବ ରହିଥିଲେ ମଧ ସରକାରୀ କଳର ଉଦାସୀନତା ଲାଗି ରହୁଛି। ସାଧାରଣତଃ ମଣ୍ଡିରେ ଟୋକନ ମିଳିବା ସମସ୍ୟା ସମେତ ଅନୀୟମିତ ମଣ୍ଡି ଓ ଅବ୍ୟବସ୍ଥା ଲାଗିରହୁଥିବା ଆଶଙ୍କା ରେ ଅଧୀର ଚାଷୀଟି ହାତରେ ଟୋକନ ଧରି ମଣ୍ଡିରେ ଧାନ ଦେଇପାରୁ ନାହିଁ। ଧାର୍ଯ୍ୟ ତାରିଖରେ ମୋବାଇଲ୍ ସୂଚନା ପାଇବା ଅନୁସାରେ ଦୂରଦୂରାନ୍ତରୁ ଗାଡ଼ିରେ ଧାନ ଆଣିଲେ ମଧ ମଣ୍ଡିକୁ ମିଲର ସମୟୋଚିତ ଆସିପାରୁନାହିଁ। ବେପରୁଆ ମିଲର ଲାଗି ଶୀତ କାକରରେ ଚାଷୀ ଟିକୁ ଖୋଲା ଆକାଶ ତଳେ ରାତି ବିତାଇବାକୁ ପଡୁଛି। ମଣ୍ଡିରେ ଅବ୍ୟବସ୍ଥା ଫଳରେ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି, ବାଲିଶଙ୍କରା, ଲେଫ୍ରିପଡା, ଟାଙ୍ଗରପାଲି ଅଞ୍ଚଳର ଛୋଟ ଓ ନାମମାତ୍ର ଚାଷୀ ବଡ଼ ଅସହାୟ। ଏଠାକାର ଅସହାୟ ଚାଷୀ, ଦଲାଲ୍ଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଅଭାବୀ ବିକ୍ରି କରିବା ଆରମ୍ଭ କରିଦେଇ ଥିବା ଖ୍ୱରରୁ ପ୍ରକାଶ। ଏପରି ପରିସ୍ଥିତିରେ ଛତିଶଗଡ଼ର ଚେକ୍ ପଏଣ୍ଟରେ ସ୍ଥାନୀୟ ଧାନ ମିଳିବା ନେଇ ହଟଚମଟ ସୃଷ୍ଟି ହୋଇ ଥିବା ପ୍ରକାଶ। ଏବାବଦରେ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କୁ ଅବଗତି ରହୁଛି, ନା ନାହିଁ? ବାସ୍ତବରେ ଏହା ସବୁରିଙ୍କୁ ବିଚଳିତ କରିବା ଭଳି ଘଟଣା ଅଟେ।

ସାଧାରଣତଃ ଅମଳ ଧାନର ସମ୍ପରକ୍ଷଣ ଜନୀତ ସମସ୍ୟା ରହୁଥିବାରୁ ଏହାର ବିକ୍ରି ବଟା ପାଇଁ ସମ୍ପୃକ୍ତ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ସ୍ଥାନର ଚାଷୀ ମହଲରେ ଉତ୍କଣ୍ଠା ବଢ଼ିଥିବା ସ୍ୱଭାବିକ ଅଟେ। ଏପରି ସ୍ଥିତିରେ ସେଠାରେ ସରକାରୀ ମଣ୍ଡି ଖୋଲିବା ନେଇ ପ୍ରଶାସନିକ ସ୍ତରରେ ଉଦାସୀନତା ରହୁଥିବା କାରଣରୁ ମଣ୍ଡି ବିଳମ୍ବିତ ହେଉଥିବା ପ୍ରକାଶ।ଏହା ସ୍ଥାନୀୟ ଚାଷୀଙ୍କୁ ଅନୁରୂପ ହତାଶ କରୁଛି। କ୍ଷୁଦ୍ର ଓ ନିମ୍ନ ମଧବିତ୍ତ ଚାଷୀ ତାର ଚାଷରେ ଲଗାଇଥିବା ଋଣ ଅର୍ଥ ସୁଝିବାକୁ ଆକୁଳାଣ ହୋଇ କ୍ଷେତରୁ ହିଁ ଅମଳ ଧାନକୁ କ୍ୱିଣ୍ଟାଲ ପିଛା ମାତ୍ର ୧୧ ଶହରୁ ୧୩ ଶହ / ଅତି ବେଶୀରେ ୧୪ ଶହ ଟଙ୍କାରେ ବିକ୍ରି କରିବାକୁ ବାଧ ହୋଇ ଦଲାଲ୍ଙ୍କୁ ତାହା ଟେକି ଦେଉଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ସମ୍ବଲଗ୍ନ ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଉପରୋକ୍ତ ମୁଲ୍ୟରେ ଧାନ ବିକ୍ରି କରିବା ସୂଚନାରୁ ପ୍ରକାଶ। ଏହି ଘଟଣା ସାଧାରଣରେ ମଣ୍ଡି ବିଳମ୍ବିତ ଜନୀତ ଅଭାବୀ ବିକ୍ରିକୁ ସୁଚାଉଛି। ଖୋର୍ଦ୍ଧା ଜିଲ୍ଲାରେ ଡିସେମ୍ବର ୩୦ ତାରିଖ ରେ ମଣ୍ଡି ଖୋଲିବା ପ୍ରସ୍ତାବ ରହିଥିଲେ ମଧ ଏହି ଜିଲ୍ଲାର ଅନେକ ସ୍ଥାନରେ ଧାନ କଟା ସରିଲାଣି। ବାଲେଶ୍ୱର ଜିଲ୍ଲାରେ ଡିସେମ୍ବର ୨୦ ବେଳକୁ ମଣ୍ଡି ଖୋଲୁଥିବା ସୂଚନାରୁ ପ୍ରକାଶ। ଏହି ଜିଲ୍ଲାର ବାହାନଗା, ବାଲିଆପାଳ, ବାଲିଆପଟା ବ୍ଲକର ବିଭିନ୍ନ ସ୍ଥାନରେ ଚାଷୀ ମଧ ତାର ଅମଳ ଧାନକୁ ଅଭାବୀ କରୁଥିବା ଖବରରୁ ଜଣାଯାଇଛି। ଯାଜପୁର ଜିଲ୍ଲାରେ ଆସନ୍ତା ଜାନୁଆରୀ ୪ ବେଳକୁ ମଣ୍ଡି ଖୋଲିବା ପାଇଁ ସୂଚନା ଆସୁଛି। ଏହି ଜିଲ୍ଲାର କୋରେଇ, ସୁକିନ୍ଦା, ଦାନଗଦି, ଧର୍ମଶାଳା ଆଦି ଅଞ୍ଚଳରେ ଏମ୍ ଏସ୍ ପି ଠାରୁ ଯଥେଷ୍ଟ କମ୍ ଦରରେ ଧାନ ବିକ୍ରି ଚାଲିଥିବା ଖବରରୁ ପ୍ରକାଶ। କେବଳ ସେତିକି ନୁହେଁ, ବରଗଡ଼, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, ନୂଆପଡ଼ା, ଜିଲ୍ଲାରେ ୪୭ ହଜାର ୬୭୦ ଚାଷୀଙ୍କ ଠାରୁ ପ୍ରାୟ ୨୩ ଲକ୍ଷ ୭୨ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲେ ମଧ ସମ୍ପୃକ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଳମ୍ବିତ ଧାନ ସଂଗହ କାରଣରୁ ଚାଷୀଙ୍କୁ କମ୍ ଦରରେ ଧାନ ବିକିବାକୁ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୁଏ। ଏହି କାରଣରୁ ମିଲର ଓ ଦଲାଲଙ୍କ ସଲାସୁତରାରେ 'ଏମ୍ ଏସ ପି' କୁ ଫାଙ୍କିବାକୁ ସୁଯୋଗ ସୃଷ୍ଟି ହୋଇଛି।

ଶେଷରେ ଏତିକି କୁହାଯାଇପାରେ, ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଧାନ ଚାଷ ଓ ଅମଳକୁ ଧାନ ଦେଇ ସମୟୋଚିତ ଧାନ ସମ୍ପଗହ ନିମିତ୍ତ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯାଉ। ସ୍ୱଚ୍ଛ ଉପାୟରେ ଟୋକନ ପ୍ରଦାନ ଓ ଧାର୍ଯ୍ୟ ତାରିଖରେ ଧାନ ସମ୍ପଗ୍ରହ ପାଇଁ ମିଲରଙ୍କ ଆବଶ୍ୟକ ପଦକ୍ଷେପ ରହୁ । ଏଥି ସହିତ ସରକାରଙ୍କ ପକ୍ଷରୁ ସହଳ, ନିୟମିତ ମଣ୍ଡି ଖୋଲିବାକୁ ବ୍ୟବସ୍ଥା ହେଉ। ଏଥିରେ ମିଲରଙ୍କୁ ଧାନ ସମ୍ପଗହ ବେଳେ କଟନିଛଟନି ଜନୀତ ଅନୀୟମିତତା ଦୂରୀକରଣ ନିମନ୍ତେ ଆବଶ୍ୟକ ସରକାରୀ ନୀରିକ୍ଷଣ ଓ ପରିଚାଳନା ଜରୁରୀ। ପ୍ରତି ପଞ୍ଚାୟତରେ ଅମଳ ଧାନର ଆବଶ୍ୟକ ସମ୍ପରକ୍ଷଣ ଓ ମଣ୍ଡି ପରିଚାଳନାରେ ସ୍ୱଚ୍ଛତାକୁ ବିଶେଷ ଧାନ ଦିଆଯିବା ମଧ ଜରୁରୀ। ମଣ୍ଡି ପରିଚାଳନା ସମୟୋଚିତ ଓ ସୁନିୟନ୍ତ୍ରିତ ହେବାକୁ ଉଭୟ ଚାଷୀ ଓ ମିଲରଙ୍କ ମଧ୍ୟରେ ସମନ୍ୱୟ ରହିବା ପ୍ରଣୀଧାନ ଯୋଗ୍ୟ ଅଟେ। ଅଭାବୀ ବିକ୍ରି ରୋକିବାକୁ ସରକାର କୃଷି ବିଭାଗର ପ୍ରତ୍ୟକ୍ଷ ସମ୍ପଯୋଜନା ତଥା ପ୍ରଶାସନିକ ପଦକ୍ଷେପ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ମଣ୍ଡିରେ ଅମଳ ଧାନ ଦେବାପରେ ଚାଷୀ କୁ ତାର ପ୍ରାପ୍ୟ ପ୍ରଦାନ ରେ ତ୍ୱରିତ ବ୍ୟବସ୍ଥା ହେଉ। ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଓ ବିଳମ୍ବିତ ଓ ଅନୀୟମିତ, ଅସମୟ ମଣ୍ଡି କେଉଁ ମଧ ଚାଷୀଙ୍କ ହିତରେ ନଥାଏ। ବାସ୍ତବରେ ଏହା ଦଲାଲ୍ ଓ ଅସାଧୁ ମିଲରଙ୍କ ମାଧମରେ ଚାଷୀ ଶୋଷଣର କାରଣ ହେବାକୁ ପରିସ୍ଥିତି ସୃଷ୍ଟି କରିଥାଏ।ଯେପରି କଙ୍କଡାକୁ ଗୋଳିଆ ପାଣି ସୁହାଇଲା ଭଳି ହୋଇ ଥାଏ। ଦେଶର ସୁରକ୍ଷା କ୍ଷେତ୍ରରେ ଯୁଦ୍ଧ ଲଢ଼ିବାକୁ ଜୟ ଜବାନ ସମାନ କୃଷି କ୍ଷେତ୍ରରେ ଫସଲ ଉପୁଜାଇ ପ୍ରତି ପିଣ୍ଡରେ ଅନ୍ନ ଦାନ କରୁଥିବା ଜୟ କିଶାନଙ୍କୁ ସହଯୋଗର ହାତ ବଢ଼ାଇବାରେ ଉଭୟ ଆମ ସରକାର ତଥା ଆମ ସମସ୍ତଙ୍କର ସହଯୋଗ ନିହାତି ଜରୁରୀ।

♥ନାଟୁଣୀ ଖୋର୍ଦ୍ଧା
ପିନ୍-୭୫୨୦୩୪
ମୋ: ୬୩୭୦୪୯୫୯୪୪

# ଛିଦ୍ରର ଭୟ - ଟ୍ରାଇପୋଫୋବିଆ



ଡାକ୍ତର ସମ୍ରାଟ କର

ସୌମ୍ୟଜିତ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ। ସେ ମୋର ଜଣେ କଲେଜ ସମୟର ବନ୍ଧୁ। କିଛି ଦିନ ତଳେ ତାଙ୍କ ଘରୁ ତାଙ୍କ ବଡ଼ଭାଇ ମୋତେ ମୋବାଇଲ ଦ୍ୱାରା ଜଣାଇଲେ ଯେ ଇତିମଧ୍ୟରେ ସୌମ୍ୟଜିତ ଘରେ ବା ବାହାରେ କୌଣସି ଜାଗାରେ ଛିଦ୍ରକୁ ଦେଖିଲେ ତା ଭିତରେ ଏକ ପ୍ରକାର ଅହେତୁକ ଭୟ ରହୁଛି। ମୁଁ ତାଙ୍କୁ ବ୍ୟସ୍ତ ନ ହେବା ପାଇଁ କହିଲି ବାସ୍ତବରେ ଏହା ଏକ ପ୍ରକାର ମାନସିକ ରୋଗ। ତେବେ ଏହାକୁ ଏହାକୁ ନେଇ ସେତେବଡ଼ ଭୟଭୀତ ହେବାର ନାହିଁ। ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଟ୍ରାଇପୋଫୋବିଆ ନାମକ ମାନସିକ ରୋଗର ଶିକାର ହୋଇଥିବା ରୋଗୀ ସାମାନ୍ୟ ଛିଦ୍ରକୁ ଦେଖି ଭୟ କରିଥାନ୍ତି। ଷ୍ଟ୍ରବେରୀ, ମହୁଫେଣା, ସୂର୍ଯ୍ୟମୁଖୀ ଫୁଲ, ଡାଳିମ୍ବ, ସ୍ପଞ୍ଜ ଓ ଜାଲିଦାର ଜିନିଷ ଆଦିରେ ଥିବା ଛିଦ୍ରକୁ ଦେଖି ରୋଗୀ ଭୟଭୀତ ହୋଇଯାନ୍ତି। ଏଭଳି ମାନସିକ ଅବସ୍ଥାକୁ ଟ୍ରାଇପୋଫୋବିଆ କୁହାଯାଏ। ଏହାକୁ ହୋଲ୍ସ ଫୋବିଆ ମଧ କୁହାଯାଏ। ଗ୍ରୀକ୍ ଶବ୍ଦ ଟ୍ରାଇପୋ ଅର୍ଥ ହେଉଛି ଛିଦ୍ର ଏବଂ ଫୋବିଆ ହେଉଛି ଭୟ। ତେଣୁ ଏହାକୁ ଟ୍ରାଇପୋଫୋବିଆ ବା ଛିଦ୍ରର ଭୟ ବୋଲି କୁହାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ରୋଗୀଟି ଚାହା ଓ କଫିରେ ଥିବା ଫେଣକୁ ଦେଖି ମଧ ଭୟଭୀତ ହୋଇଯାଏ। ବହୁବର୍ଷ ପୂର୍ବରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଟ୍ରାଇପୋଫୋବିଆ ଜେନେରାଲଜ୍ଡ ଏଙ୍ଗଜାଇଟି ଡିଜଅର୍ଡ଼ର ସହିତ ଜଡ଼ିତ। ତେଣୁ ଟ୍ରାଇପୋଫୋବିଆରେ ପୀଡ଼ିତ ରୋଗୀ ମେଜର ଡିପ୍ରେସିଭ ଡିଜଅର୍ଡ଼ରର ଅନୁଭବ କରିଥାନ୍ତି। ଛିଦ୍ରଯୁକ୍ତ କୌଣସି ବସ୍ତୁକୁ ଦେଖିବା ମାତ୍ରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ହୋଇ ଝାଳ ବାହାରିଥାଏ। ଶରୀରର ବିଭିନ୍ନ ଅଂଶ କୁଣ୍ଡେଇ ହେବା ଭଳି ଅନୁଭୂତ ହୁଏ ଏବଂ ଅଣନିଃଶ୍ୱାସୀ ଲାଗିଥାଏ। ହାତ ଗୋଡ ଥରିଥାଏ। ଏ ପର୍ଯ୍ୟନ୍ତ ଏହାର ସଠିକ କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। କିନ୍ତୁ ଗବେଷଣାତ୍ମକ ତଥ୍ୟ ଅନୁସାରେ କୁହାଯାଉଛି ଯେ, ଯଦି ରୋଗୀ ପୂର୍ବରୁ କୌଣସି ଗମ୍ଭୀର ତ୍ୱଚା ସମସ୍ୟା ଯାଦୁ, କାଛୁ, ଲାଲ ଚକଡ଼ା ଭଳି ତ୍ୱଚାରୋଗ, ମିଳିମିଳା, ଚିକେନପକ୍ସ ଇତ୍ୟାଦିରେ ପୀଡ଼ିତ ହୋଇଥିବେ ଏବଂ ତାହାର ଚିକିତ୍ସା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବ, ତାହେଲେ ସେମାନେ ଭବିଷ୍ୟତରେ ଟ୍ରାଇପୋଫୋବିଆରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ। ସେହି ରୋଗର ଭୟ ସେମାନଙ୍କୁ ଅନ୍ୟ ଛିଦ୍ରଯୁକ୍ତ ବସ୍ତୁରେ ଦେଖାଯାଇଥାଏ। ଏହା ବ୍ୟତୀତ ଛିଦ୍ରଯୁକ୍ତ ତ୍ୱଚାବିଶିଷ୍ଟ କୌଣସି ବିଷାକ୍ତ କୀଟପତଙ୍ଗ ଓ ସରୀସୃପର ଭୟ ମଧ ଅନ୍ୟାନ୍ୟ ଛିଦ୍ରଯୁକ୍ତ ଜିନିଷ ସହିତ ଯୋଡ଼ି ହୋଇଯାଏ। ଟ୍ରାଇପୋଫୋବିଆକୁ ନେଇ କେତେକ ନ୍ୟୁରୋଲୋଜିକାଲ ଗବେଷଣା ମଧ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, କୌଣସି ଛିଦ୍ରଯୁକ୍ତ ବସ୍ତୁକୁ ଭୟ କରୁଥିଲେ ମସ୍ତିଷ୍କରେ ରକ୍ତର ପ୍ରବାହ ଅଧିକ ହୋଇଥାଏ। ତେଣୁ ମସ୍ତିଷ୍କ ସେତେବେଳେ କୌଣସି ନିଷ୍ପତ୍ତି ନେଇପାରେନାହିଁ ଏବଂ ଉକ୍ତ ବସ୍ତୁକୁ ଦେଖାଯିବା ଉଚିତ ନୁହେଁ ବୋଲି ମସ୍ତିଷ୍କ ଦୃଷ୍ଟିଶକ୍ତି ସମ୍ପର୍କିତ ସ୍ନାୟୁକୁ ପ୍ରତିକ୍ରିୟା ବାର୍ତ୍ତା ଦେଇଥାଏ। ତେଣୁ ମସ୍ତିଷ୍କର ନିର୍ଦ୍ଦେଶ ଅନୁସାରେ ଆଖି ଉକ୍ତ ବସ୍ତୁକୁ ଦେଖିବା ପାଇଁ ଚାହେଁନାହିଁ ବା ଦେଖିବା ପାଇଁ ଭୟ କରେ। ଯେ କୌଣସି ବୟସରେ ଏହି ରୋଗର ଲକ୍ଷଣ ଦେଖାଯାଏ। ତେଣୁ ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ମନୋଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ। ପ୍ରଥମ ପର୍ଯ୍ୟାୟରେ କାଉନସେଲିଂ ଏବଂ କେତେକ ଥେରାପି ଦ୍ୱାରା ଟ୍ରାଇପୋଫୋବିଆର ଚିକିତ୍ସା ସମ୍ଭବ ହୋଇଥାଏ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ,
କଟକ,
(ମୋ) : ୯୧୩୨୪୩୩୩୩୩




## ଶୀତୁଆ ସଞ୍ଜ

ନୂତନ କୁମାର ବେହେରା

ନଇଁ ନଇଁ ଆସେ ଶୀତୁଆ ସଞ୍ଜ
ହାଇ ମାରି ଅଳସେ ସର୍ବାଙ୍ଗ ଘୋଡ଼ାଇ
ବେକ କାଢ଼ି କଇଁଚ ପରି ଧିରେ ଧିରେ
ଥରାଏ ଛାତି ଥିରି ଚାଲି ଇତସ୍ତତଃ
ଛାଇ ଅନ୍ଧାରର ବାଟେ ପାଦ ହୁଏ ଛନ୍ଦି
ଅଜଣା ଆତଙ୍କେ ମନକୁ ଆଣି ଭୟ
ଶୀତୁଆ ସଞ୍ଜ ଲାଜେଇ ଯାଇ
ସଂକୁଚିତ ହୁଏ ଲାଜକୁଳୀ ଲତା ପରି
ହାତେ ଦାଆ ଧରି ଧାନ କଟାଳି ଫେରେ
ଦେହର ଲୋମ ଉଠୁଥାଏ ଟାଙ୍କୁରି
ଗାଈ ପଛେ ଦୌଡ଼ି ଧୂଳି ଉଡ଼ାଏ ବାଛୁରୀ
ଛାଡୁଥାଏ ବାର ବାର ହମ୍ବାରଡ଼ି
କାନ୍ଧେ ଧାନ ଭାର ବୋହି ଖଳାକୁ
ଚାଷି ମୂଲିଆ ଆସୁଥାଏ ଧାଇଁ ଧାଇଁ
ସୁଲୁ ସୁଲିଆ ଶୀତଳ ପବନେ ସଞ୍ଜଦୀପ
ଅଙ୍କେଇ ବଙ୍କେଇ ନାଚୁଥାଏ ଚଉରାମୂଳେ
ଶଙ୍ଖ ବଜାଏ ମାଆ ସାଆନ୍ତାଣୀ
ବୋହୂ ଶିଖିନି ବୋଲି ଭଲରେ ବଜାଇ
ଗାଁ ପଡ଼ିଆରେ ପିଲାଙ୍କର କୋଳାହଳ
ଛକ ଛକ ଯାଗାରେ ନିଆଁପୁହାଁ ହୁଏ ଭିଡ଼
ଧୂଆଁ ଉଠୁଥାଏ କୁଟା ପତରର ଜାଳେ
ଅସମୟେ ଶୀତୁଆ ସଞ୍ଜଟା କନ୍ଦାଇ ଦିଏ
ମା' କୋଳର କ୍ଷୀର ପିଆ ଛୁଆଟାକୁ
ବୁଢ଼ା ଶଶୁର ବସିଛି ଜଗି ପିଇବାକୁ ଚାହା
ଶୋଇଲେ ପୁଅ ବୋହୂମାଆ ତିଆରି
ଦେବ
ଶୀତର ଦାଉ ପାରୁନି ସହି ବୟସ ଆଉ
ଖୁ ? ଖୁଁ କାଶ ସାଥୀରେ ପେଲୁଛି ଧଇଁ
ଶିଶିର ପଡ଼ି ହେମାଳ ହୁଏ ଘର ଅଗଣା
ଘର ଭିତରେ ବିଛଣା ପାରି ଜୁଡୁବୁଡୁ
ଶୀତୁଆ ସଞ୍ଜ ନେଇ ଆସେ ଅନ୍ଧାର ରାତି
କମଳ ଭିତରର ଉଷୁମ ହୁଏନା ଛାଡ଼ି
ଯେତେ କମଳକୁ ସେତେ ଶୀତ
ହେଉଥାଉଁ ଏପଟ ସେପଟ ଭିଡ଼ି ମୋଡ଼ି।

♥ ବାରିପଦା, ମୟୂରଭଞ୍ଜ

## ଖୁସିର ଦୀପ...

ଗିରିଶ ପାତ୍ର

ଅକୁହା କଥାକୁ ଚାପିରଖିଲି,
ମନର ଗନ୍ତା ଘରେ ।
ସତ ପାଇଁ ମୁଁ ଲଢିବା କଥା,
ମୋମନ ଜିଦ୍ଦି ଧରେ ।

ଯଦି ନ କରିବି କାପାଇଁ କିଛି,
ସମାଜ କହିବ ହୀନ ।
କିହେ ନେଇ ନାହିଁ କିଛିତ କେବେ,
ସେମିତି ଯାଏ ଦିନ ।

ନୂଆ ସମାଜର ନୂଆ ମନ୍ତ୍ର ଟିଏ,
ପୋଛିବା ଆଖିର ଲୁହ ।
ନିର୍ଯାତନା ସବୁ ଦୁରେଇ ପାରିଲେ,
କେମିତି ଲାଗିବ କୁହ ।

ବୃକ୍ଷ ରୋପଣରେ ସାମିଲ ହେଇ,
ଗଛକୁ ଦେଲେ ବୁନ୍ଦେ ପାଣି ।
ବୃକ୍ଷ ପରା ମନୁଷ୍ୟର ପ୍ରକୃତ ବନ୍ଧୁ,
ଅମ୍ଳଜାନ ଦିଏ ଛାଣି ଛାଣି ।

ପକ୍ଷୀ ଉଡିବେ ନଡରି କାହାକୁ,
ନଥିବ ତାପାଇଁ ଫାସ ।
କଢି ଫୁଟି ଫୁଲ ସୁନ୍ଦରେ ରହିବେ,
ଚହଟିବ ତାର ବାସ ।

ନାରୀ ଜାତି ପାଇଁ ସମ୍ମାନ ଜାଗିବ,
ହସିକି ରହିବେ ସତେ ।
ଗରିବଙ୍କ ଆଖିରୁ ଲୁହ ପୋଛିଲେ,
ମନ ଖୁସିହେବ କେତେ ।

ରାଗ ଅହଂକାର ପରିତ୍ୟାଗ କରି,
ସମସ୍ତେ ରହିଲେ ଶାନ୍ତ ।
ଗାଲି କଲି ସବୁ ଦୁରେଇ ଯାଆନ୍ତା,
ହସି ଦେବ ଘର କାନ୍ଥ ।

ଘର କାନ୍ଥ ତ ନିର୍ଜିବ ଟିଏ ଭାଇ,
ତାର ଦେହେ ନଲାଗିଲେ ଦାଗ ।
କାନ୍ଥବି ବୁଝନ୍ତା ଶାନ୍ତି ଘର ଟିଏ,
ବନ୍ଧା ହୋଇଛି ନିବିଡ ଭାବ ।

ସଜାଡ଼ିବା କିଛି ନୂଆ ବ୍ୟବସ୍ଥା,
ଆଗରେ ରଖିବା ଶିକ୍ଷା ।
ପାଠ ପଢି ଲୋକେ ମଣିଷ ହେବେ,
ଲୋଡା ହେବନି ଭିକ୍ଷା ।

ବାପା ମାଁଙ୍କର ଆଶିର୍ବାଦ ନେଇ,
ଯିବା ଆଗକୁ ବଢି ।
ଯାହାଙ୍କ ପାଦେ ଶରଣ ପଶିଲେ,
ଫୁଲ ହେଇଫୁଟେ କଢି ।

ମଲା ବେଲକୁ ଲୋଡା ନାହିଁ କିଛି,
ଲୋଡା ନାହିଁ ଫୁଲ ମାଳ ।
ମଣିଷ ପରି କିଛି କାମ କରିଥିଲେ,
ସତେ କଥା ଥିବ କାଲ କାଲ ।

ପାଣି,ଖାଦ୍ୟକୁ ଅବ୍ୟବହାର ନକରି ,
ଯତ୍ନ ନେବା କିଛି ହେଲେ ।
ପରେ ଯତ୍ନ ନେବାପାଇଁ ସମୟ
ନଥିବ,
ସବୁ ସରିଗଲା ବେଲେ ।

କୋଣାର୍କର ସେଇ ମୁଣ୍ଡି ମରା ଭଳି,
ସବୁ ଶାନ୍ତିରେ ଗଢିବା ଚାଲ ।
ଅପରିଷ୍କାର ହେଇ ଖେଳି ବୁଲିଲେ
ପରେ ଏକା ସିନା ସେଇ କାଲ ।

ଦିନ ଅଛି ଏଇ ଆମ ନିଜ ପାଇଁ,
କରିଥିଲେ କିଛି ଭଲ ।
ନୂତନ ପିଢି ପାଇଁ ଖୁସିର ଦୀପ,
ଦେଖାଯିବ ଜଳ ଜଳ ।

♥ ରେଙ୍ଗାଲି
ଲୋଇସିଂହା, ବଲାଙ୍ଗିର
ମୋ: ୮୪୫୫୯୯୨୪୦୨

## ଅକୁହା ମନର ଭାବନା

ରମାକାନ୍ତ ଦାସ

କିଛି ଆକାଂକ୍ଷିତ ନିରବତା
କିଛି ଭଙ୍ଗା ଭଙ୍ଗା ସ୍ୱପ୍ନ ଓ
କିଛି ଅକ୍ତାମକ୍ତା ପଣକୁ ନେଇ ମୋର
ମୋର ଏ ଅକୁହା ମନର ଭାବନା
ଯେଉଁ ଭାବନାକୁ
ମୁଁ ତୁମକୁ କହିପାରେ ନାହିଁ ।।

ବେଳେବେଳେ ବହୁତ କଷ୍ଟଦିଏ
ଏ ଅକୁହା ଭାବନା ସବୁ
ଅଦିନ ଝଡ଼ରେ ଭାଙ୍ଗିଯାଏ
ତୁମ ଅଜାଣତେ
ତୁମକୁ ନେଇ ଗଢିଥିବା
ସେ ପ୍ରେମର ବସାଟି
ଖୋଲା ଆକାଶର
ମୁକ୍ତ ବିହଙ୍ଗଟିଏ ହୋଇ
ଉଡିବାକୁ ଇଛାଥିଲେ ବି
ମୁଁ ବାରମ୍ବାର ବନ୍ଦିହୋଇଯାଏ
ତୁମ ପ୍ରେମର ସେ ମାୟା ଜାଲରେ
।।

ଜାଣେନା କାହିଁକି........ ?
ଏ ଆଖି ପ୍ରତିମୁହୂର୍ତ୍ତରେ ଚାହେଁ
ତୁମକୁ ଦେଖିବାକୁ
ଏ ମନ ପ୍ରତିମୁହୂର୍ତ୍ତରେ ଚାହେଁ
ତୁମକୁ ଭାବିବାକୁ
ତୁମ ଅପେକ୍ଷାରେ ବିତିଯାଏ
କେତେ ଦିନ ଓ କେତେ ରାତି !!

ଜାଣିନି.............!!
ତୁମେ କେବେ ବୁଝିପାରିବ କି ନାହିଁ
ମୋ ମନର ଏ ଅକୁହା ଭାବନାକୁ
କିନ୍ତୁ , ଆଜି ବି ତୁମ ଅପେକ୍ଷାରେ
ଏ ଅମାନିଆ ଇଛା ଗୁଡିକ
ରଙ୍ଗିନ୍ ପ୍ରଜାପତି ହୋଇ
ଡେଣା ଝାଡ଼ି ଉଡିଯାଆନ୍ତି
ମିଶିଯାଆନ୍ତି ତୁମ ଭାବନାର
ଦୂର ଦିଗବଳୟରେ ।।

♥ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର









କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୭)

# ଲଂକା ଅଭିଯାନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ହନୁମାନ ମାତା ସୀତାଙ୍କୁ ଠାବ କରି କିସ୍କିନ୍ଧ୍ୟା ଫେରି ଆସିଲେ । ସେ ଓ ଅନ୍ୟ ବାନର ସେନା ପ୍ରଭୁ ଶ୍ରୀରାମଙ୍କୁ ଭେଟିଲେ ଓ ମାତା ସୀତାଙ୍କ ବାର୍ତ୍ତା ଦେଲେ । ମାତା ସୀତାଙ୍କ ଖବର ପାଇ ରାମ-ଲକ୍ଷ୍ମଣ ଶୋକାକୁଳ ଅଭିଯାନ ଲାଗି ସୀତାମାଙ୍କ ଅନୁମତି ଲୋଡ଼ିଲେ । ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

'ପିଲାମାନେ ଆମେ ରାମାୟଣର ସୁନ୍ଦରାକାଣ୍ଡ କଥା ସାରିଲେ । ଆଜିଠାରୁ ଆମେ ଲଂକାକାଣ୍ଡ କଥା ଶୁଣିବା । ରତ୍ନାକର ଗର୍ମବଟୁଙ୍କ କୃତ ବାଲ୍ମୀକି ରାମାୟଣ ଅନୁସାରେ ମୁଁ ଲଙ୍କାକାଣ୍ଡ କଥା କହୁଛି ।

'ସୀତାଙ୍କୁ ଠାବ କରି ଥିବାରୁ ଓ



ତାଙ୍କଠାରୁ ବାର୍ତ୍ତା ଆଣିଥିବାରୁ ପ୍ରଭୁ ଶ୍ରୀରାମ ହନୁମାନଙ୍କୁ ଧନ୍ୟବାଦ ଦେଲେ ଓ ତାଙ୍କର ପ୍ରଶଂସା କଲେ । ମାତ୍ର ହନୁମାନଙ୍କଠାରୁ ଲଙ୍କାର ହରଣ ଓ ବର୍ଣ୍ଣନା ଶୁଣି ତାଙ୍କ ମନ ଶଂକାକୁଳ ହୋଇ ଉଠିଲା । ଲଙ୍କାରେ ପହଂଚିବା ଏବେ ସହଜ ହେବନି । ଏକଥା ଶ୍ରୀରାମ ଚିନ୍ତାକଲେ । ରାମଙ୍କ ମନକଥା ସୁଗ୍ରୀବ ବୁଝି ପାରିଲେ ଓ କହିଲେ- 'ହେ ମିତ୍ର ଆପଣଙ୍କ ପାଇଁ କଣ ଅସମ୍ଭବ । ଆପଣ ଚାହିଁଲେ ସ୍ୱର୍ଗ, ପାତାଳ ଓ ମର୍ତ୍ତ୍ୟକୁ ସହଜରେ ନିଜ ଅଧିନକୁ ଆଣି ପାରିବେ । ଆପଣ ଧୈର୍ଯ୍ୟ ଧରନ୍ତୁ । ଆମର ନିଶ୍ଚୟ ଜୟ ହେବ । ରାବଣକୁ ବଧକରି ଆପଣ ମାତା ସୀତାଙ୍କୁ ମୁକ୍ତ କରିବେ ।

ହନୁମାନ ମଧ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ- ହେ ପ୍ରଭୁ, ଆପଣ ଚିନ୍ତା କରନ୍ତୁନି । ଆପଣଙ୍କ ଆଶୀର୍ବାଦ ନେଇ ଆପଣଙ୍କ ଏ ଅନୁଗତି ରାବଣକୁ ହରାଇ ପାରିବ, ଲଙ୍କାକୁ ଧୂଳିସାତ୍ କରି ପାରିବ । ମିତ୍ର ସୁଗ୍ରୀବ ଓ ହନୁମାନଙ୍କ ବାକ୍ୟ ଶ୍ରୀରାମଙ୍କୁ ଆନନ୍ଦିତ କଲା । ସେ ସଂଗେ ସଂଗେ ଲଙ୍କା ଅଭିଯାନ ଆରମ୍ଭ କରିବାକୁ ଆଦେଶ ଦେଲେ । 'ସୀତାଙ୍କୁ ମୁକ୍ତ କରିବା କାମ ଆମେ ଅବିଳମ୍ବେ କରିବା । ସମସ୍ତେ ଯୁଦ୍ଧଯାତ୍ରା ଲାଗି ପ୍ରସ୍ତୁତ ହୋଇଯାଅ ।

ଶ୍ରୀରାମଙ୍କ ଆଦେଶ ପାଇ ବାନରସେନା ଖୁସି ହେଲେ ଓ ଲଙ୍କା ଅଭିଯାନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଗଲା ।

ଯୁଦ୍ଧ ଯାତ୍ରା ଲାଗି ସମସ୍ତ ଶୁଭ ଲକ୍ଷଣ ଦେଖା ଯାଉଥିଲା । ନଳଙ୍କୁ ମାର୍ଗ ଦର୍ଶନ କରିବାକୁ ଶ୍ରୀରାମ ଅନୁରୋଧ କଲେ । ଦୁର୍ବଳ ବାନରମାନଙ୍କୁ କିସ୍କିନ୍ଧ୍ୟାରେ ରହିବାକୁ କହିଲେ ଶ୍ରୀରାମ । ଅନ୍ୟମାନଙ୍କୁ ଶୀଘ୍ର ପ୍ରସ୍ତୁତ ହେବାକୁ ସେ ଆଦେଶ ଦେଲେ । ଶ୍ରୀରାମ ବାନରସେନାଙ୍କୁ ଯୁଦ୍ଧ ଯାତ୍ରା ଲାଗି ଆହ୍ୱାନ ଦେଲାପରେ ସେମାନଙ୍କ ମଧ୍ୟରେ ଅହରହ ଉତ୍ସାହ ଦେଖାଯାଉଥିଲା । ଠିକ୍ ସେହି ସମୟରେ ଲଙ୍କାପୁରରେ ଅନେକ ଅଘଟଣ ଘଟୁଥିଲା । ରାବଣ ଚିନ୍ତିତ ହୋଇ ପଡ଼ିଥିଲା । ସେ ତାର ପାତ୍ରମନ୍ତ୍ରୀ, ବିଭୀଷଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଓ ଅନ୍ୟମାନଙ୍କୁ ନେଇ ରାଜସଭାରେ ବିଚାର ବିମର୍ଷ ଆରମ୍ଭ କରି ଦେଇଥିଲା ।

ହନୁମାନ ଲଙ୍କାରେ ଧ୍ୱଂସ-ଲୀଳା ସାରି ଫେରିଲା ପରେ ରାବଣ ଚିନ୍ତା କଲା- ଯଦି ରାଣାଙ୍କର ହୁଏ ଏତେ ବଳଶାଳା, ତାହାଲେ ସଂପୂର୍ଣ୍ଣ ବାନର ସେନା ଓ ରାମ ଲକ୍ଷ୍ମଣ କେତେ ବଳଶାଳୀ ହୋଇନଥିବେ । ସେଥିଲାଗି ଶ୍ରୀରାମ ଓ ତାଙ୍କ ଅନୁଚରମାନେ ନିଶ୍ଚିତ ଭାବରେ ସମୁଦ୍ର ପାରି ହୋଇ ଲଙ୍କାରେ ପହଂଚିବେ ଓ ରାବଣ ସେନା ସହିତ ଯୁଦ୍ଧ ଆରମ୍ଭ କରିବେ ।

ରାବଣ ତାର ମନ୍ତ୍ରୀ ଓ ଅନ୍ୟମାନଙ୍କ ସହିତ ରାମଙ୍କ ସହିତ ଯୁଦ୍ଧ ସଂପର୍କରେ ଆଲୋଚନା କଲା । ଅନେକ ମନ୍ତ୍ରୀ ରାବଣକୁ ଚିନ୍ତିତ ନ ହେବାକୁ କହିଲେ, 'ଯାହାର କୁମ୍ଭକର୍ଣ୍ଣ ପରି ଭାଇ ଓ ଇନ୍ଦ୍ରଜିତ ପରି ପୁଅ ଅଛି, ତାର ଡରିବାର କିଛି କାରଣ ନାହିଁ । ସଭାରେ ଥିବା କିଛି କୁବୁଦ୍ଧି ମନ୍ତ୍ରୀ ଓ ସେନାପତି ଫୁଟାଣି ମାରିଲେ ଓ ସେମାନେ ରାମ ଓ ତାଙ୍କ ସେନାକୁ ନିପାତ କରି ଦେବେ ବୋଲି ବୃଥା ଆସ୍ଫାଳନ କଲେ ।

ରାବଣର ଭାଇ କୁମ୍ଭକର୍ଣ୍ଣ ରାବଣର କାର୍ଯ୍ୟରେ ସନ୍ତୁଷ୍ଟ ନଥିଲା । ତା ହିସାବରେ ରାବଣ ରାମ ଓ ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରିବା କଥା ଓ ରାମ ଲକ୍ଷ୍ମଣଙ୍କ ବଧ କରି ସେ ସୀତାଙ୍କୁ ଆଣିଥାନ୍ତା । ରାବଣର ଚୋରି କାମ ଓ କୁମ୍ଭକର୍ଣ୍ଣକୁ ଭଲ ଲାଗି ନଥିଲା । ତଥାପି ସେ କହିଥିଲା- ହେ ଲଙ୍କେଶ୍ୱର, ମୁଁ ତୁମ ପ୍ରତି ବିଶ୍ୱସ୍ତ । ତେଣୁ ତୁମର କୌଣସି କ୍ଷତି ହେବାକୁ ଦେବି ନାହିଁ । ମିନା ଅପା ରାମାୟଣ କଥା ଏଇଠି ରଖିଲେ । (କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ମୁଁ ସୂର୍ଯ୍ୟ ହେବି



ଶୁଭଦର୍ଶିନୀ ଦାଶ



'ମିକୁଟା ସ୍କୁଲ ଯିବାକୁ ଉଠିଛି ନା ନାହିଁ ଯାଏ ଦେଖେ' କହି ଜେଜେ ମିକୁ ରୁମ ପାଖରେ ପହଞ୍ଚି ଦେଖିଲାବେଳକୁ ମିକୁ ସ୍କୁଲ ଯିବାପାଇଁ ପୁରା ରେଡି ।

'କିରେ ଆଜି ରବିବାର କହି କାଲି ରାତି ଫିଲିମ ଦେଖି ବହୁତ ଡେରିରେ ଶୋଇଥିଲୁ । ଆଜି କ'ଣ ଏତେ ସଅଳ ଉଠି ଯାଇଛୁ ।'

' ହଁ,ଜେଜେ ମାମା ଡାକିଦେଲେ ନିଦ ଭାଙ୍ଗିଗଲା ନହେଲେତ ଜାଣିଛ ...... । ତା'ଛଡା ଆଜି ଶନିବାର ସ୍କୁଲରେ ପାଠ କମ, ଖେଳ ବେଶି । ନଗଲେ କେମିତି ହେବ ।'

ଶୁଣୁଶୁଣୁ ଜେଜେ କହିଲେ 'ହଁରେ ଠିକ୍ କଥା, ପିଲାମାନେ ପାଠ ସହ ଖେଳକୁଦ ସବୁ କରିବା ନିହାତି ଦରକାର । ଶରୀର ଆଉ ମନ ସୁସ୍ଥ ରହିଲେ ସିନା ସବୁ ଠିକଠାକ ଚାଲିବ । ହେଲେ ସେଥିପାଇଁ ସବୁକାମ ଠିକ ସମୟରେ ସାରିଦେଇ ତା ପାଇଁ ସମୟ ବାହାର କରିବାକୁ ପଡିବ । ଆଉ ଆଜିକାଲି ତମ ମାନଙ୍କର ସମୟ କାହିଁ ।'

ଖେଳିବାକୁ ସମର୍ଥନ ମିଳୁଥିବାରୁ ମିକୁ ସଙ୍ଗେସଙ୍ଗେ କହିବାକୁ ଲାଗିଲା 'ହଁ ଜେଜେ ବହୁତ ପାଠ, ସରୁନାହିଁ ଜମା । ଖେଳିବାକୁ ସମୟ ମିଳୁନାହିଁ ।

ଜେଜେ ହସିଦେଇ କହିଲେ 'ଆରେ ବାପ, ପାଠରେ ତ ଆଗରୁ ଯେଉଁ ସବୁ ବିଷୟ ଥିଲା ଏବେ ବି ସେଇ ବିଷୟ ସବୁ ଅଛି । ତମେମାନେ ପୁଣି ପୁରା କୋର୍ସକୁ ଭାଗଭାଗ କରି ପଢୁଛ, ବହୁତ କେମିତି ହେଲା । ହଁ, ଆମ ଛୁଆମାନଙ୍କ ସମୟରେ ସେ ମୋବାଇଲ ନଥିଲା, କି ଟିଭିରେ ମାଳମାଳ ଚାନେଲ ନଥିଲା । ବୁଝିଲୁ ତେଣୁ ସେମାନେ ଚାଲିଚାଲି ସ୍କୁଲ ଯିବା ଆସିବା କରୁଥିଲେବି ତାଙ୍କୁ ସମୟ ଅଣ୍ଟୁ ଥିଲା । ଆଉ ଆଜି ତମେମାନେ ଗାଡ଼ିରେ ଯାଆଆସ କରୁଛ, ହେଲେ ତମକୁ କିଛି କରିବାକୁ ସମୟ ଅଣ୍ଟୁନି କି ପାଠବି ସରୁନି । ଅଧା ସମୟ ତ ସେ ମୋବାଇଲ ନେଇଯାଉଛି । ଆଗରୁ ଆମେ ଜାଣିଥିଲୁ ମେସିନକୁ ମଣିଷ ଚଲାଏ ଆଉ ଆଜି ତାମମାନଙ୍କୁ ଦେଖିଲେ ଲାଗୁଛି ତମ ମାନଙ୍କୁ ମେସିନ ଚଲାଉଛି ।

'କେମିତି ଯେ ଜେଜେ ?'

'ହଉ ଚାଲ ତୋତେ ସ୍କୁଲରେ ଛାଡି ଦେବି,ଫେରିଲେ କହିବି ।'

ମିକୁକୁ ଜେଜେଙ୍କ କଥାଟି ଟିକେ ଅଡୁଆ ଅଡୁଆ ଲାଗୁଥିଲା । ଆମକୁ ମେସିନ ଚଲାଉଛି ହେଲେ କେମିତି ? ଜାଣିବା ଆଗ୍ରହରେ ସ୍କୁଲରୁ ଆସୁଆସୁ ମିକୁ ଜେଜେଙ୍କ ପାଖରେ ପହଞ୍ଚିଗଲା । କହିଲା 'ଏବେ କୁହ ଆମକୁ କେମିତି ମେସିନ ଚଲାଉଛି ।'

ଜେଜେ ତେଣେ କଥା ଆରମ୍ଭ କରୁ କରୁ ମିକୁ ଫୋନନେଇ ଖେଳ ଆରମ୍ଭ କରିଦେଲା । ଖେଳି ଖେଳି କଥାଶୁଣି ହଁହଁ ମାରି ଚାଲିଥାଏ ।

ଜେଜେ କହିଲେ 'ହେଇ ଦେଖେ, ତୁ ମୋତେ ପଚାରିଲୁ, ମୁଁ କହିଲା ବେଳକୁ ତୁ ମୋବାଇଲ ଖେଳରେ ବ୍ୟସ୍ତ । ଆଉ ତୋର ଖେଳବି ସରୁନି, କ'ଣପାଇଁ ନା ଗୋଟିଏ ଖେଳ ପରେ ଆଉ ଗୋଟିଏ ଖେଳ ଆସିଯାଉଛି । ତୁ ମୋତେ କ'ଣ କହି ମୋବାଇଲ ନେଲୁ ମୁଁ ଥରେ ଖେଳି ରଖିଦେବି କିନ୍ତୁ ତା ଭିତରେ ମଜ୍ଜି ରହିବା ପାଇଁ ସେଥିରେ ଏମିତି ସବୁ ବ୍ୟବସ୍ଥା ଅଛି, ତମେମାନେ ତାକୁ ଥରେ ଧରିଲେ ଆଉ ଛାଡିବାକୁ ପ୍ରସ୍ତୁତ ନୁହଁ । କୋରନା ସମୟରେ ପାଠ ପଢାର କୌଣସି ବିକଳ୍ପ ନପାଇ ତାକୁ ପାଠ ପାଇଁ ବ୍ୟବହାର କରାଗଲା, ସେଥିରେ ମଉଜ ମସ୍ତିର ସମସ୍ତ ସୁବିଧା ଥିବାରୁ ତମେମାନେ ତାକୁ ପାଠର ବାହାନା କରି ଦିନରାତି ଧରିବସିଲ ଆଉ ସେଥିରେ ଖେଳ, ଆମୋଦ ପ୍ରୋମଦର ମାଳ ମାଳ ବିକଳ୍ପ ।ତମ ଗୁଗୁଲମାଷ୍ଟର ତ ପୁରା ରେଡି ତମ ଖୋଜିବା ବିଷୟକୁ ଧ୍ୟାନରେ ରଖି ଭିନ୍ନଭିନ୍ନ ଖେଳ, କାର୍ଟୁନ ସବୁର ଜ୍ଞାନଦେଇ ତମକୁ ସେଥିରେ ବାନ୍ଧିରଖୁଛି । ଆଉ ତମେ ଦିନ ରାତି ତାକୁ ଧରି ବସିଯାଉଛ । ଏହାଦ୍ୱାରା ବିଭିନ୍ନ ୟୁଟୁବର, ନେଟଓ୍ୱର୍କ କମ୍ପାନୀ ମାନଙ୍କର ଲାଭ ହେଉଛି , ଦେଖେଣାହାରିଙ୍କ ସଂଖ୍ୟା ବଢିଲେ ସିଏ ପଇସା ପାଉଛନ୍ତି । ହେଲେ ତମେମାନେ ଗୋଟେ ବିଶୃଙ୍ଖଳା ଜୀବନ ବଞ୍ଚିବାକୁ ବାଧ ହେଉଛ । ତେଣୁ କହ ମୋତେ ମେସିନ ତମମାନଙ୍କୁ ଚଲାଉ ନାହିଁକି ?

'ଆରେ ଜେଜେ ତମେ ଜାଣିନ ସେଥିରେ ଗୋଟିଏ ଟପିକ ବିଷୟରେ ଅନେକ ତଥ୍ୟ ମିଳିଯାଏ । ସମସ୍ତ ବିଷୟକୁ ସାର୍ ମାନେ ପ୍ରାଞ୍ଜଳ ଭାବେ ବୁଝାଇ ଭିଡିଓ କରି ଛାଡିଛନ୍ତି, ତେଣୁ ସହଜରେ ବୁଝି ହୁଏ । ପାଠ ପାଇଁତ ମୋବାଇଲ ନିହାତି ଆବଶ୍ୟକ ।'

'ହଁ, ଠିକ କହିଲୁ ତାକୁ ମାଧ୍ୟମ କରି ପାଠ ପଢି ପିଲାମାନେ ସବୁ ବଡ଼ ବଡ଼ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି, କିନ୍ତୁ ଅନେକ ତା ଭିତରେ ଥିବା ଖେଳ ଖେଳି ବାପା, ମା'ଙ୍କ ଅର୍ଥ ହାନି ଆଉ ନିଜର ଜୀବନକୁ ହରାଇ ବସୁଛନ୍ତି । ଯେଉଁମାନେ ତାକୁ ନିଜର ଆବଶ୍ୟକ ଅନୁସାରେ ସୂଚାରୁ ରୂପେ ବ୍ୟବହାର କରୁଛନ୍ତି ଠିକ୍ ସୂର୍ଯ୍ୟଙ୍କ ପରି ସେମାନେ ମେସିନକୁ ନିଜ କାମରେ ଲଗାଉଛନ୍ତି । ଆଉ ଯେଉଁମାନଙ୍କୁ ସିଏ ଚଲାଇ ତା'ର ଗଭୀରତା ଭିତରକୁ ଟାଣି ନେଉଛି ସେମାନେ ତା ପଙ୍କରେ ଫସି ନିଜର ସବୁକିଛି ହରାଇବସୁଛନ୍ତି ।'

'ଆରେ ଜେଜେ, ସୂର୍ଯ୍ୟଙ୍କ ପରି ପୁଣି କ'ଣ ?'

'ଦେଖ୍ ବାପା; ପୋଖରୀ ପାଣିରେ ଅସନା, ପଙ୍କ, ଗେଣ୍ଡା, ମାଛ, ପଦ୍ମ ସବୁ ଅଛି ସୂର୍ଯ୍ୟ କ'ଣ ସବୁ ଗ୍ରହଣ କରୁଛନ୍ତି କି ? ଡ୍ରେନ ପାଣିରେବି ପାଣି ସହ ଅସନା ମିଶିଥାଏ । ସିଏ କ'ଣ ଅସନାକୁ ନେଉଛନ୍ତି । ନା ନା, ସେ ଖାଲି ପାଣିକୁ ଶୋଷି ନେଉଛନ୍ତି । ଠିକ ସେହିପରି ଫୋନରେ ଭଲ ମନ୍ଦ ସବୁ ଜ୍ଞାନ ଅଛି । ତାକୁ କିପରି ବ୍ୟବହାର କରିବା ତାହା ଆମ ଉପରେ ନିର୍ଭର କରେ । ସବୁ ଅଛି ବୋଲି ତା ଇସାରାରେ ଆମେ ତାକୁ ଧରି ଆମର ବହୁମୂଲ୍ୟ ସମୟକୁ ନଷ୍ଟ କରିଦେବା, ନା ନିଜର ସମୟ ଓ ଆବଶ୍ୟକ ଅନୁସାରେ ବ୍ୟବହାର କରି ସମୟକୁ ନିଜର ଉନ୍ନତିରେ ଲଗାଇବା । ମଣିଷ ସବୁଠାରୁ ଶ୍ରେଷ୍ଠ ସୃଷ୍ଟି । ତେଣୁ ଆମେମାନେ ସାମାନ୍ୟ ଗୋଟିଏ ନିର୍ଜୀବ ବସ୍ତୁର ଇସାରାରେ ଚାଲିବା ନା ତାକୁ ଆବଶ୍ୟକ ଅନୁସାରେ ବ୍ୟବାହାର କରି ଆମ ଶ୍ରେଷ୍ଠତ୍ୱର ପରିପ୍ରକାଶ କରିବାରେ ସମୟକୁ ବ୍ୟବହାର କରିବା ।

ଏସବୁ ଶୁଣି ମିକୁ ଚୁପଚାପ ଫୋନ ରଖି ଜେଜେ, ଟିକେ ଆସୁଛି କହି ଚାଲିଗଲା । ଜେଜେ ମନେ ମନେ ଭାବିଲେ କଥାଟା ମନକୁ ପାଇଲାନି ବୋଧେ ଉଠି ଚାଲିଗଲା । ମିକୁ କିନ୍ତୁ ବହି ଆଣି ଜେଜେଙ୍କ ପାଖରେ ହଜାର ହୋଇଗଲା ।

'କିରେ ତୁ କ'ଣ ଆଜି କାର୍ଟୁନ ଦେଖିବୁନି ଏତେ ଶୀଘ୍ର ପଢିବାକୁ ବହି ଆଣିଲୁଣି ।'

'ନା, ଆଜି ତ ତମ ସହ କଥାବାର୍ତ୍ତାରେ ସମୟ ହୋଇଗଲାଣି, ଏବେ ପଢିବା । କାଲିଠାରୁ ମୁଁ ଯେତିକି ଦରକାର ଟିଭି ଆଉ ମୋବାଇଲର ବ୍ୟବହାର କରିବି ।'

କିଛି ନବୁଝିଲା ପରି ଜେଜେ ପଚାରିଲେ, କ'ଣ ପାଇଁ କିରେ ? ମାମା ଏବେ ରାଗିଲାକି ?

'ନା, ଜେଜେ 'ମୁଁ ସୂର୍ଯ୍ୟ ହେବ' । ଜ୍ଞାନ ଅର୍ଜନ କରି ମେସିନର ଆବିଷ୍କାର କରିବି, ସର୍ବ ଶ୍ରେଷ୍ଠ ସୃଷ୍ଟି ପାଇ ଏଇ ସବୁ ନିର୍ଜୀବ ବସ୍ତୁମାନଙ୍କ ଇସାରାରେ ଚାଲିବି ନାହିଁ । ମୁଁ ତାଙ୍କୁ ଚଲେଇବି । ଜେଜେ ଓ ନାତିର କଥାବାର୍ତ୍ତା ମିକୁର ମାମା ସୋଫାଉପରେ ବସି ଶୁଣୁଥାନ୍ତି । ଉଠିଯାଇ ମିକୁ ମୁଣ୍ଡରେ ହାତ ବୁଲାଇ ଦେଇ ବାପାଙ୍କୁ ଚାହିଁ ସ୍ମିତ ହସଟେ ଦେଇ ରୋଷେଇ ଘରକୁ ଚାଲିଗଲେ ।

+ଭୁବନେଶ୍ୱର

ମୋ: ୮୨୮୦୩୧୧୦୦୦

## କବିତା

ତୁମ ପାଇଁ



### ଭଲ ମଣିଷ

ରାଜେଶ ପୂଜାରୀ



ପର ସୁଖରେ ଯେ ହୁଏ ସୁଖି
ପର ଦୁଃଖରେ ଦୁଃଖି,
ନିଜେ ପଛକେ ଅଖିଆ ରୁହେ
ଆନେ ନପାରେ ଦେଖି ।

ଅନ୍ୟ ଲୋକଙ୍କୁ ସାହାଯ୍ୟ କରି
ପୁଲକିତ ଯାର ମନ,
ଜାଣେନି ଜମା ଛନ୍ଦ କପଟ
ଅଟଇ ସିଏ ମହାନ ।

ନିରଳସ ସେ ଜନ କଲ୍ୟାଣ
ଅଟଇ ତା ପରିଚୟ,
ମହତ କାଜେ ରଖଇ ଲୟ
ନରଖି ମୃତ୍ୟୁ ଭୟ ।

ସୁନା ଅକ୍ଷରେ ନାମକୁ ତାର
ଲେଖିଥାଏ ଇତିହାସ,
ବଞ୍ଚିବା ଯାଏ ସମାଜ ସେବା
କରି ହୁଅଇ ତୋଷ ।

ସେନେହ ଶାନ୍ତି ଭାବ ପ୍ରୀତିର
ଜୀବନ୍ତ ମୂର୍ତ୍ତି ସେଇ,
କାଳ କାଳକୁ ରୁହେ ତା କଥା
ଅଭୁଲା ସ୍ମୃତି ହୋଇ ।

ଅକୁହା କଥା ମନର ବ୍ୟଥା
ଅନୁଭବଇ ଯିଏ,
ଅବୁଝା ମନ ଚିହ୍ନ ତାହାକୁ
ଭଲ ମଣିଷ ସିଏ ।

+ କୁଶମେଲ, କପିଲାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧



### ସୁନାର ଭାରତ ଗଢ

ନୀଳମଣି ଚାନ୍ଦ

ଡମ୍ ଡମ ଡାଇ, ଡାଲି ଭାତ ଖାଇ
ହେ ଭଉଣୀ ଭାଇ, ଗୀତ ଦିଅ ଗାଇ
ଖରା ଯାଇ ଛାଇ ହେଲେ ବୁଲିଯିବ ସାଇ
ମନାକଲେ ରୁଟୁକିନା କାମୁଡିବ କାଇ ।

ଯା ମୁଣ୍ଡରେ ଜଟ, ଉଠିବ ତା ଫଟ
ଦୋଳି କେଏଁ କଟ, ଖେଳ୍ ଝୁଲ୍ଲି ନଟ
ତା ସାଙ୍ଗ ନାଁ ହଟ, ବଟ, ଧରିଛନ୍ତି ଚଟ
ଆ ମଟର ଆ'ରେ ତୁ କରି ଘଟଘଟ ।

ଘିରିଘିରି ଘିରି, ନଟୁ ବୁଲେ ଥିରି
ଦେଖି ଦେଇ ପିଲେ ହସ କିରିକିରି
ଆ ଆ ବାଆ ଥରେ ବହ ଶିରିଶିରି
କାଟନାହିଁ ଗୁଡ଼ି କା'ର କହୁଥିଲା ଗିରି ।

ଛବିବହି ଖୋଲି ଚକ କଳ ପଢ
ଆଜି ଯିଏ ଚୁଇଁ କାଲି ହେବ ବଡ଼
ମନରୁ ଅଳସ ଭୂତଟାକୁ ବେଗି ତଡ଼
ଦେଶ ଚାହେଁ ସୁନାର ଭାରତଟେ ଗଢ ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

# ହିଂସ୍ର ମଣିଷରୁ ହିଂସ୍ର ତିମି



ସୁଧାଂଶୁ ଶେଖର ଦ୍ୱିବେଦୀ

ନିକୋବରରେ ତାମଲୁ ଏବଂ ଫୁକୋ ନାମକ ଦୁଇଟି ଗାଁ ମଝିରେ ଟସଲୋ ବୋଲି ଆଉ ଏକ ଗାଁ ଥାଏ ।ଟସଲୋର ଲୋକମାନେ ଜନ୍ମଜାତ ହିଂସ୍ର ଏବଂ ଜଙ୍ଗଲି ପ୍ରକୃତିର ଥିଲେ ।ଅନ୍ୟ କୌଣସି ଗାଁର ଲୋକ କି କେହି ଅଜଣା ଲୋକପ୍ରତି ସେମାନଙ୍କର ଦୃଷ୍ଟି ପଡିଲେ ତା' ଉପରେ ଅତର୍କିତ ଆକ୍ରମଣ କରିଦିଅନ୍ତି ।ଯେପର୍ଯ୍ୟନ୍ତ ପଡୋଶୀ ଲୋକକୁ ମାରି ନଥାନ୍ତି ସେପର୍ଯ୍ୟନ୍ତ ସେମାନଙ୍କର ହିଂସ୍ର ପ୍ରବୃତ୍ତି ଶାନ୍ତ ହୁଏନାହିଁ ।

ଟସଲୋ ଗାଁର ଦୁଇ ପାର୍ଶ୍ୱରେ ଥିବା ପଡୋଶୀ ଗାଁ ତାମଲୁ ଏବଂ ଫୁକୋର ଲୋକମାନେ ସବୁବେଳେ ଭୟଭୀତ ହୋଇ ସତର୍କତା ସହକାରେ ଜୀବନ ଅତିବାହିତ କରନ୍ତି ।କେବେବି ଟସଲୋ ଗାଁ ଭିତରକୁ ଯିବାପାଇଁ ସାହସ କରିପାରନ୍ତି ନାହିଁ ।ଥରେ ତାମଲୁ ଓ ଫୁକୋ ଗ୍ରାମର ଲୋକମାନେ ବିଚାର-ପରାମର୍ଶ କରି ମିଳିତଭାବେ ଟସଲୋ ଗ୍ରାମ ପ୍ରତି ଅତର୍କିତ ଆକ୍ରମଣ କରିଦେଲେ ।ଯାହାଫଳରେ ସେମାନେ ଭୟରେ ଉକ୍ତ ଗ୍ରାମରୁ ତଡାଖାଇ ଚୌକବାକ ନାମକ ସ୍ଥାନରେ ଯାଇ ରହିଲେ ।ସେଠାରେ ରହିବା ପରେ ବି ସେମାନଙ୍କର ହିଂସ୍ର ପ୍ରବୃତ୍ତିକୁ ଭୁଲିପାରୁ ନଥାନ୍ତି ।

ସେମାନଙ୍କର ନୂଆ ଗ୍ରାମ ଚୌକବାକ ଟିପଟାପ ଗ୍ରାମଠାରୁ ଅଧିକ ଦୂର ନଥାଏ ।ଦିନେ ଟିପଟାପ ଗ୍ରାମର ଜଣେ ଯୁବକ ନିଜ ଛୋଟ ଭାଇ ସହିତ ଚୌକବାକ ସମୀପ ରାସ୍ତାରେ ଯାଉଥାଏ ।ଦୁହିଙ୍କୁ ଦେଖିବା ମାତ୍ରେ ଚୌକବାକର ଜଣେ ଲୋକ ହାତରେ ଛୁରାଟିଏ ଧରି ପଛେ ପଛେ ଅନୁସରଣ କଲା ।କିଛି ଦୂର ଅନୁସରଣ କରିବା ପରେ ଯୁବକର ଛୋଟ ଭାଇକୁ ଛୁରା ଭୂଷି କ୍ଷତାକ୍ତ କରିଦେଲା ।

ସାନଭାଇ ଚିତ୍କାର କରୁଥାଏ-ଭାଇ ! ମୋତେ ବଞ୍ଚା, ଭାଇ ! ମୋତେ ବଞ୍ଚା, ଜଣେ ଲୋକ ମୋତେ ପଛରୁ ଆକ୍ରମଣ କରୁଛି ।

ସାନଭାଇର ଚିତ୍କାର ଶୁଣି ଯୁବକ ପଛକୁ ଫେରି ଦେଖେତ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡିଛି । ଦୌଡ଼ିଆସି ସାନଭାଇକୁ ଉଦ୍ଧାର କରିବା ପୂର୍ବରୁ ଆଉ କେତେଜଣ ଚୌକବାକ ଲୋକ ସେଠାରେ ପହଞ୍ଚି ତା' ଗଳା କାଟିଦେଲେ । ସେମାନଙ୍କ ନୃଶଂସତାକୁ ଦେଖି ଯୁବକ ଭୟରେ ପ୍ରାଣମୂର୍ଚ୍ଛା ନିଜ ଗାଁ ଭିତରକୁ ଦୌଡ଼ି ପଳାଇ ଆସିଲା । କୌଣସିମତେ ନିଜ ଘରେ ପହଞ୍ଚି ସବୁ ଘଟଣା ଜଣାଇଲା । ଧୀରେ ଧୀରେ ପୂରା ଗ୍ରାମରେ କଥା ପ୍ରଘଟ ହେଲା । ଗ୍ରାମ ମୁଖିଆଙ୍କ ପରାମର୍ଶରେ ଟିପଟାପ ଗ୍ରାମର ଲୋକମାନେ ଚୌକବାକ ଲୋକଙ୍କୁ ଜୀବନରୁ ଶେଷ କରିଦେବାକୁ ନିଷ୍ପତି ନେଲେ । ସେଇଦିନ ଗଭୀର ରାତ୍ରିରେ ଟିପଟାପ ଗ୍ରାମର ଲୋକମାନେ ହଠାତ ଚୌକବାକ ଗ୍ରାମପ୍ରତି ଆକ୍ରମଣ କରିଦେଲେ । ଆକସ୍ମିକ ଆକ୍ରମଣରେ ଚୌକବାକ ଗ୍ରାମର ଲୋକମାନେ ପ୍ରାଣ ବଞ୍ଚେଇ ଯିଏ ଯୁଆଡେ ପାରିଲା ଦୌଡ଼ିବାକୁ ଲାଗିଲେ । କିଛି ଲୋକ ଆକ୍ରମଣରେ ମରିଗଲେ ଆଉକିଛି ପ୍ରାଣ ଭୟରେ ସମୁଦ୍ରକୁ ଡେଇଁ ପଡିଲେ । ଶୁଣାଯାଏ ସେଇସବୁ ଦୁଷ୍ଟ ଏବଂ ନିର୍ଦ୍ଦୟୀ ଲୋକମାନେ କ୍ରମଶଃ ତିମି ମାଛରେ ରୂପାନ୍ତରିତ ହୋଇଯାଇଥିଲେ । ତିମି ମାଛ ଆଜି ବି ତା' ପ୍ରକୃତି ଅନୁସାରେ ହିଂସ୍ର ଏବଂ ନିର୍ଦ୍ଦୟୀ ବୋଲି ଖ୍ୟାତ । ଲୋକଙ୍କୁ ସମୁଦ୍ର ମଧ୍ୟରେ ଦେଖିଲେ ତୁରନ୍ତ ଆକ୍ରମଣ କରିଦିଅନ୍ତି । ବୋଧହୁଏ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବାପାଇଁ ଏଭଳି ଆକ୍ରମଣ କରିଥାନ୍ତି ।

(ଆଣ୍ଡାମାନ-ନିକୋବର ଲୋକକଥା)

ବିସି-୭୪, ସେକ୍ଟର-୧,ସଲଟ ଲେକ, କଲକାତା-୭୦୦୦୬୪

ମୋ-୯୬୮୧୩୭୩୫୧୨

# ଯମୁନାଲାଲ ବଜାଜ୍ ପୁରସ୍କାରପ୍ରାପ୍ତ ସୋଫିଆ ଶେଖ୍ଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ, ୧୬/୧୨ (ନି.ପ୍ର): ସାମଜର ଅବହେଳିତ, ନିଷ୍ପେସିତ, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଉଇକର ଫର କମ୍ୟୁନିଟି ସଂସ୍ଥାର ସମ୍ପାଦିକା ତଥା ଦୀର୍ଘ ୧୭ ବର୍ଷ ପୂର୍ବେ ତିନ୍ ତଲାକ୍ ବିରୁଦ୍ଧରେ ସ୍ୱରୋତ୍ତଳନ କରି ଦିଲ୍ଲୀ ଦରବାରରେ ଚର୍ଚ୍ଚିତ ହୋଇଥିବା ସୋଫିଆ ଶେଖ୍ ମର୍ଯ୍ୟାଦାଜନକ ଯମୁନାଲାଲ ବଜାଜ୍ ପୁରସ୍କାର - ୨୦୨୨ ପାଇଥିବା ଭଦ୍ରକର ବିଶିଷ୍ଟ ନାରୀ ସମାଜସେବିକାଙ୍କୁ ଆଜି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫେଲୋସିପ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ୱାନ୍ ଷ୍ଟପ୍ ସେଣ୍ଟର ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଅଧିବକ୍ତା ନିରାକାର ଜେନା ପୌରୋହିତ୍ୟ କରିଥିବା ବେଳେ ଫେଲୋସିପ୍ର ଅଧକ୍ଷ ଲଲାଟେନ୍ଦୁ ମହାନ୍ତି ସଂଯୋଜନା କରିଥିଲେ। ଉତ୍ସବରେ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ବେହେରା, ପ୍ରକଳ୍ପ ଅଧିକାରିଣୀ ଚନ୍ଦ୍ରା ସାହୁ,ଇନରହୁଇଲ କ୍ଲବ ଅଧକ୍ଷା କାଦମ୍ବିନୀ ମହାନ୍ତି, ଅଖିଳ ଗଣତାନ୍ତ୍ରିକ ମହିଳା ସଂଗଠନ ଅଧକ୍ଷା ପ୍ରଭାତୀ ଜେନା, ଫେଲୋସିପ୍ ପରିଚାଳନା ସମିତି ସଦସ୍ୟା ଶକୁନ୍ତଳା ନାୟକ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଜିଲ୍ଲା ସମ୍ପାଦକ କୈଳାସ ମହାପାତ୍ର, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶେଖ୍ ସୋଫିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରେ ସୋଫିଆ କହିଥିଲେ କି ସମ୍ମାନ, ସମ୍ବର୍ଦ୍ଧନା ପାଇଁ ଆଶା କରି କେହି କେବେ କାର୍ଯ୍ୟ କରି ନଥାଏ। ନିଜର କାର୍ଯ୍ୟ ଦକ୍ଷତା ସେ ସବୁକୁ ଅପଣାଛାଏଁ ଆଣି ଦେଇଥାଏ। ଯାହା କାର୍ଯ୍ୟ କରିବାକୁ ଆହୁରି ଅଧିକ ପ୍ରେରଣା ଦାୟକ ହୋଇଥାଏ। ନିଷ୍ଠାର ସହିତ କାର୍ଯ୍ୟ କଲେ ଲୋକମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପ୍ରତି ରହିଥିବା ଭ୍ରାନ୍ତ ଧାରଣଶ ନିଶଚିତ ପକ୍ଷେ ଦିନେ ଦୂର ହେବ ଏବଂ ଲୋକେ ସଂଗଠନକୁ ସହଯୋଗ କରିବେ ବୋଲି କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଫେଲୋସିପ୍ର ସମ୍ପାଦକ ଏସ.ଏମ. ଫାରୁକ ସ୍ୱାଗତ ଭାଷଣ ରଖିଥିବା ବେଳେ ପୂର୍ବତନ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡ. ସୁଦର୍ଶନ ବାରିକ୍, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତକ ନାଟ୍ୟଗୌରବ ପ୍ର. ଅଟଳ ବିହାରୀ ନାୟକ, ଜିଲ୍ଲା ଖାଉଟି ଫୋରମ୍ ସଭାପତି ଶିବ ପ୍ରସାଦ ମହାନ୍ତି, ପୂର୍ବତନ କାଉନସିଲର ଅସ୍ରଫ୍ ଅଲୀ, ଅସୀମା ନାୟକ, ଅନିମା ପଣ୍ଡା, କାସିମ୍ ଭାଇ, ସୁନା ପଣ୍ଡା, ଶିକ୍ଷକ ନେତ୍ରୀ ଚାରୁଲତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି ସୋଫିଆ ଶେଖ୍ଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିଥିଲେ। ୱାନ୍ ଷ୍ଟପ୍ ସେଣ୍ଟରର କେନ୍ଦ୍ର ସଂଯୋଜିକା ପୁଷ୍ପାଞ୍ଜଳୀ ବେହେରା ଧନ୍ୟବାଦ ର୍ପଣ କରିଥିବା ବେଳେ ଫେଲୋସିପ୍ର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ଉତ୍ସବକୁ ପରିଚାଳନା କରିଥିଲେ।

## ଖୁବଶୀଘ୍ର ଭଙ୍ଗା ହୋଇପାରେ ବେଆଇନ ହୋଟେଲ

ପୁରୀ,୧୬ ଡିସେମ୍ବର (ହି.ସ.)- ପୁରୀ ସହରରେ ଦିନିକୁ ଦିନ ବେଆଇନ ହୋଟେଲ ନିର୍ମାଣ କରାଯାଉଛି । କାଗଜପତ୍ରରେ ଚଞ୍ଚକତା କରି କେତେକ ହୋଟେଲ ନିର୍ମାଣ କରାଯାଇଛି । ପିକେଡ଼ିଏର ବିନା ପ୍ଲାନରେ ଅନେକ ବହୁତଳ ପ୍ରସାଦ ହୋଟେଲ ସମୁଦ୍ରକୂଳେ ଗଢି ଉଠିଛି । ସିଆରଜେଡ଼ ଆଇନକୁ ଉଲଘଂନ କରାଯାଇ ଅନେକ ହୋଟେଲ ସମୁଦ୍ରର ଉଚ୍ଚ ଲହଡ଼ି ପରିଧି ମଧ୍ୟରେ ଗଢି ଉଠିଥିବା ଦେଖା ଦେଇଛି । ସଂପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ, ସୁପରଭାଇଜର, ହୋଟେଲ ନିର୍ମାଣ ସମୟରେ ପରିଦର୍ଶନ ନକରି ପରେ ହୋଟେଲ ଗୁଡ଼ିକ ବେଆଇନ ଭାବେ ଗଢି ତୋଳାଯାଉଛି ବୋଲି ଅଭିଯୋଗ କରାଯାଉଛି । ଖୋଦ ଦିନ ଦ୍ୱିପହରରେ ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି ସମୁଦ୍ରକୂଳେ ହୋଟେଲ ନିର୍ମାଣ କରାଯାଉଛି । କେତେକ ଲିଜ୍ ସ୍ଥାନରେ ହୋଟେଲ ନିର୍ମାର କରାଯାଇଛି । ଲିଜ୍ ଅବଧି ପୁରିଯାଇଥିବା ବେଳେ ତାହା ନବିକରଣ କରାଯାଇନାହିଁ । ଯାହାଫଳରେ ପୌରସଂସ୍ଥା ଓ ସରକାରଙ୍କ ରାଜସ୍ୱ ହାନି ହେଉଛି । ଲିଜ୍ ପୁରିବାର ସପ୍ତାହେ ମଧ୍ୟରେ ଲାଇଟ ହାଉସ ନିକଟ ଏକ ଜମିକୁ ଜିଲ୍ଲା ପ୍ରଶାସନ ବୁଲଡ଼ୋଜର ଲଗାଇ ଭାଙ୍ଗିବା ସହ ଦଖଲକୁ ନେଇଛି । ପୌରସଂସ୍ଥାର ପ୍ରାୟ ୩ଶହରୁ ଅଧିକ ଲିଜ୍ ସମ୍ପତିରେ ବଡ଼ ବଡ଼ ଅଟ୍ଟାଳିକା ଓ ହୋଟେଲ ନିର୍ମାଣ ହୋଇଛି ।

# ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ

ପୁରୀ, ୧୬/୧୨ (ନି.ପ୍ର): ଶ୍ରୀମନ୍ଦିରରେ ଆଜିଠାରୁ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ଏହି ନୀତି ଏକମାସ ଧରି ଅନୁଷ୍ଠିତ ହେବ । ଏଥିପାଇଁ ଛତିଶାନିଯୋଗ ଓ ପରିଚାଳନା କମିଟିରେ ନୀତି ନିର୍ଘଂଟ ଚୂଡ଼ାନ୍ତ ହୋଇଛି । ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହିଲି ଭୋଗ ନୀତି ଚାଲୁ ରହିବ । ରାତି ୩ଟାରୁ ଦ୍ୱାରଫିଟା, ଭିତରଶୌଧ, ମଙ୍ଗଳଆଳତି, ରୋଷହୋମ ଓ ଭୋର ସାଢେ ୪ଟାରେ ମଇଲମ, ତଡ଼ପଲାଗି, ଅବକାଶ ପରେ ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା ଓ ବେଶ ଶେଷ ହେବ । ୬ଟାରୁ ୭ଟା ମଧ୍ୟରେ ପହିଲିଭୋଗ,୭ଟାରୁ ୯ଟା ମଧ୍ୟରେ କୋଠଭୋଗ ନୀତି ଅନୁଷ୍ଠିତ ହେବାର ନୀତି ନିର୍ଘଂଟ ରହିଛି । ଦ୍ୱିତୀୟ ଭୋଗ ମଣ୍ଡପ ପରେ ଦିବା ପହୁଡ଼, ଅପରାହ୍ଣ ସାଢେ ୪ଟାରେ ସଂଧ୍ୟା ନୀତି ହୋଇ ପରେ ଅନ୍ୟାନ୍ୟ ନୀତି ବଢିବ । ପହିଲି ଭୋଗରେ ମହାପ୍ରଭୁଙ୍କ ବିଭିନ୍ନ ବ୍ୟଞ୍ଜନ ସହ ବଡ଼ଝିଲି, ବଡ଼ି, ବଡ଼ବଡ଼ା, କାକେରା, ଅମାଲୁ, ମଣ୍ଡା, ଗଇଣ୍ଠା, ଏଣ୍ଡୁରି, ମୋଗେଇ, ଚଡେଇନଦା, ଲଡୁ, ଗଜା ଆଦି ଭୋଗ କରାଯାଇଥାଏ । ସୂର୍ଯ୍ୟୋଦୟ ପୂର୍ବରୁ ଅବକାଶ ଓ ମଙ୍ଗଳାଆଳତି କରାଯାଇଥାଏ । ଏହାସହ ଶ୍ରୀକ୍ଷେତ୍ରରେ ବିଭିନ୍ନ ମଠ, ମନ୍ଦିର ଓ ଯାଗାଆଖଡ଼ା ମାନଙ୍କରେ ପହିଲି ଭୋଗ କରାଯାଇଥାଏ । ସକାଳ ମହାପ୍ରଭୁଙ୍କ ପହିଲି ଭୋଗ ସମୟରେ ବେଶ ଦର୍ଶନ କଲେ ମହାପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଠିକ୍ ସମୟରେ ନୀତି ସମାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ବିଧାୟକଙ୍କ ପାଣ୍ଠିରୁ ତିଆରି ହେବ ପ୍ରବେଶ ପଥ ତୋରଣ

କେନ୍ଦ୍ରାପଡ଼ା, ୧୬/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଓ ସଦର ମହକୁମାକୁ ଥିବା ପ୍ରବେଶ ପଥରେ ସୁଦୃଶ୍ୟ ତୋରଣ (ଓଭର ହେଡ ସିଗନେଗ ଗେଟ୍) ନିର୍ମାଣ କରାଯିବ । ଏହା ସହ ସଂପୃକ୍ତ ସ୍ଥାନରେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କର ଦୂରତା ସଂପର୍କରେ ସୂଚନା ଫଳକ ଲଗାଯିବ । ସହର ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା ବୈଠକରେ ଏହି ନିଷ୍ପତି ନିଆଯାଇଛି । ପୂର୍ତ୍ତ ବିଭାଗ ମାର୍ଫତରେ ସହରର ଗରାପୁର, ଦୁହୁରିଆ, ଗୋପ, ଛଘରିଆ ଛକ ଠାରେ ଏହି ତୋରଣ ସବୁ ନିର୍ମାଣ କରାଯିବା ସହ ପର୍ଯ୍ୟଟକ ମାନଙ୍କ ଜାଣିବା ପାଇଁ ବଡ ବଡ ଅକ୍ଷରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କର ସୂଚନା ଓ ଦୂରତା ସଂପର୍କରେ ତଥ୍ୟ ଲେଖାଯିବ । ବାହାରୁ ଆସୁଥିବା ଲୋକମାନେ ଯେପରି ସହଜରେ ଜାଣି ପାରିବେ । ବିଧାୟକ ଶଶି ଭୂଷଣ ବେହେରା ଏନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଯୋଜନା ସଂପର୍କରେ ସଂପୃକ୍ତ ସ୍ଥାନ ମାନଙ୍କୁ ଯାଇ ଯୋଜନା ସଂପର୍କରେ ନିଷ୍ପତି ନେଇଥିବା ଜଣାପଡିଛି । ଏହି ବୈଠକରେ ଆସିଷ୍ଟାଣ୍ଡ ଇଞ୍ଜିନିୟର ପ୍ରସନ୍ନ କୁମାର ସାମଲ, ୫ନଂ କାଉନସିଲର ନିରାକାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଧନୁ ସଂକ୍ରାନ୍ତିରେ ବଡ଼ଦାଣ୍ଡ ସେବା

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଅବସରରେ ବଡ଼ଦାଣ୍ଡରେ ବ୍ୟବସାୟୀମାନେ ଏକତ୍ର ହୋଇ ବଡ଼ଦାଣ୍ଡ ସେବା ଆରମ୍ଭ କରିଛନ୍ତି । ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରିବା ସହ ବଡ଼ଦାଣ୍ଡକୁ ସଫା ରଖିବା ପାଇଁ ସଚେତନ କରିଛନ୍ତି । ଦାଣ୍ଡରେ ଅଳିଆ ନପକାଇ ଡ଼ଷ୍ଟପିନ୍‌ରେ ଅଳିଆ ପକାଇବାକୁ ବ୍ୟବସାୟୀମାନେ ଶପଥ ନେଇଛନ୍ତି । ମା କୁ ସମ୍ମାନ କାର୍ଯ୍ୟକ୍ରମରେ ସାଲବେଗ ପୀଠ ସମ୍ମୁଖରେ ବର୍ଷ ବର୍ଷ ଧରି ବଡ଼ଦାଣ୍ଡ ସଫେଇ କରୁଥିବା ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା । ରଜନୀ ନାୟକ, ସୁଜାତା ନାୟକ, ପ୍ରଭାତି ସାହୁ, ସରୋଜିନୀ ନାୟକଙ୍କୁ ସମ୍ମାନିତ କରାଯାଇଛି । ବଡ଼ଦାଣ୍ଡର ସ୍ୱଚ୍ଛତା ପାଇଁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ସହଯୋଗ କରିବା ପାଇଁ ସଚେତନ କରିଥିଲେ । ବ୍ୟବସାୟୀ ସଂଘର ସଭାପତି ଯଶୋବନ୍ତ ପାତ୍ର, ସମ୍ପାଦକ ଜିତେନ୍ଦ୍ର ରାଉତ, ଭେଣ୍ଡର ଲିଡ଼ର କୃଷ୍ଣଚନ୍ଦ୍ର ସାହୁ, କୋଷାଧକ୍ଷ ହରେକୃଷ୍ଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦେବ ପ୍ରସାଦ ପଣ୍ଡା, ବାଳକୃଷ୍ଣ ମହାପାତ୍ର, ବିନୋଦିନୀ ରାୟସିଂହ, ଶଚିକାନ୍ତ ଷଡ଼ଙ୍ଗୀ, ଜାପାନି ବାରିକ, ଜଗନ୍ନାଥ ଦୋରା, ପପୁ ମଲ୍ଲିକ,ଚାନ୍ଦନୀ ଦତ, ମଞ୍ଜୁଲତା ସାହୁ, ସୁନିଲ ମହାପାତ୍ର ଓ ମନୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗୋଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପଂଚମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

ଭବାନୀପାଟଣା, ୧୬/୧୨ (ନି.ପ୍ର): ଗୋଲାମୁଣ୍ଡା ଶିଶୁ ବିଦ୍ୟା ମନ୍ଦିର ର ପଂଚମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ କ୍ଷ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଲାମୁଣ୍ଡା ଶିଶୁ ବିଦ୍ୟା ମନ୍ଦିରର ଶିବାଜି ଷ୍ଟାଡିୟମ ଠାରେ ଦୁଇ ଦିନିଆ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କ୍ରୀଡା କୁ ଗୁରୁଜୀ ଅଶ୍ୱିନୀ ମଲ୍ଲିକ ଜାତୀୟ ସଂଗୀତ ଗାନକରି ମଂଚ ପରିଚାଳନା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ଉଦଯାପନୀ ଉତ୍ସବର ସଭାପତିତ୍ୱ କରିଥିଲେ ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମା ପ୍ରସାଦ କାଣ୍ଡ । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଉପସ୍ଥିତ ରହିଥିବା ବେଳେ ସମାନ୍ନିତ ଅତିଥି ଭାବରେ ଗୋଲାମୁଣ୍ଡା ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ଉପସଭାପତି ବୈଶାଖୁ କେତକୀ, ନମିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ପ୍ରତିଯୋଗିତାରେ ଖେଳ ଶିକ୍ଷକ ଭୂପେନ୍ଦ୍ର ଦେବ ସାହୁ ଖେଳ ପରିଚାଳନା କରିଥିବା ବେଳେ ତାଙ୍କ ସହିତ ଗୁରୁଜୀ ଦେବେନ୍ଦ୍ର ପଣ୍ଡା, କୁଶ ରାଉତ, ପରମାନନ୍ଦ ମାଝୀ, ମମତା ଚଲାନ, ମଞ୍ଜୁଳା ମାଝୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମସ୍ତ ବିଜେତା କୁନିକୁନି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତା ବୃଦ୍ଧି କରିବାକୁ ସାଂସଦଙ୍କ ଦାବି

ଭଦ୍ରକ, ୧୬/୧୨ (ନି.ପ୍ର): ଗତକାଲି ସଂସଦର ଶୀତକାଳୀନ ଅଧିବେଶନ ଶୂନ୍ୟକାଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭଦ୍ରକର ସାଂସଦ ମଂଜୁଲତା ମଣ୍ଡଳ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମଂଜୁର ହେଉଥିବା ଇନ୍ଦିରାଗାନ୍ଧି ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତାକୁ ୩ ଗୁଣ ବୃଦ୍ଧି ପାଇଁ ସଂସଦରେ ଦାବି କରିଛନ୍ତି। ଏ ବାବଦରେ ସଂସଦର ମାନ୍ୟବର ବାଚସ୍ପତିଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀମତୀ ମଣ୍ଡଳ କହିଥିଲେ ଯେ ଇନ୍ଦିରା ଗାନ୍ଧି ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୬୦-୭୯ ବୟସର ବାର୍ଦ୍ଧକ୍ୟ ଭତା ବାବଦରେ କେନ୍ଦ୍ରୀୟ ଅଂଶ ୨୦୦ ଟଙ୍କା ଓ ରାଜ୍ୟ ଅଂଶ ୩୦୦ ଟଙ୍କା ମିଶି ମୋଟ ୫୦୦ ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଭତା ବାବଦରେ କେନ୍ଦ୍ରୀୟ ଅଂଶ ୫୦୦ ଟଙ୍କା ଓ ରାଜ୍ୟ ଅଂଶ ୨୦୦ ଟଙ୍କା ମିଶି ମୋଟ ୭୦୦ ଟଙ୍କା। ସେହିପରି ଇନ୍ଦିରା ଗାନ୍ଧି ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ବିଧବା ଭତା ବାବଦରେ କେନ୍ଦ୍ରୀୟ ଅଂଶ ୩୦୦ ଓ ରାଜ୍ୟ ଅଂଶ ୨୦୦ ମିଶି ମୋଟ ୫୦୦ ଟଙ୍କା ଓ ଦିବ୍ୟାଙ୍ଗ ଭତା ବାବଦକୁ କେନ୍ଦ୍ରୀୟ ଅଂଶ ୩୦୦ ଟଙ୍କା ଓ ରାଜ୍ୟ ଅଂଶ ୪୦୦ ମିଶି ମୋଟ ୭୦୦ ଟଙ୍କା ପ୍ରଦାନର ବ୍ୟବସ୍ଥା ରହିଛି। ସେହିପରି ପରିବାରର କୌଣସି ବ୍ୟକ୍ତି ଆକସ୍ମିକ ମୃତ୍ୟୁ ଘଟିଲେ ଏକକାଳୀନ ୨୦ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା ରହିଛି। ତେବେ ଦରଦାମ ବୃଦ୍ଧି ହେତୁ ଏହି ଭତା ଅର୍ଥରେ ମାସେ ପାଇଁ ନିଜର ତେଲଲୁଣ ସଂସାର ଚଳାଇବା କଷ୍ଟସାଧ ବୋଲି ସାଂସଦ ଶ୍ରୀମତୀ ମଣ୍ଡଳ ଯୁକ୍ତି ବାଢିଥିଲେ। ଏଥିପାଇଁ କେନ୍ଦ୍ରୀୟ ଅଂଶ ୩ ଗୁଣ ବୃଦ୍ଧି ପାଇଁ ଶ୍ରୀମତୀ ମଣ୍ଡଳ ଦାବି ଉପସ୍ଥାପନ କରିଥିଲେ। ଏହାଦ୍ୱାରା ଅନେକ ଗରିବ ହିତାଧିକାରୀ ଉପକୃତ ହେବା ସହିତ ପରିଣତ ବୟସରେ ସୁଖରେ କାଳାତିପାତ କରିବେ ବୋଲି ସେ କହିଥିଲେ।

# ନୀଳକଣ୍ଠପୁରରେ ନର୍ସରୀ ମାଲିକଙ୍କୁ ବିଭତ୍ସ ହତ୍ୟା

ଭୁବନ, ୧୬/୧୨ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ସାଇ ନର୍ସରୀ ମାଲିକ ଅଲେଖ ସେନାପତି ଙ୍କୁ ଗତକାଲି ରାତି କେତେଜଣ ଦୁର୍ବୃତ ଧାରୁଆ ଅସ୍ତ୍ରରେ ଅତ୍ୟନ୍ତ ବିଭତ୍ସ ଭାବେ ହତ୍ୟାକରି ଫେରାର ହୋଇଯାଇଥିଲେ । ଏହି ଘଟଣାକୁ ନେଇ ଅଭିଯୁକ୍ତ ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବା ଓ କ୍ଷତିପୂରଣ ଦାବିରେ ଆଜି ସକାଳ ୮ ଘଟିକା ସମୟରେ ଭୁବନ - ଢେଙ୍କାନାଳ ମୁଖ୍ୟ ରାସ୍ତାକୁ ନୀଳକଣ୍ଠପୁର ଛକରେ ଆନ୍ଦୋଳନକାରୀ ମାନେ ପଥର ପକାଇ, ଟାୟାର ଜାଳି ରାସ୍ତାରୋକ କରିଥିଲେ। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆ ଥାନା ଅନ୍ତର୍ଗତ ଚିତଲପୁର ଗ୍ରାମର ଅକ୍ଷୟ ସେନାପତି ଙ୍କ ପୁଅ ଅଲେଖ ସେନାପତି (୪୨) ଦୀର୍ଘ ୫ ବର୍ଷ ହେଲା ନୀଳକଣ୍ଠପୁର ଛକରେ ଭୁବନ ର ବାଳକୃଷ୍ଣ ସାହୁ ନାମକ ଜନୈକ ପୂର୍ବତନ ସୈନିକ ଙ୍କ ସାଇ ନର୍ସରୀ କୁ ଲିଜ ସୂତ୍ରରେ ନେଇ ଚଳାଉଥିଲେ । ଗତକାଲି ସଂଧ୍ୟା ସାଢେ ୬ ଘଟିକା ସମୟରେ ଶ୍ରମିକ ମାନେ ଘରକୁ ଯିବା ପରେ କେତେକ ଦୁର୍ବୃତ ନର୍ସରୀ ମଧ୍ୟରେ ପଶି ନର୍ସରୀ ମାଲିକ ଅଲେଖ ସେନାପତି ଙ୍କୁ ଧାରୁଆ ଅସ୍ତ୍ରରେ ଅତି ବିଭତ୍ସ ଭାବେ ହତ୍ୟାକରି ଫେରାର ହୋଇଯାଇଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ଅଲେଖଙ୍କ ପତ୍ନୀ ତାଙ୍କ ମୋବାଇଲକୁ ବାରମ୍ବାର ଫୋନ କରିଥିଲେ ସୁଦ୍ଧା କିଛି ଉତର ମିଳିନଥିଲା । ପରେ ଅଲେଖ ଙ୍କ ପତ୍ନୀ ତାଙ୍କ ଦିଅର ଚକ୍ରଧର କୁ ଫୋନ କରି ତାଙ୍କ ଭାଇ ଏଯାଏଁ ଫେରିନଥିବା ସଂପର୍କରେ ଜଣାଇବାରୁ ଚକ୍ରଧର ମଧ ବାରମ୍ବାର ଫୋନ କରିଥିଲେ । କୌଣସି ଉତର ନମିଳିବାରୁ ଚକ୍ରଧର ନର୍ସରୀ ରେ ପହଁଚି ତାଙ୍କ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ଚିକିତ୍ସା ନିମନ୍ତେ ସେ ସଙ୍ଗେସଙ୍ଗେ ଭୁବନ ଡାକ୍ତରଖାନାକୁ ଆଣିଥିଲେ କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସଂପର୍କରେ ଖବର ପାଇ ଭୁବନ ଥାନା ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ । ଅଲେଖ ଙ୍କ ଭାଇ ଚକ୍ରଧରଙ୍କ ଏତଲା ଆଧାରରେ ଭୁବନ ପୋଲିସ କେଶ ନଂ-୫୧୩/୨୦୨୨ ଦଫା ୩୦୨ ରେ ମାମଲା ରୁଜୁ କରିଛି । ଆଜି ସକାଳେ କାମାକ୍ଷାନଗର ଏସଡିପିଓ ରଂଜନ କୁମାର ଦେ , ଢେଙ୍କାନାଳ ସାଇଣ୍ଟିଫିକ ଟିମ୍ , ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଁଚି ତଦନ୍ତ କରିବା ସହ ନମୁନା ସଂଗ୍ରହ କରି ଫେରିଯାଇଥିବା ବେଳେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି । ଅଭିଯୁକ୍ତଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ଆଜି ସକାଳ ୮ ଘଟିକା ରୁ ଦିବା ୧୧ ଘଟିକା ପର୍ଯ୍ୟନ୍ତ ନୀଳକଣ୍ଠପୁର ଛକରେ ଭୁବନ- ଢେଙ୍କାନାଳ ରାସ୍ତା ଅବରୋଧ କରାଯାଇଥିଲା । ଖୁବଶୀଘ୍ର ଆସାମୀ ଧରାପଡିବେ ବୋଲି ପ୍ରତିଶୃତି ପରେ ରାସ୍ତାରୋକ ହଟିଥିଲା । ମୃତ ଅଲେଖ ଜଣେ ଅତ୍ୟନ୍ତ ଶାନ୍ତ ସରଳ ଭଦ୍ର ବ୍ୟକ୍ତି ଥିଲେ । ତାଙ୍କର କାହା ସହିତ ଶତ୍ରୁତା ନଥିଲା । କିଏ , କାହିଁକି ତାଙ୍କୁ ଏଭଳି ହତ୍ୟା କଲା ବୋଲି ଭୁବନ ଅଂଚଳରେ ଚର୍ଚ୍ଚା ଓ ଆଲୋଚନା ହେଉଛି ।

# ଶିକ୍ଷାଦାନରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ପିଲାମାନଙ୍କ ଭବିଷ୍ୟତ ଗଠନରେ କୌଣସି ପ୍ରକାର ଅବହେଳା କଲେ ତାହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର କୃଷି ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଇଁ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ମନ୍ତ୍ରୀ ଶ୍ରୀ ଦାଶ କହିଥିଲେ, ଓଡ଼ିଶାର ସରକାରୀ ବିଦ୍ୟାଳୟମାନଙ୍କରେ ଗୁଣାତ୍ମକ ଶିକ୍ଷାର ପ୍ରଚଳନ ପାଇଁ ସବୁପ୍ରକାର ପଦକ୍ଷେପ ହାତକୁ ନିଆଯିବ । ତୃଣମୂଳସ୍ତରରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏଦିଗରେ ମିଳିତ ଭାବରେ କାର୍ଯ୍ୟ କରିବେ । ପ୍ରଧାନଶିକ୍ଷକ, ଶିକ୍ଷକ, ସିଆରସିସି, ବିଇଓ ଏବଂ ଡିଇଓମାନଙ୍କ ମିଳିତ ପ୍ରଚେଷ୍ଟା ଛାତ୍ରଛାତ୍ରୀମାନଙ୍କ ବୋର୍ଡ ପରୀକ୍ଷାରେ ପ୍ରତିଫଳିତ ହେବା ନେଇ ଶ୍ରୀ ଦାଶ ଆଶା ପ୍ରକାଶ କରିଥିଲେ। ସେହିଭଳି ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଭାଗୀୟ କର୍ମଚାରୀଙ୍କୁ ଉଚିତ୍ ସମୟରେ ପେନ୍‌ସନ୍ ପ୍ରଦାନ ସହ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ମେଧାବୃତି ବାବଦ ଆର୍ଥିକ ସହାୟତା ପ୍ରଦାନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏଫ୍‌ଏଲ୍‌ଏନ୍ (ଫାଉଣ୍ଡେସନାଲ ଲିଟେରାସି ଆଣ୍ଡ ନିଉମେରସି) ଏବଂ ଏଲ୍‌ଆରପି (ଲର୍ଣ୍ଣିଙ୍ଗ ରିକଭରି ପ୍ରୋଗ୍ରାମ) କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କ ଭୂମିକା ଓ ପରବର୍ତୀ ଫଳାଫଳର ଆଭିମୁଖ୍ୟ କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କୁ ଆଚରଣରେ ପରିବର୍ତନ ଆଣିବା ଏବଂ ଓଡ଼ିଶାର ଭବିଷ୍ୟତ ଗଠନ ପାଇଁ ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଆଶ୍ୱଥୀ ଏସ୍. କହିଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଏମ୍‌ଡିଏମ୍ (ମଧ୍ୟାହ୍ନ ଭୋଜନ) ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଂଚଳ ରାଜସ୍ୱ ଡିଭିଜନ୍ ର ୧୦୩ ଜଣ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ୧୦ ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗଦାନ କରିଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଦେବା ସହ ପ୍ରାଥମିକ ବିଦ୍ୟାଳୟ ଭିତିଭୂମିର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ।

# ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା : ନିରୁପମା ଜେନା ଥିଲେ ଆଦର୍ଶ ଶିକ୍ଷୟିତ୍ରୀ ଓ ଦୃଢ଼ମନା ମହିୟସୀ ମହିଳା




ଭଦ୍ରକ, ୧୬/୧୨ (ନି.ପ୍ର): ଆଜି ପୂର୍ବାହ୍ନରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ବଙ୍କ ୟୁ.ଜି. ଏମ୍.ଇ. ସ୍କୁଲର ପୂର୍ବତନ ଶିକ୍ଷୟିତ୍ରୀ ୰ ନିରୁପମା ଜେନାଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇ ତାଙ୍କୁ ଜଣେ ଆଦର୍ଶ, ନିଷ୍ଠାପର, ସ୍ପଷ୍ଟବାଦୀ, ଦୃଢ଼ମନା, ସ୍ନେହୀ ମହୀୟସୀ ମହିଳା ଭାବେ ଅଭିହିତ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଭଦ୍ରକ ବାର୍ ର ବରିଷ୍ଠ ଅଧିବକ୍ତା ନିରାକାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସ୍ମୃତି ସଭାରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିକ୍ଷୟିତ୍ରୀ ତଥା ତାଙ୍କର ସହକର୍ମୀ ଅନୁପମା ମହାପାତ୍ର, ପୂର୍ବତନ ଏସ୍.ଆଇ ଉଦୟ ନାଥ ମହାନ୍ତି, ଡାକ୍ତର ହରେକୃଷ୍ଣ ନାୟକ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରମୋହନ ଜେନା ତାଙ୍କର ୩ ଦଶନ୍ଧି ଶିକ୍ଷକତା ଅବଧିରେ ଅନନ୍ୟ ଏବଂ ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଅନେକ ଛାତ୍ରଛାତ୍ରୀ ମାନଙ୍କୁ କେବଳ ଆକୃଷ୍ଟ କରୁନଥିଲା ଅଧିକନ୍ତୁ ଅଭିଭାବକ ମାନଙ୍କୁ ଉତ୍ପ୍ରେରିତ କରୁଥିଲା ବୋଲି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟସିଂହ ନାୟକ, ଶ୍ରୀହର୍ଷ ସ୍ୱାଇଁ, ପ୍ରତାପ ନାୟକ, ଅମର ପାଣିଗ୍ରାହୀ, ଅଶୋକ ନାୟକ, ଗଗନ ରାଉତ, ରମେଶ ଦାସ, ଅଟଳ ବିହାରୀ ନାୟକ, ନିରଞ୍ଜନ ପାଣି ପ୍ରମୁଖ ସ୍ୱର୍ଗୀୟା ଜେନାଙ୍କୁ ମହିଳା ସଶକ୍ତିକରଣର ପ୍ରକୃଷ୍ଟ ଉଦାହରଣ ବୋଲି ପ୍ରକାଶ କରିବା ସହିତ ତାଙ୍କ ସଂଘର୍ଷ ମୟ ଜୀବନ କାହାଣୀର ଅବତାରଣା କରିଥିଲେ। ସତୁରୀ ଦଶକର ମଧ୍ୟଭାଗରେ ମହିଳାମାନେ ଚାକିରୀ କରିବାକୁ ସଂକୋଚ ମଣୁଥିବା ବେଳେ ସେ ନିଜେ ଉଚ୍ଚ ଶିକ୍ଷିତା ହୋଇ ଶିକ୍ଷୟିତ୍ରୀ ଭାବେ ବଙ୍କ ୟୁଜି.ଏମ୍. ସ୍କୁଲରେ ଯୋଗ ଦେଇ ଦୀର୍ଘ ୩ ଦଶନ୍ଧି ଧରି ଶିକ୍ଷାଦାନ କରି ଭଦ୍ରକ ସହରରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ନିଜର ପାରିବାରିକ ସମସ୍ୟାକୁ ଦୃଢ଼ଭାବେ ମୁକାବିଲା କରି ନିଜର ପିଲାମାନଙ୍କୁ ସେ ସମାଜରେ ପ୍ରତିଷ୍ଠିତ କରାଇବାରେ ସକ୍ଷମ ହୋଇଥିଲେ। ତାଙ୍କର ସଂଘର୍ଷ କରିବାର ମାନସିକତା ଶିକ୍ଷାଦାନର କୌଶଳ ତାଙ୍କର ସହକର୍ମୀ ମାନଙ୍କୁ ଅନୁପ୍ରାଣୀତ କରିଥିଲା। ଭଦ୍ରକ ସହରରେ ସେ ସମୟରେ ଅଗ୍ରଣୀ ସ୍କୁଲ ଭାବେ ବିବେଚିତ ବଙ୍କ ୟୁ.ଜି.ଏମ୍.ଇ. ସ୍କୁଲରେ ଶିକ୍ଷାଦାନ କରି ସୁନାମ ଅର୍ଜନ କରିବା ସହ ତାଙ୍କର ସରଳତା, ସ୍ନେହପରାୟଣତା ଛାତ୍ର ଛାତ୍ରୀମାନଙ୍କୁ ପ୍ରଭାବିତ କରିପାରୁଥିଲା। ଆଜି ତାଙ୍କର ଅନେକ ଛାତ୍ରଛାତ୍ରୀମାନେ ସମାଜରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ। ପ୍ରକାଶ ଯୋଗ୍ୟ କି ଗତ ୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସଭାର ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଏହି ସ୍ମୃତି ସଭାର ସଫଳତା ପାଇଁ ତାଙ୍କ ସୁଯୋଗ୍ୟ ପୁତ୍ର ଆଶୁତୋଷ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଉପସ୍ଥିତ ଥିଲେ।

# ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ ପାଇଁ ପ୍ରସ୍ତୁତି ବୈଠକ

ପୁରୀ, ୧୬/୧୨ (ନି.ପ୍ର): ଓଡ଼ିଶା ଆୟୋଜନ କରୁଛି ୨୦୨୩ ପୁରୁଷ ହକି ବିଶ୍ୱକପ। ଜାନୁଆରୀ ୧୩ ରୁ ୨୯ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ।୧୬ ଟି ଦେଶର ପ୍ରତିଯୋଗୀ ଏହି ବିଶ୍ୱକପରେ ଅଂଶଗ୍ରହଣ କରିବେ। ହକିକୁ ଅଧିକ ଲୋକାଭିମୁଖୀ ତଥା ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ଏହି ବିଶ୍ୱକପ ଟ୍ରଫି ସମଗ୍ର ରାଜ୍ୟ ପରିକ୍ରମା କରିବ। ପୁରୀ ଜିଲ୍ଲା କୁ ଚଳିତ ମାସ ୨୫ ତାରିଖ ସଂଧ୍ୟାରେ ଏହା ପହଂଚିବାର କାର୍ଯ୍ୟସୂଚୀ ରହିଛି।ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସମର୍ଥ ବର୍ମା ଙ୍କ ଅଧକ୍ଷତାରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। କୌଣସି ଦେଶ ହକି ବିଶ୍ୱକପ ଭଳି ଏକ ମର୍ଯ୍ୟାଦା ଜନକ ଖେଳକୁ ବାରମ୍ବାର ଆୟୋଜନ ର ସୁଯୋଗ ନ ଥାଏ।ତେଣୁ ଏହି ଟ୍ରଫି କୁ ଭବ୍ୟ ସ୍ୱାଗତ ସହ ଯେପରି ଏହା ସ୍ମରଣୀୟ ହୋଇ ରହିବ ସେଥିପାଇଁ ସମସ୍ତେ ପ୍ରୟାସ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ୨୬ ତାରିଖ ପ୍ରତ୍ୟୁଷରୁ ଦିଗବାରେଣୀ ବେଳାଭୂମି ରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫି କୁ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ ବୋଲି କହିଥିଲେ। ଏଥିରେ ଜୁମ୍ବୋ ଡ୍ୟାନ୍ସ, ମାଲଖମ୍ବ, ବେଳାଭୂମି ମିନି ମାରାଥନ, ସଂଗୀତ ପରିବେଷଣ, ଘୋଡାନାଚ, ସିଗନେଚର କ୍ୟାମ୍ପେନ ଇତ୍ୟାଦି ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଏହା ପରେ ଟ୍ରଫି କୁ ବ୍ଲୁ ଫ୍ଲାଗ ବିଚକୁ ନିଆଯିବ ଓ ସେଠାରେ ଫଟୋ ସୁଟ କରାଯିବ।ପରେ ପରେ ସିଂହଦ୍ୱାରରେ ପ୍ରଭୁ ଙ୍କ ଆଶୀର୍ବାଦ ପରେ ଟ୍ରଫି କୁ ପ୍ରଦର୍ଶନ କରାଯିବ।ଅପରାହ୍ନ ରେ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ରେ ଫଟୋ ସୁଟ ପରେ ବିଶ୍ୱକପ ଟ୍ରଫି କୋଣାର୍କ ଇକୋ ରିଟ୍ରିଟ୍ ଓ କୋଣାର୍କ ମନ୍ଦିର ରେ ସ୍ୱାଗତ, ପ୍ରଦର୍ଶନ ଓ ଫଟୋ ସୁଟ ପରେ ଖୋର୍ଦ୍ଧା ଜିଲ୍ଲା ଅଭିମୁଖେ ଯାତ୍ରା କରିବ ବୋଲି କ୍ରିଡା ଅଧିକାରୀ ଶ୍ରୀ ଚନ୍ଦନ ସାହୁ ସୂଚନା ଦେଇଥିଲେ। ଏହାକୁ ଆକର୍ଷଣୀୟ ଓ ଲୋକ ମାନଙ୍କୁ ଏଥିରେ ଯୋଡିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଆରଟିଓ ରବିନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ଆଥଲେଟିକ ଆସୋସିଏସନ ର ସମ୍ପାଦକ ରବି ଶଙ୍କର ପ୍ରତିହାରୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉଦଳାରେ ଅଙ୍ଗଦାନ ସଚେତନତା ଶିବିର ଅନୁଷ୍ଠିତ



ଉଦଳା, ୧୬/୧୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଘୋଷଣା ଅନୁସାରେ ରୋଟାରୀ କ୍ଲବ , ଉଦଳାର ଉଦ୍ୟମରେ ଚଳିତ ଡ଼ିସେମ୍ବର ୧୫ ତାରିଖ ଗୁରୁବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଏକ ଅଙ୍ଗଦାନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନା ଚକ୍ର, ପ୍ରଶ୍ନଉତ୍ତର, ଦାନ ପାଇଁ ରାଜି ଥିବା ବ୍ୟକ୍ତି ବିଶେଷଙ୍କର ସତ୍ୟପାଠ ଦାଖଲ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ରୋଟାରୀ କ୍ଲବର ସଭାପତି ହରେନ ପଟ୍ଟନାୟକ ଶିବିରରେ ଅଧ୍ୟକ୍ଷତା କରିବା ସହ ପ୍ରତ୍ୟେକ ନାଗରିକ ଅଙ୍ଗଦାନ ସତ୍ୟପାଠ କରିବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ ଅତିଥି ଭାବରେ ଯୋଗ ଦେଇ ରୋଟାରୀ କ୍ଲବର ଏଭଳି ମହାନ କାମକୁ କେଉଁ ଭାଷାରେ ଧନ୍ୟବାଦ ଜଣାଇବି ସେଥିପାଇଁ ଭାଷା ପାଉ ନାହିଁ ବୋଲି କହିବା ସହ କେବଳ ସାବାଳକ/ ସାବାଳିକା ମାନେ ହିଁ ସ୍ୱଇଛାରେ ଶରୀର ଓ ଅଙ୍ଗଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ପାରିବେ ଓ ଅଙ୍ଗଦାନ ପାଇଁ ରାଜ୍ୟ ସରକାରଙ୍କ ନିୟମ ଲାଗୁହୁଏ ବୋଲି ଅବଗତ କରାଇଥିଲେ । ଉପଖଣ୍ଡ ଚିକିତ୍ସାଅଧିକାରୀ ଡ଼ାକ୍ତର କମଳାକାନ୍ତ ନାୟକ କେବଳ କାର୍ଯ୍ୟକ୍ଷମ ଅଙ୍ଗହିଁ ପ୍ରତିରୋପଣ ହୋଇଥାଏ । ଜାତି, ସମ୍ପ୍ରଦାୟ, ଲିଙ୍ଗ ଓ ରୋଗ ଇତିହାସ ନିର୍ବିଶେଷରେ ସୁସ୍ଥ ଅଙ୍ଗ ଦାନ ଯୋଗ୍ୟ ଓ ପ୍ରତିରୋପଣ ଯୋଗ୍ୟ, ଶରୀର ଓ ଅଙ୍ଗଦାନ ପାଇଁ ବୟସର କୌଣସି ସୀମା ନାହିଁ ବୋଲି ବ୍ୟକ୍ତ କରିଥିଲେ । ଉଦଳାର ଡ଼ାକ୍ତର ଭାଗବତ ବେହେରା ଅଙ୍ଗଦାନ ବିଶ୍ୱର ସବୁଠାରୁ ମହନୀୟ ଦାନ, ମୃତ୍ୟୁ ପରେ ମଧ୍ୟ ଅମର ରହିବାର ଏକ ମାତ୍ର ଉପାୟ 'ଅଙ୍ଗଦାନ' ବୋଲି କହିବା ସହ ସେ ନିଜେ ତାଙ୍କର ଶରୀର ଦାନ କରିଦେଇଥିବାର କଥା ବ୍ୟକ୍ତ କରିଥିଲେ । ଉଦଳା ରୋଟାରୀ କ୍ଲବର ଅର୍ଗାନ ଡ଼ୋନେସନ କମିଟି ଚେୟାର ଡ଼ାକ୍ତର ଶଚିଦାନନ୍ଦ ପରିଡ଼ା ବର୍ତ୍ତମାନ ସୁଦ୍ଧା ୫୦ରୁ ଉର୍ଦ୍ଧ ବ୍ୟକ୍ତି ଶରୀର ଦାନ ପାଇଁ ରାଜି ହୋଇଗଲେଣି ଓ ସେଥିରୁ ୨୧ ଜଣ ସତ୍ୟପାଠ ଦାଖଲ ସାରିଲେଣି, ଅନ୍ୟମାନେ କାଗଜପତ୍ର ପ୍ରସ୍ତୁତିରେ ଲାଗିଛନ୍ତି ବୋଲି ସୂଚନା ପ୍ରଦାନ କରିବା ସହ ଯେଉଁମାନେ ଦାନ ଦେବାକୁ ଚାହୁଁଛନ୍ତି ସେମାନେ ମୋବାଇଲ ନଂ- ୯୪୩୭୨୩୮୦୭ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ରୋଟାରି ଡ଼ିଷ୍ଟିକ୍ ୩୨୬୨ର ଅର୍ଗାନ ଡ଼ୋନେସନ ଚେୟାରମ୍ୟାନ ବିକ୍ରମାଦିତ୍ୟ ନାୟକ ପ୍ରୋଜେକ୍ଟର ମାଧ୍ୟମରେ ଅଙ୍ଗଦାନ ଦ୍ୱାରା କିପରି ଅନ୍ୟ ମୁଖରେ ହସ ଫୁଟେଇ ହେଉଛି ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆଗକୁ ଯିବା ସମ୍ଭବ ହେଉଛି ବିସ୍ତୃତ ବର୍ଣ୍ଣନା କରିଥିଲେ ଓ ପରେ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ଇନରହ୍ୱିଲ, ରୋଟାରାକ୍ଟ ନେଇଥିବା ବେଳେ ବରିଷ୍ଠ ନାଗରିକ ସଂଘ , ସାମ୍ବାଦିକ ସଂଘ, ସତ୍ୟସାଇ ସେବା ଦଳ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ମୁନୀ ସମାଜ, ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିକ୍ଷିତ ବ୍ୟକ୍ତି ବିଶେଷ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମାନେ ଯୋଗ ଦେଇଥିଲେ । ରୋଟାରିଆନ ବ୍ରହ୍ମାନନ୍ଦ ନାୟକ ମୃତ୍ୟୁ ପରେ ଶରୀର ଦାନ ପାଇଁ ଅଙ୍ଗୀକାରବଦ୍ଧ ବ୍ୟକ୍ତିଙ୍କ ଅଙ୍ଗ, ସାଧାରଣତଃ ମସ୍ତିଷ୍କ ମୃତ୍ୟୁ ପରେ ହିଁ ନିଆଯାଇଥାଏ । ଅଙ୍ଗ ପ୍ରତ୍ୟେଙ୍ଗ ବିକ୍ରୟ, ଆଇନ ଦ୍ୱାରା ଅବୈଧ ଓ ଏଥିପାଇଁ ଦୃଢ଼ ଦଣ୍ଡ ବ୍ୟବସ୍ଥା ଅଛି ବୋଲି କହି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କିଭ୍ର ୩ଟି ସହର ଉପରେ....

ଖାରକିଭ ସହର ଅନ୍ଧାର ହୋଇଯାଇଛି । ବିନା ବିଜୁଳିରେ ଲୋକେ ଅନ୍ଧାରରେ ଅଛନ୍ତି । ୟୁକ୍ରେନର ଡେପୁଟି ଇଣ୍ଟଲିଜେନ୍ସ ମୁଖ୍ୟ ଜେନରାଲ ଓ୍ୱାଦିମ ସ୍କିବିସ୍କି କହିଛନ୍ତି ଅକ୍ଟୋବର ପରେ ରୁଷିଆ ୟୁକ୍ରେନ୍ ଉପରେ ସେହି ମିଶାଇଲରେ ଆକ୍ରମଣ କରୁଛି, ଯାହାକୁ ୧୯୯୦ରେ ସୋଭିଏତ ସଂଘରୁ ଅଲଗା ହେବା ପରେ ୟୁକ୍ରେନ୍ ରୁଷିଆକୁ ଦେଇଥିଲା । ଅସଲ କଥା ହେଲା ୧୯୯୦ରେ ସୋଭିଏତ ସଂଘରୁ ଅଲଗା ହେବା ପରେ ୟୁକ୍ରେନ୍ ନିକଟରେ ବିଶ୍ୱର ସବୁଠାରୁ ତୃତୀୟ ବଡ ପରମାଣୁ ଅସ୍ତ୍ରଶସ୍ତ୍ରର ଗଚ୍ଛିତ ଭଣ୍ଡାର ରହିଥିଲା । ଆର୍ଥିକ ସଙ୍କଟର ସାମ୍ନା କରୁଥିବା ୟୁକ୍ରେନ୍ ଆମେରିକା ଓ ୟୁରୋପର ଚାପରେ ନିଜ ପରମାଣୁ ଅସ୍ତ୍ର ତ୍ୟାଗ କରିବାକୁ ସ୍ଥିର କରିଥିଲା । ଜେନରାଲ ଓ୍ୱାଦିମ ସ୍କିବିସ୍କି କହିଛନ୍ତି, ୧୯୭୦ ଦଶକରେ ୟୁକ୍ରେନରେ ନିର୍ମାଣ କରାଯାଇଥିବା କେଏଚ-୫୫ ସବସୋନିକ କ୍ରୁଜ କ୍ଷେପଣାସ୍ତ୍ରର ଧ୍ୱଂସାବଶେଷ ରୁଷିଆର ଆକ୍ରମଣ ପରେ ୟୁକ୍ରେନର ଖ୍ମେଲନିସ୍କି ଅଞ୍ଚଳରେ ମିଳିଥିଲା । ସେ ଆହୁରି ମଧ୍ୟ କହିଛନ୍ତି କେବଳ ଏହି କ୍ଷେପଣାସ୍ତ୍ର ୟୁକ୍ରେନରେ ନୁହେଁ, ବରଂ ଏହାକୁ ଚଳାଇଥିବା ଟିୟୁ-୧୬୦ ବିସ୍ଫୋରଣକାରୀ ମଧ୍ୟ ୟୁକ୍ରେନରେ ନିର୍ମାଣ କରାଯାଇଥିଲା ।

### ନୀତିଶ କହିଲେ ମଦ ମୃତ୍ୟୁରେ....

ମରିଥିବା ଲୋକଙ୍କ ସଂପର୍କୀୟ ଦୁଖ ଜାଣିଲେ ଆପଣଙ୍କ ଆଖିରେ ବି ଲୁହ ଆସିଯିବ । କାହା ଆଖିରେ ନିଦ ନାହିଁ, ଦୁଇଦିନ ହେବ ପେଟକୁ ମୁଠେ ଦାନା ଯାଇନି । ବିଷାକ୍ତ ମଦ ପିଇ ସିନା ଜୀବନ ଚାଲିଗଲା । ହେଲେ ପଛରେ ଛାଡ଼ିଗଲେ ନୀରିହ କୁନି ପୁଅ , ଅସହାୟ ମାଆ ଆଉ ନିସହାୟ ସ୍ତ୍ରୀକୁ । ଅନ୍ୟପଟେ ବଢ଼ିବାରେ ଲାଗିଛି ମୃତକ ସଂଖ୍ୟା । ବିହାରର ଛପରା, ସିବାନ, ଭଗବାନପୁର , ବ୍ରହ୍ମାସ୍ଥାନ ଆଦି ସ୍ଥାନରେ ବିଷାକ୍ତ ମଦ ପିଇ ଲୋକଙ୍କ ଜୀବନ ଯାଉଛି । ଅନ୍ୟପଟେ ମଦମୃତ୍ୟୁ ମାମଲା ସୁପ୍ରିମକୋର୍ଟରେ ପହଁଚିଛି । ଆର୍ଯ୍ୟାବତ ମହାସଭା ଫାଉଣ୍ଡେସନ ଏହି ମାମଲାରେ ଶୀଘ୍ର ଶୁଣାଣି କରିବା ସହ ସମ୍ପୂର୍ଣ୍ଣ ମାମଲା ଏସଆଇଟି ତଦନ୍ତ କରିବା ପାଇଁ ଦାବି କରିଛି । ବଢ଼ୁଛି ବିଷାକ୍ତ ମଦପିଇ ମୃତକଙ୍କ ସଂଖ୍ୟା । ଅନ୍ୟପଟେ ୪୮ ଘଂଟାରେ ୧୫୦ ଲୋକଙ୍କ ଏହି ଘଟଣାରେ ଗିରଫ କରାଯାଇଛି । ଘଟଣାରେ ଅବକାରୀ ବିଭାଗର ୭ ଟି ଟିମ ଆରମ୍ଭ କରିଛି ତନାଘନା ।

### ସମ୍ବଲପୁରରେ ଅଭାବନୀୟ....

ସରକାର ଦେଲେ ନାହିଁ । ରାଜ୍ୟ ସରକାରଙ୍କ ନୀରବତା ଏବଂ ନିଷ୍ପାର ଅଭାବ କାରଣରୁ ଗତ ୧୨ତାରିଖ ସମ୍ବଲପୁରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଆନ୍ଦୋଳନରତ ସଂଖ୍ୟାଧିକ ଆଇନିଜୀବୀଙ୍କୁ ପୋଲିସ ଗିରଫ କରିଛି । ଅନେକ ଓକିଲଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ଗିରଫ ମଧ୍ୟ କରାଯାଉଛି । ଏହି କାରଣରୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ଏବଂ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ନିଜର ଭୁଲ ଓ ତ୍ରୁଟିକୁ ଚିହ୍ନି ତାହାର ସମାଧାନ ନକରିଲେ ଆଗକୁ ପରିସ୍ଥିତି ଆହୁରି ବିଗିଡିଯିବ । ସ୍ୱାଭାବିକ ପରିସ୍ଥିତି ଓ ପୂର୍ବ ଭଳି କୋର୍ଟ କାର୍ଯ୍ୟ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ଘଟଣାରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ଗିରଫ ହୋଇଥିବା ଓକିଲଙ୍କ ମୁକ୍ତି ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପୂଜାରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମ ଓଡିଶାର ସମସ୍ତ ବିଜେପି ସାଂସଦ ଜୁଏଲ ଓରାମ, ସଂଗୀତା ସିଂହଦେଓ, ବସନ୍ତ ପଣ୍ଡା ଏବଂ ନିତେଶ ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ଥିଲେ ।

### ଭୂସ୍ଖଳନ ଘଟଣା: ମୃତ୍ୟୁସଂଖ୍ୟା....

ତେଣୁ ପ୍ରାୟ ୯୦ ଜଣ ଲୋକ ମାଟି ତଳେ ଚାପି ହୋଇଯାଇଥିଲେ । ସେହିପରି ଏହାକୁ ସଂଯୋଗ କରୁଥିବା ରାସ୍ତାର ଗୋଟିଏ ପାର୍ଶ୍ୱ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ଜାତୀୟ ବିପର୍ଯ୍ୟୟ ପ୍ରଶମନ ଏଜେନ୍ସି ଦେଇଥିବା ସୂଚନା ଅନୁଯାୟୀ, ଭୂସ୍ଖଳନ ଯୋଗୁ ପ୍ରାୟ ୯୦ ଜଣ ମାଟି ତଳେ ପୋତି ହୋଇ ଯାଇଥିଲେ । ସେମାନଙ୍କ ମଧ୍ୟରୁ ୫୯ ଜଣଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଛି । ୨୨ ଜଣ ଏବେ ବି ନିଖୋଜ ରହିଛନ୍ତି । ୧୨ ଜଣ ପ୍ରାଣ ହରାଇଥିବା ବେଳେ ଉଦ୍ଧାର ହୋଇଥିବା ୮ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜିଲ୍ଲା ପୁଲିସ୍ ମୁଖ୍ୟ ସୁଫିଆନ ଅବଦୁଲ୍ଲା କହିଛନ୍ତି, ଉଦ୍ଧାର କାର୍ଯ୍ୟରେ ବିଭିନ୍ନ ଏଜେନ୍ସିର ୪୦୦ ଲୋକଙ୍କୁ ସାମିଲ କରାଯାଇଛି । ଆମର ଆଶା ଖୁବଶୀଘ୍ର ନିଖୋଜ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ । ପ୍ରଶାସନିକ ଅଧିକାରୀ ନୋରାଜମ ଖାମିସ କହିଛନ୍ତି, କ୍ୟାମ୍ପ ହୋଇଥିବା ସ୍ଥାନର ୧୦୦ ଫୁଟ ଉପରୁ ମାଟି ଅତଡ଼ା ଧସିଥିଲା । ପ୍ରାୟ ୧ ଏକର ପରିଧି ମଧ୍ୟରେ ମାଟି ଅତଡ଼ା ଖସିବାରୁ ଲୋକମାନେ ଏହା ତଳେ ଚାପି ହୋଇଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଦଳ ଲାଗିଥିବା ସେ କହିଛନ୍ତି । ବର୍ଷକ ତଳେ ଅବିଶ୍ରାନ୍ତ ବର୍ଷା ଓ ଭୂସ୍ଖଳନ ଯୋଗୁ ୭ ରାଜ୍ୟର ୨୧ ହଜାର ଲୋକ ବିସ୍ଥାପିତ ହୋଇଥିଲେ । ଉକ୍ତ ସେଲାନଗୋର ଅଞ୍ଚଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏଠାରେ ପାହାଡ଼ ଠାରୁ ଆରମ୍ଭ କରି ସୁଉଚ୍ଚ ସ୍ଥାନ ସବୁ ରହିଛି । ତେଣୁ ଲୋକମାନେ ଏଠାକୁ ବୁଲିବା ପାଇଁ ଆସନ୍ତି । ସୁନ୍ଦର ପରିବେଶର ମଜା ନେବାକୁ ଅନେକ ଲୋକ କ୍ୟାମ୍ପରେ ରହିବାକୁ ମଧ୍ୟ ପସନ୍ଦ କରନ୍ତି । କିନ୍ତୁ କ୍ୟାମ୍ପରେ ରହିଥିବା ଲୋକ ଏବେ ଭୂସ୍ଖଳନ ଯୋଗୁ ପ୍ରଭାବିତ ହୋଇଛନ୍ତି ।

## ଗଚ୍ଛିତ ବାଲି ଜବତ, ୯୦ହଜାର ଟଙ୍କାରେ ନିଲାମ

ଭଦ୍ରକ, ୧୬/୧୨ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ, ଥାନାଧିକାରୀ ଅମିତାଭ ଦାଶ ଆଜି ମଣିନାତପୁର ସ୍କୁଲ ପଡିଆରେ ମହଜୁଦ କରି ରଖାଯାଇଥିବା ବାଲିକୁ ଜବତ କରିବା ସହ ୯୦ ହଜାର ଟଙ୍କାରେ ନିଲାମ କରିଥିବା ଜଣାଯାଇଛି । ବୈତରଣୀ ନଦୀରୁ ଚୋରାରେ ବାଲି ଉଠାଯାଇ ବିକ୍ରୟ ଉଦ୍ଦେଶ୍ୟରେ ଏହି ବାଲିକୁ ମହଜୁଦ କରି ରଖାଯାଇଥିଲା । ଘଟଣାସ୍ଥଳରେ ଜବତ ବାଲିକୁ ନିଲାମ କରାଯାଇଥିଲା । ଏଥିରୁ ୯୦ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା । ମାତ୍ର ଏହି ଜବତ ବାଲି ନାମକୁ ମାତ୍ର ଥିଲା । ମଣିନାଥପୁର, ମୁଢ଼ାପଦା, ଦାଣ୍ଡକୂଳ, ବିରୋଳି ଆଦି ଗ୍ରାମଗୁଡିକରେ କୋଟି କୋଟି ଟଙ୍କା ମୂଲ୍ୟର ବାଲି ମହଜୁଦ କରି ରଖାଯାଇଛି । ତାହା ଜବତ କରାଯିବାକୁ ସାଧାରଣରେ ଦାବି ହୋଇଛି ।

## କୋଡବରୁଆଁ ଠାରେ ପଂଚାୟତସ୍ତରୀୟ କ୍ରୀଡା ଉତ୍ସବ

ଭଦ୍ରକ, ୧୬/୧୨ (ନି.ପ୍ର): ଆଜି ପୂର୍ବାହ୍ନ ବିଶ୍ୱକପ-୨୦୨୩ ଭଦ୍ରକ ବ୍ଲକ ଜୋନ୍-୨ ପଂଚାୟତସ୍ତରୀୟ କ୍ରୀଡା ଉତ୍ସବ କୋଡବରୁଆଁ ପଂଚାୟତ ଅଧିନସ୍ଥ କୋଡଗମ୍ଭୀର ତାରିଣୀ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କୋଡବରୁଆଁ ସରପଂଚ ସୁଷମା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଭଦ୍ରକ ଏବିଡିଓ ଗୁଲ ଫିର୍ଦୋସ, ସମିତିସଭ୍ୟ ରାଜେନ୍ଦ୍ର ନାରାୟଣ ପାଣି, ଭଦ୍ରକ ଲାୟନ୍ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ସଭାରେ ପଲ୍ଲିଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାଶ ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୋଡବରୁଆଁ, ଚଣ୍ଡିଗାଁ, ଜଗଦଳପୁର, ରାହାଞ୍ଜ, ରମ୍ଭିଳା, ବଣିଆ, ପରସିଙ୍ଗା, ଚରମ୍ପା ଓ ଏରେଇଁ ଆଦି ୯ଟି ପଂଚାୟତର ୪୫ଟି ବିଦ୍ୟାଳୟରୁ ୫ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଅନ୍ୟପକ୍ଷରେ ଏହି କ୍ରୀଡା ଉତ୍ସବରେ ୨ହଜାର ରୁ ଅଧିକ ସଂଖ୍ୟକ ୯ଟି ପଂଚାୟତର ସରପଂଚ, ସମିତିସଭ୍ୟ, ଅଭିଭାବକ, କ୍ରୀଡାବିତ ଓ ସମାଜସେବୀମାନେ ଯୋଗଦାନ କରିଥିଲେ । ଏହି କ୍ରୀଡା ଉତ୍ସବରେ ଖୋଖୋ, କବାଡି, ଭଲିବଲ, ଫୁଟବଲ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ଖେଳକୁ ରଶ୍ମିକର ମଲ୍ଲିକ, ଅଶୋକ ବିଶ୍ୱାଳ, ବିଜୟ ସାମଲ, ତନୁଶ୍ରୀ ନାୟକ, ଧିରେନ୍ଦ୍ର ଭଂଜ, ଆରତୀ ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ଏକଦିବସୀୟ କ୍ରୀଡା ଉତ୍ସବଟି କୋଡବରୁଆଁ ପଂଚାୟତ ସରପଂଚ ପ୍ରତିନିଧି ଯୁବନେତା ଆଶୀଷ କୁମାର ମହାନ୍ତି, ଶିକ୍ଷକ, ଅଭିଭାବକ ଓ ଅଂଚଳବାସୀଙ୍କ ସହଯୋଗରେ ସଫଳ ହୋଇଥିଲା ।

## ବିଶ୍ୱ ହକି ଖେଳ ପାଇଁ ଉଠାଦୋକାନୀ ଉଚ୍ଛେଦକୁ ଜୋରଦାର ବିରୋଧ କରାଯିବ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଭୁବନେଶ୍ୱର ଏବଂ ରାଉରକେଲାରେ ଜାନୁୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ କପ୍ ହକି ଖେଳ ପାଇଁ ରାଜଧାନୀ ଭୁବନେଶ୍ୱରକୁ ସରସ, ସୁନ୍ଦର ଓ ସୌନ୍ଦର୍ଯ୍ୟକରଣ କରିବା ଆଳରେ ବିଏମ୍‌ସି, ବିଡ଼ିଏ, ଜିଏ, ଜାତୀୟ ରାଜପଥ ଏବଂ ପୋଲିସ୍ ପ୍ରଶାସନ ମିଳିତ ପ୍ରୟାସରେ ବସ୍ତିବାସିନ୍ଦା ଓ ଉଠାଦୋକାନୀମାନଙ୍କୁ ଯେଉଭଳି ଭାବରେ ଉଚ୍ଛେଦ କରାଯାଉଛି ତାହା କୌଣସି ଅମାନୁଷିକ ଘଟଣା ଠାରୁ କିଛି କମ୍ ନୁହେଁ । ଗରିବ ଉଠାଦୋକାନୀ ଓ ବସ୍ତିବାସିନ୍ଦା ମାନଙ୍କ ଦାନା ପାଣି ମାରିବା ଏହି ଉଚ୍ଛେଦର ମୂଳ ଲକ୍ଷ୍ୟ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ ପ୍ରକାଶ କରିଛନ୍ତି । ଉଠାଦୋକାନୀମାନଙ୍କ ଥଇଥାନ ପାଇଁ ଆଇନ ଥିବା ବେଳେ ତାହାକୁ ନ ମାନି ଯେଉଁଭଳି ଭାବରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଉଛି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଯଦି ରାଜ୍ୟ ସରକାର ଉଠାଦୋକାନୀମାନଙ୍କୁ ଆଇନ ଅନୁଯାୟୀ ଥଇଥାନ ନକରି ଉଚ୍ଛେଦ ଜାରି ରଖନ୍ତି, ତେବେ ବାଧ ହୋଇ ଓଡ଼ିଶା ଉଠାଦୋକାନୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ନବୀନ ନିବାସ , କଳିଙ୍ଗ ଷ୍ଟାଡ଼ିୟମ ଓ ରାଉରକେଲା ଷ୍ଟାଡ଼ିୟମ ସମ୍ମୁଖରେ ହଜାର ହଜାର ଉଠାଦୋକାନୀ ଓ ବସ୍ତିବାସିନ୍ଦା ଧାରଣାରେ ବସିବେ ବୋଲି ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ୧୮ରେ ନବରଙ୍ଗପୁର କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଆସନ୍ତା ଡିସେମ୍ବର ୧୮ ତାରିଖରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନବରଙ୍ଗପୁର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ପ୍ରଧାନ ଆସନ୍ତାକାଲି ଭୁବନେଶ୍ୱରରେ ପହଂଚବା ପରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଗସ୍ତ କରିବେ । ନବରଙ୍ଗପୁର କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ଏହା ବ୍ୟତିତ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସହ ଶିକ୍ଷା ଓ ଦକ୍ଷତା ବିକାଶ ସହ ଜଡ଼ିତ ବିଭିନ୍ନ ବିଷୟରେ ସୀମାକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

## ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୧୬/୧୨ (ନି.ପ୍ର): ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ତିନି ବର୍ଷିଆ ଦ୍ୱିତୀୟ ଓ ତୃତୀୟ ବର୍ଷର ଏଲ.ଏଲ.ବି. ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡ଼ଃ. ଗିରିଶ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଐତିହ୍ୟ ଗବେଷକ ପ୍ରାଧ୍ୟପକ ଗୋପାଳକୃଷ୍ଣ ଦାସ ମୁଖ୍ୟଅତିଥି ଓ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମୟାନୁବର୍ତୀ ତଥା ଅଧ୍ୟୟନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଓକିଲ ଭାବେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ନିଜର ଆଦର୍ଶ ଭାବେ ବିଚାରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ସମ୍ପାଦକ ସୁଧୀର ମାନସିଂହ, ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଉପସ୍ଥିତ ରହି ନୂତନ ଛାତ୍ରୀଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ଛାତ୍ରୀ ମୁସକାନ କୌର ସ୍ୱାଗତଭାଷଣ, ଭକ୍ତି ପାଲ ଅତିଥି ପରିଚୟ ଓ ସୁହାନ ଶୁଭଦର୍ଶନୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ନୃତ୍ୟଶିଳ୍ପୀ ଫ୍ରାଙ୍କଲିନ୍ ଦାନୀ ଓ ଅନ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧ୍ୟାପିକା ଅପରାଜିତା ରଥ, ସନ୍ତୋଷ କୁମାର ବେହେରା, ଅଂଶୁମାନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜ୍ୟ ସଂଗ୍ରହାଳୟରେ ମୌଖିକ ଓ ଜନଜାତି ସାହିତ୍ୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିଷ୍ପତି ଅନୁଯାୟୀ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଏକ 'ମୌଖିକ ଓ ଜନଜାତି ସାହିତ୍ୟ କେନ୍ଦ୍ର' ସର୍ବସାଧାରଣଙ୍କ ନିମନ୍ତେ ପ୍ରତିଷ୍ଠିତ ହେବାପାଇଁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏବଂ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଗତ ସେପ୍ଟେମ୍ବର ୮ ତାରିଖରେ ଏହି ନିଷ୍ପତି ହୋଇଥିଲା । ଏହି କେନ୍ଦ୍ର ମାଧ୍ୟମରେ ବିଶେଷ କରି ପୂର୍ବାଂଚଳ ଓ ଉତର ପୂର୍ବାଂଚଳରେ ଜନଜାତି ସାହିତ୍ୟର ପ୍ରଚାର, ପ୍ରସାର ତଥା ଗବେଷଣା ପାଇଁ ସୁଯୋଗ ସୃଷ୍ଟି ହେବ । ଆଗ୍ରହୀ ସାହିତ୍ୟିକ ଓ ଗବେଷକମାନେ ଏହି କେନ୍ଦ୍ରର ସଦୁପଯୋଗ କରିବାକୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ରାଜ୍ୟ ସଂଗ୍ରହାଳୟ ଅଧିକ୍ଷକ ଡଃ. ଭାଗ୍ୟଲିପି ମଲ୍ଲ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡଃ. କେ. ଶ୍ରୀନିବାସ ରାଓ ଏବଂ ଏକାଡେମୀର ଓଡ଼ିଆ ଭାଷା ପରାମର୍ଶଦାତା କମିଟିର ଆବାହକ ଡ଼ଃ ବିଜୟାନନ୍ଦ ସିଂହ ଉପସ୍ଥିତ ଥିଲେ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଟିଖିଆରେ ବହଳଦା ବ୍ଲକ ସ୍ତରୀୟ ବିଜ୍ଞାନମେଳା




ବାରିପଦା, ୧୬/୧୨ (ନି.ପ୍ର): ବହଳଦା ବ୍ଲକର ସମସ୍ତ ବିଦ୍ୟାଳୟ ସମୂହର ବ୍ଲକ ସ୍ତରୀୟ ବିଜ୍ଞାନମେଳା ଟିଖିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନମେଳାରେ ବ୍ଲକର ୪୪ଟି ବିଦ୍ୟାଳୟର ଜୁନିୟର ବିଭାଗରେ ୧୬ଟି ଏବଂ ସିନିଅର ବିଭାଗରେ ୨୮ଟି ପ୍ରକଳ୍ପ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଉକ୍ତ ପ୍ରଦର୍ଶନୀ ?କୁ ମୁଖ୍ୟ ଅତିଥି ଭାବେ ବହଳଦା ବ୍ଲକର ପୂର୍ବତନ ବିଆରସିସି ରାମକୃଷ୍ଣ ମହାନ୍ତ ଉଦଘାଟନ କରିଥିବା ବେଳେ, ମୁଖ୍ୟ ବକ୍ତା ରୂପେ ପୂର୍ବତନ ଏବିଇଓ ବିଭୂତି ଭୂଷଣ ପଲେଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇଂଜିନିୟର ଲକ୍ଷ୍ମଣ ମହାନ୍ତ, ଗମ୍ଭାରିଆ ସରପଂଚ ବୈଦେହୀ ହାଁସଦାଃ, ବିଜ୍ଞାନ ମେଳାର ସଂଗଠନ ସମ୍ପାଦକ ଦଶରଥ ମହାନ୍ତ, ବରିଷ୍ଠ ଶିକ୍ଷକ ଶିବନନ୍ଦନ ମହାନ୍ତ, ବରିଷ୍ଠ ଶିକ୍ଷକ ନଳିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁରର ଡେପୁଟି ରେଂଜ ଅଫିସର ସତ୍ୟବ୍ରତ ପଟ୍ଟନାୟକ ଉପସ୍ଥିତ ଥିଲା ବେଳେ ମୁଖ୍ୟ ବକ୍ତା ରୂପେ ପୂର୍ବତନ ବିଧାୟକ ସାଇବା ସୁଶିଲ କୁମାର ହାଁସଦାଃ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ସୂର୍ଯ୍ୟ ମଣୀ ହାଁସଦାଃ ଏବଂ ଗମ୍ଭାରିଆ ସରପଂଚ ବୈଦେହୀ ହାଁସଦାଃ ଯୋଗ ଦେଇଥିବା ବେଳେ, ବିଜ୍ଞାନ ମେଳାର ସଭାପତି ତଥା ବହଳଦା ବ୍ଲକ ବିଇଓ ନେପଲ ଚନ୍ଦ୍ର ମୁଣ୍ଡା, ଉପସଭାପତି ତଥା ଏବିଇଓ ଭୂତନାଥ ସିଟ, ବିଜ୍ଞାନ ମେଳାର ସଂଗଠନ ସମ୍ପାଦକ ଟିଖିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦଶରଥ ମହାନ୍ତ ଉପସ୍ଥିତ ରହିଥିଲେ । ଏହି ବିଜ୍ଞାନ ମେଳାରେ ସର୍ବମୋଟ ୧୨୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ଶ୍ରେଷ୍ଠ ୫ଟି ପ୍ରକଳ୍ପ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ କରାଯାଇଥିଲା ।

## ପଂଚଲିଙ୍ଗେଶ୍ୱରକୁ ବଦନାମ କରୁଛନ୍ତି ବାହାର ରାଜ୍ୟର ପ୍ରେମୀ ଯୁଗଳ

ନୀଳଗିରି, ୧୬/୧୨ (ନି.ପ୍ର): ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ନୀଳଗିରି ପଂଚଲିଙ୍ଗେଶ୍ୱର ଶୈବପୀଠ ବହୁ ପୁରାତନ ଶୈବପୀଠ ହୋଇଥିବା ବେଳେ ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ପର୍ଯ୍ୟଟକ ଆସିଥାନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟର ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଯଙ୍କା ଖର୍ଚ୍ଚ କରୁଥିବା ବେଳେ ନୀଳଗିରିର ଐତିହ୍ୟ ବହନ କରୁଥିବା ପଂଚଲିଙ୍ଗେଶ୍ୱର ର ସର୍ବପୁରାତନ ପାନ୍ଥଶାଳାକୁ ବଦନ କରିବାକୁ ବାହାର ରାଜ୍ୟର ପ୍ରେମୀ ଯୁଗମାନେ ଅଶ୍ଳିଳ ଭିଡିଓ ସୁଟିଂ କରି ପର୍ନସାଇଡ୍‌ରେ ଅଫଲୋଡ଼ କରି ମୋଟା ଅଙ୍କରର ଅର୍ଥ ଉପାର୍ଜନ କରୁଛନ୍ତି । ଏଭଳି ଏକ ଅନ୍ତରଙ୍ଗ ମୁହର୍ତର ଭିଡିଓ କ୍ୟାମେରା ମାଧ୍ୟମରେ ତୃତୀୟ ବ୍ୟକ୍ତିଙ୍କ ଦ୍ୱାରା ସୁଟିଂ କରାଯାଇ ଥିବା ବେଳେ ଏହି ଭିଡିଓର ପାରିପାର୍ଶ୍ୱିକ ଅବସ୍ଥାକୁ ଦଖିଲେ ପଂଚଲିଙ୍ଗେଶ୍ୱର ଅଂଚଳର ହୋଇଥିବା ବେଳେ ଏହା ୨ବର୍ଷ ପୂର୍ବର ଭିଡିଓ ବୋଲି ତର୍ଜମା ଚାଲିଛି । ସୂଚନାଥାଉକି ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ବିକାଶ କରିବା ଏବଂ ପର୍ଯ୍ୟଟକମାନଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦେବାକୁ ପାନ୍ଥଶାଳାଗୁଡ଼ିକୁ ଘରୋଇକରଣ କରାଇ ସୁଚାରୁ ପରିଚାଳନା ପାଇଁ ପଂଚଲିଙ୍ଗେଶ୍ୱର ପାନ୍ଥଶାଳାକୁ ମଧ୍ୟ ଘରୋଇ କରଣ କରିଥିବା ବେଳେ ଏହାକୁ ବଦନାମ କରିବା ପାଇଁ ଏକ ହୀନ ପ୍ରୟାସ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ବାହାର ରାଜ୍ୟର ପ୍ରେମୀଯୁଗଳ ଉକ୍ତ ଶୈବପୀଠକୁ ନିଜର ଉପଯୁକ୍ତ ସ୍ଥାନ ଭାବି ଏଠାରେ ଅଶ୍ଳୀଳ ଭିଡିଓ ସୁଟିଂ କରିବା ସହ ଓ୍ୱେବସାଇଡରେ ଅପଲୋଡ କରିବା ଘଣାକୁ ଅଂଚଳ ବାସୀ ତୀବ୍ର ନିନ୍ଦା କରୁଥିବା ବେଳେ ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗେଶ୍ୱରକୁ ବଦନାମ କରୁଥିବା ବେଳେ ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଂଚଳବାସୀ ଦାବୀ କରିଛନ୍ତି । ଘରୋଇକରଣ ପରେ ଏଠାରେ ଏପରି କାର୍ଯ୍ୟକୁ ପ୍ରଶୟ ଦିଆଯାଉ ନ ଥିବା ବେଳେ ପୂର୍ବ ଭିଡିଓକୁ ନେଇ ଏଭଳି ଶୈବପୀଠକୁ ବଦନାମ ନ କରିବା ପାଇଁ ଅଚଂଳବାସୀ ବିନମ୍ର ଅନୁରୋଧ କରିଛନ୍ତି । ଏ ନେଇ ସ୍ଥାନୀୟ ସରପଂଚ ପୁରନ୍ଦମ ସେଠୀ ହୋଟେଲ ଶିଳ୍ପ ଓ ଶୈବପୀଠକୁ ବଦନାମ କରିବା ପାଇଁ ଏସବୁ କାର୍ଯ୍ୟକରୁଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ଅଛି ।

## ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ




ବାରିପଦା, ୧୬/୧୨ (ନି.ପ୍ର): ଆଜି ବାରିପଦା କୃଷ୍ଣଚନ୍ଦ୍ର ଗୋଲାଇରୁ ଆଶା କର୍ମୀ ସଂଘ (ସିଆଇଟିୟୁ) ସଦଶ୍ୟ ମାନେ ଲାଲ ପତାକାରେ ସୁଶୋଭିତ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସିଆଇଟିୟୁ ଜିଲ୍ଲା ସମ୍ପାଦକ ଅମଲ ଦେଙ୍କ ସଭାପତିତ୍ୟରେ ଆୟୋଜିତ ସଭାରେ ସଂଘର ଜିଲ୍ଲା ସମ୍ପାଦିକା ରେବତୀ ପରିଡା, ସିଆଇଟିୟୁର ଜିଲ୍ଲା ସଭାପତି ରବି ଗୋସ୍ୱାମୀ, ଆଶା ସଂଘର ଯୁଗ୍ମ ସମ୍ପାଦିକା ଉର୍ମିଳା ଦାଶ, ଉପସଭାପତି ଜ୍ୟୋତିର୍ମୟୀ ଦାସ, ସହ ସମ୍ପାଦିକା ଅଶୋକା ବେହେରା, ମମତା ବେହେରା, ଗୀତାଂଜଳି ଦାସ, ସୁବର୍ଣ୍ଣ ଜେନା, ସୁକେଶିନୀ ବାରିକ ପ୍ରମୁଖ ଆଶାକର୍ମୀ ମାନଙ୍କୁ ସ୍ୱେଚ୍ଛାସେବୀ ବଦଳରେ କର୍ମଚାରୀର ମାନ୍ୟତା ଦେବା, ମାସକୁ ୨୬ହଜାର ଟଙ୍କା ମଜୁରି ପ୍ରଦାନ, ଅବସର ଓ ଦୁର୍ଘଟଣା ଜନୀତ ବୀମାରାଶିକୁ ୮ ଲକ୍ଷ ଟଙ୍କା କରିବା, ଇପିଏଫ୍ ଏବଂ ଇଏସ୍ଆଇ ଓ ବୀମାର ସୁବିଧା ପ୍ରଦାନ କରିବା, ସ୍ମାର୍ଟ ଫୋନ ପ୍ରଦାନ କରିବା, ସମସ୍ତ ସରକାରୀ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସହ ଅଲ୍ଟ୍ରା ସାଉଣ୍ଡର ବ୍ୟବସ୍ଥା ରଖିବା ଇତ୍ୟାଦି ଦାବୀ ବିଷୟରେ ଆଲୋଚନା କରିଥିଲେ ସଂଘର କର୍ମକର୍ତା କୌଶଲ୍ୟା ବେହେରା, ଦମୟନ୍ତୀ ବେହେରା, ବାସନ୍ତୀ ନାୟକ, ଗୁରୁବାରି ସିଂ, ଦ୍ରୋପଦୀ ସିଂ, ପଦ୍ମାବତୀ ବେହେରା, ସାବିତ୍ରୀ ବାରିକ, ଅଂଜନା ମୁଖୀ, ଚମ୍ପାବତୀ ସାହୁ, ଆନ୍ନଦା ମହାନ୍ତ, ମମତା ବେହେରା, ସାବିତ୍ରୀ ବାରିକ, ନମିତା ରାଉତ, ମାମି ମୁଖୀ, ରତ୍ନ ମଂଜରି ସାହୁ, ସରସ୍ୱତୀ ମହାନ୍ତ, ମାମିନା ଟୁଡ୍ଡୁ, ସୁମିତ୍ରା ସୋରେନ, ଗମତା ମାଝି, ରଂଜିତା ଜେନା , ନିୟତି ରାଉତ, ଶ୍ରୀମତୀ ମହାନ୍ତ, ମମତା ପାଲ ପ୍ରମୁଖଙ୍କ ନେତୃତ୍ୱରେ ବହୁ ଆଶା କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସିଡିଏମଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବିଧାୟକଙ୍କର କଲେଜ ପରିଦର୍ଶନ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା, ୧୬/୧୨ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଉନ୍ନୟନ ମୂଳକ କାର୍ଯ୍ୟକୁ ଗତି ଦେବାପାଇଁ ବୀଧାୟକ ଶଶି ଭୂଷଣ ବେହେରା ଉଦ୍ୟମ ଜାରି ରଖିଥିବା ଜଣାପଡିଛି । ଶୁକ୍ରବାର ବିଧାୟକ ଶ୍ରୀ ବେହେରା କେନ୍ଦ୍ରାପଡା କଲେଜ ପରିସରକୁ ଯାଇ ଏହାର ରାସ୍ତାଘାଟ ଅବସ୍ଥାସ, କଲେଜ ଭିତରର ପରିବେଶ, ଛାତ୍ରାବାସ ଓ ଛାତ୍ରୀ ନିବାସ, ଖେଳ ପଡିଆ, ପାର୍କ ପ୍ରଭୃତି ବୁଲି ଦେଖିବା ସହ ଆବଶ୍ୟକୀୟ ଉନ୍ନତି ବିଧାନ, ନବୀକରଣ, ସୌନ୍ଦର୍ଯ୍ୟକରଣ ଓ କଲେଜ ପ୍ରବେଶ ପଥରେ ମୁଖ୍ୟ ଫାଟକର ଉଭୟ ପାର୍ଶ୍ୱରେ ବାଲି ଫିଲିଂ କରାଯାଇ ସୌନ୍ଦର୍ଯ୍ୟ କରଣ କରାଯିବା ସହିତ ବୃକ୍ଷରୋପଣ ଓ ଘାସ ଗାଲିଚା ହେବ । ଏହା ସହ ବିଶ୍ୱ ବ୍ୟାଙ୍କ ସହାୟତାରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧିନ ଥିବା ସାଇନ୍ସ ବ୍ଲକ କାର୍ଯ୍ୟ ଦ୍ୱରାନିତ୍ୱ ଗତିରେ କରାଯାଇଛି । ଚଳିତ ମାସ ଡିସେମ୍ବର ସୁଦ୍ଧା କଲେଜ କର୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବା ସଂପର୍କରେ ପୁର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । କଲେଜ ପରିସରରେ ଥିବା ବଗିଚାର ମୋ କଲେଜ ଅଭିଯାନ ମାଧ୍ୟମରେ ଉନ୍ନତିକରଣ କରାଯାଇ ଏକ ସୁନ୍ଦର ପୁଷ୍ପ ଉଦ୍ୟାନ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । କଲେଜର ମୁଖ୍ୟ ସଡକରେ ଥିବା ଖାଲ ଖମାକୁ ପୁରଣ କରାଯାଇ ଫେବର ବ୍ଲକ କରାଯିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଏହା ସହ ଛାତ୍ରାବାସ ଓ ଛାତ୍ରୀ ନିବାସର ଆନୁସଙ୍ଗୀକ ମରାମତି ସହ କଲେଜରେ ଅନୁକୂଳ ବାତାବରଣ ଓ ପରିବେଶ ସୃଷ୍ଟି ପାଇଁ ବିଧାୟକ ଶ୍ରୀ ବେହେରା ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ସହ ଘଟଣା ସ୍ଥଳ ପର୍ଯ୍ୟବେକ୍ଷଣ କରିଥିବା ଜଣାପଡିଛି । ଏହି ପର୍ଯ୍ୟବେକ୍ଷଣ ସମୟରେ ଅଧ୍ୟାପକ ପ୍ରଫେସର ସନ୍ଦିପ କୁମାର ମହାନ୍ତି, ଦେବେନ୍ଦ୍ର ନାଥ ଗୋଛାୟତ, ଜ୍ଞାନେନ୍ଦ୍ର ଦାସ, ରଞ୍ଜିତ୍ କୁମାର ଦାସ, ଅଶୋକ କୁମାର ଦାସ, ପ୍ରଭାକର ମଲିକଙ୍କ ସହିତ ପୁର୍ତ୍ତ ବିଭାଗର ଆସିଷ୍ଟାଣ୍ଡ ଇଞ୍ଜିନିୟର ପ୍ରସନ୍ନ କୁମାର ସାମଲ, କାଉନସିଲର ପ୍ରଭାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# 'ସ୍ରଷ୍ଟା' ରାଜ୍ୟସ୍ତରୀୟ ନାଟକୋତ୍ସବ ପ୍ରସ୍ତୁତି ଆରମ୍ଭ



ବାଲେଶ୍ୱର, ୧୬/୧୨ (ନି.ପ୍ର): ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ବାଲେଶ୍ୱରର ପୁରାତନ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା' ପକ୍ଷରୁ ରାଜ୍ୟସ୍ତରୀୟ ନାଟକୋତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥି ସହିତ ସ୍ରଷ୍ଟାର ସମ୍ପାଦକ ଓଡିଶାର ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ଅର୍ଦ୍ଧ ଶତାବ୍ଦୀ ସଫଳ ନାଟ୍ୟ ଜୀବନକୁ ରଙ୍ଗମଞ୍ଚ ମହୋତ୍ସବ ଭାବେ ଏଥିରେ ପାଳନ ପାଇଁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ସ୍ରଷ୍ଟାର ସଭାପତି ତଥା ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ, ସମ୍ପାଦକ ଶ୍ରୀ ମହାପାତ୍ର ଓ ଉପ-ସଭାପତି ଗୌରୀ ଶଙ୍କର ସାହାଣୀ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟସ୍ତରୀୟ ନାଟକୋତ୍ସବର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି । ଆସନ୍ତା ୨୦୨୩ ମସିହା ଫେବୃଆରୀ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ସହରର ଗାନ୍ଧୀ ସ୍ମୃତି ଭବନରେ ଏହି ନାଟକୋତ୍ସବ ଉତ୍ସବ ପାଳିତ ହେବ । ଏଥିରେ ପ୍ରଥମ ଓ ଶେଷ ସଂଧ୍ୟାରେ 'ସ୍ରଷ୍ଟା'ର କଳାକାରଙ୍କ ପକ୍ଷରୁ ଓ ଅନ୍ୟ ୫ ଦିନ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନଙ୍କ ପକ୍ଷରୁ ନାଟକ ମଞ୍ଚସ୍ଥ ହେବ । ପ୍ରତ୍ୟେହ ନାଟକ ଉପରେ ଅଲୋଚନାଚକ୍ର ଓ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସ୍ରଷ୍ଟା ପକ୍ଷରୁ ନାଟ୍ୟକାର ଶ୍ରୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଦୁଇଟି ନାଟକ ପରିବେଷଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥି ସହିତ ଭୁବନେଶ୍ୱର, ରାଉରକେଲା, ଝାରସୁଗୁଡା, ଢେଙ୍କାନାଳ ଓ ଫୁଲବାଣୀର ପ୍ରଭୃତି ଜିଲାରୁ ଖାତନାମା ନାଟ୍ୟାନୁଷ୍ଠାନ ମଧ୍ୟ ଏଥିରେ ନାଟକ ମଞ୍ଚସ୍ଥ କରିବେ । ବାଲେଶ୍ୱରବାସୀ ପ୍ରତ୍ୟେହ ସନ୍ଧ୍ୟାରେ ଶିକ୍ଷୟୀୟ ବିଷୟବସ୍ତୁ ଆଧାରିତ ନାଟକ ଦେଖିବା ସହ ଉତ୍ସବକୁ ସଫଳ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ମହାପାତ୍ର, ଅଜୟ ଆଚାର୍ଯ୍ୟ, ସଂଗ୍ରାମ ମହାନ୍ତି, ମନୋରଞ୍ଜନ ଦାସ, ସମରାଇ କର, ସୁଲଳିତ କର, ବ୍ରହ୍ମନାଥ ରଥ, ସୁମନା ପରିଡା, ପ୍ରଦୀପ ଶତପଥୀ, ରତିକାନ୍ତ ମଲ୍ଲିକ, ଅମିତାଭ ଭଟ୍ଟାଚାର୍ଯ୍ୟ, ଦିବାକର ମହାନ୍ତି, ଜୀବନ ସାହୁ ପ୍ରମୁଖ ସ୍ରଷ୍ଟାର କର୍ମକର୍ତ୍ତା ଓ ସଦସ୍ୟ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଦିନକରେ ୬,୪୯,୭୩୦ ମେଟ୍ରିକ ଟନ୍ ପଣ୍ୟ କାରାବାର କରି ପାରାଦୀପ ବନ୍ଦରର ରେକର୍ଡ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଡିସେମ୍ବର ୧୪ ରେ ଗୋଟିଏ ଦିନରେ ୬,୪୯,୭୩୦ ମେଟ୍ରିକ ଟନ୍ ପଣ୍ୟ କାରବାର କରି ପାରାଦୀପ ବନ୍ଦର ଆଉ ଏକ ବିରାଟ ସଫଳତା ହାସଲ କରିଛି । ବନ୍ଦର ଅଧକ୍ଷ ପି.ଏଲ. ହାରନାଧ ଏଥିପାଇଁ ବନ୍ଦର କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏଭଳି ବିରାଟ ସଫଳତା ପାଇଁ ଏଥିସହ ସଂଶ୍ଳିଷ୍ଟ ସମସ୍ତ ଅଂଶୀଦାରଙ୍କୁ ମଧ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବନ୍ଦରର ଉତର ପାର୍ଶ୍ୱରେ ଖନନ ପରେ ପାରାଦୀପ ବନ୍ଦରରେ ଏମ.ଭି ଗୋଲେଡେନ ବାର୍ଣ୍ଣେଟ ୧୬. ୨୦ ମିଟର ବଡ ଜାହାଜ ୧, ୪୬, ୫୫୪ ଟନ୍ କୋକିଂ କୋଲ ପରିବହନ କରି ଲଙ୍ଗର ପକାଇବାରେ ସମର୍ଥ ହୋଇଛି । ଚଳିତ ଆର୍ଥିକ ବର୍ଷରେ ବନ୍ଦର ୧୨୫ ଏମଏମ୍ଟି ପଣ୍ୟ କାରବାର କରିଛି ।

# ଆନ୍ତର୍ଜାତିକ ରଗ୍‌ବି ଖେଳାଳୀଙ୍କୁ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, ୧୬/୧୨ (ନି.ପ୍ର): ବାରିପଦାସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟ +୨ ଦ୍ୱିତୀୟ ବର୍ଷ କଳା ବିଭାଗର ଛାତ୍ରୀ ଆରତୀ ମୁର୍ମୁ ନେପାଳର କାଠମାଣ୍ଡୁ ଠାରେ ଅନୁଷ୍ଠିତ ଏସୀୟ ରଗବି ଇଭେଣ୍ଟରେ ଭାରତୀୟ ଦଳରେ ଅଂଶଗ୍ରହଣ କରି ରୌପ୍ୟ ପଦକ ବିଜେତା ହୋଇ ଥିବାରୁ ସେ ପାଠପଢୁଥିବା ଶ୍ରୀମା ମହିଳା ମହାବିଦ୍ୟାଳୟରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଧନା ଜ୍ଞାପନ କରାଯିବା ସହ କଲେଜ ପକ୍ଷରୁ ତାଙ୍କର ସମସ୍ତ ଫିସ ଛାଡ କରାଯାଇଥିବାର ଜଣାଯାଇଛି । ଆରତୀଙ୍କ ଏହି ସଫଳତାରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନଟବର ଗିରି, କ୍ରୀଡ଼ା ଶିକ୍ଷକ ମିହିର କୁମାର ସଦୁଆଳ, ପ୍ରଶାସନିକ ଅଧିକାରୀ ପ୍ରାଧାପିକା ଗୀତା ଶତପଥୀ, ପ୍ରାଧାପିକା ଡ. ସ୍ମିତା ଭଂଜ , ଅଧାପିକା ମାନସୀ ରାଣୀ ବାରିକ, ପ୍ରଣତୀ ମହାପାତ୍ର, ଦୀପକ କୁମାର ରାଉତ, ସମସ୍ତ ପ୍ରାଧାପକ ପ୍ରାଧାପିକା, କର୍ମଚାରୀ ତଥା ସମସ୍ତ ଛାତ୍ରୀ ତାଙ୍କୁ ଏକ ବର୍ଣ୍ଣାଢ଼ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରକୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟର ଅଧକ୍ଷ ଆରତୀଙ୍କର ସମସ୍ତ ଫି ଛାଡ଼ କରିବାର ଘୋଷଣା କରିଥିଲେ ।

# ଆଜିଠାରୁ ଆଇଟିଆଇ ପଡ଼ିଆରେ ପ୍ରତିଭା ସମ୍ମାନ ସମାରୋହ

ବାଲେଶ୍ୱର, ୧୬/୧୨ (ନି.ପ୍ର): ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ପ୍ରକ୍ଷରୁ ଆସନ୍ତାକାଲି ସଂଧ୍ୟାରୁ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଆରମ୍ଭ ହେବାକୁ ଯାଉଥିବା ଦୁଇଦିନିଆ 'ପ୍ରତିଭା ସମ୍ମାନ ସମାରୋହ'ର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସମାଜସେବୀ ପ୍ରକାଶ ମହାନ୍ତିଙ୍କ ସମେତ ବାଲେଶ୍ୱର ଜିଲାପାଳ ଓ ଏସପି ଅତିଥି ଭାବେ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ପ୍ରଥମ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ଼ ଗାୟିକା ଦୀପ୍ତିରେଖା ପାଢ଼ୀ, ପ୍ରଭୁପଦ ମହାନ୍ତି ଓ ଦ୍ୱିତୀୟ ସଂଧ୍ୟାରେ ବଲିଉଡ଼ ଗାୟିକା ଅରୁଣିତା କାଞ୍ଜିଲାଲ ସଙ୍ଗୀତ ପରିବେଷଣ କରିବେ । ଜନସମାଗମ ନିୟନ୍ତ୍ରଣ ପାଇଁ ସବୁପ୍ରକାର ବ୍ୟବସ୍ଥା ହୋଇଥିବା ବେଳେ ଉତ୍ସବକୁ ସଫଳ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ପାତ୍ର ସମସ୍ତଙ୍କୁ ନିବେଦନ କରିଛନ୍ତି ।

## ୧୧ ଗ୍ରାମର ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ, ୧୬/୧୨ (ନି.ପ୍ର): ଏମଭିଆଇ ଚେକିଂ ଚାଲୁଥିବାବେଳେ ଦୁଇଜଣ ଯୁବକଙ୍କ ଠାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ୍ ୧୧ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି । ଏବଂ ଦୁଇଜଣ ଯୁବକଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଥିବାର ଜଣାପଡିଛି । ସୂଚନା ଅନୁସାରେ ଗତକାଲି ଅପରାହ୍ନ ୪.୫୫ ମିନିଟ୍ ସମୟରେ ୧୬ନଂ ଜାତୀୟ ରାଜପଥ ଗେଲପୁର ଜ୍ୟୋତି କନଭେଣ୍ଟ ସ୍କୁଲ ନିକଟରେ ଏମଭିଆଇ ଚେକିଂ ଚାଲୁଥିବା ସମୟରେ ସନ୍ଦେହ ଅବସ୍ଥାରେ ବାଇକ୍ ଯୋଗେ ଆସୁଥିବା ଦୁଇଜଣ ଯୁବକଙ୍କ ଅଟକାଇ ଯାଞ୍ଚ କରିଥିଲେ । ପୁଲିସ୍ ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୧୧ ଗ୍ରାମର ବ୍ରାଉନସୁଗାର, ପେକିଂ ଖାଲି ପୁଡିଆ, ଦୁଇଟି ମୋବାଇଲ୍ ଫୋନ୍, ଗୋଟିଏ ହିରୋହୋଣ୍ଡା ସିବିଜେଡ୍ ମୋଟର ସାଇକେଲ, ନଗଦ ଏକଶହ ଟଙ୍କା, ଆଡି କାର୍ଡ ଜବତ କରିଛି । ସେମାନେ ଭଦ୍ରକର ବଉଳପୋଖରୀରୁ ବ୍ରାଉନସୁଗାର ନେଇ ପାଣିକୋଇଲି ଯାଉଥିବାର ଜଣାପଡିଥିଲା । ଏବଂ ସେମାନଙ୍କ ନାମରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ କେଶ୍ ନଂ ୬୩୭, ତା ୧୫.୧୨.୨୨ ରିଖ, ଦଫା ୨୧ (ବି) / ୨୯ ଅଫ୍ ଏନ୍‌ଡିପିଏସ୍ ମୂଳେ ମାମଲା ରୁଜୁ ହୋଇଛି । ଧରାପଡିଥିବା ଦୁଇ ଅଭିଯୁକ୍ତ ହେଲେ କଟକ ଜିଲା କାନପୁର ଥାନା ଅଢେଇଗୁଣ୍ଡି ଥାନାର ମୃତ୍ୟୁଞ୍ଜୟ ମହାରଣାଙ୍କ ପୁତ୍ର ଜ୍ଞାନେନ୍ଦ୍ର (୨୭) ଓ ଚୌଦାର ଥାନା ଅଧୀନସ୍ଥ ନୂଆସାହି ନିବାସୀ ସ୍ୱର୍ଗତଃ ଦେବେନ୍ଦ୍ରନାଥ ମିଶ୍ରଙ୍କ ପୁତଅ ସମ୍ବିତ କୁମାର (୩୭) । ଆଜି ସେମାନଙ୍କୁ ଗ୍ରାମାଞ୍ଚଳ ଥାନା ପୁଲିସ୍ କୋର୍ଟ ଚାଲାଣ କରିଥିବାର ଜଣାପଡିଛି ।

# ବନ୍ଦର, ଜାହାଜ ଚଳାଚଳ ବିଭାଗର ସ୍ୱତନ୍ତ୍ର ଅଧିକାରୀଙ୍କ ପାରାଦୀପ ଗସ୍ତ



ପାରାଦୀପ, ୧୬/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ବନ୍ଦର,ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁଧାଂଶୁ ପନ୍ତ ଦିନିକିଆ ପାରାଦୀପ ଗସ୍ତରେ ଆସିଥିଲେ । ଜବାହାର ଅତିଥି ଭବନରେ ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ ଓ ଉପାଧକ୍ଷ ଏ.କେ.ବୋଷ ଶ୍ରୀ ପନ୍ତଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ବନ୍ଦର ୱେଟ୍ ବେସିନ୍‌ଠାରେ ସିଆଏସଏଫ ପକ୍ଷରୁ ଗାର୍ଡ ଅଫ ଅନର୍ ଦିଆଯାଇଥିଲା । ମେରାଇନ୍ ବିଭାଗର ସିଗନାଲ୍ ଷ୍ଟେସନ୍ ପରିସରରେ ବନ୍ଦରର ଆଧୁନିକୀକରଣ ସମ୍ପର୍କରେ ସବିଶେଷ ତଥ୍ୟ ଅନୁଧାନ କରିବା ପରେ ବନ୍ଦର ହାରବର ଅଂଚଳ ବୁଲି ଦେଖିଥିଲେ । ଏହା ପରେ ମହାନଦୀ ମୁହାଣ,ଇଫକୋର ନଦୀଭିତିକ ବନ୍ଦରର ଜେଟୀକୁ ଯାଇ ସେଠାରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ନଦୀଭିତିକ ବନ୍ଦରର ଭିତିଭୂମି ପରିଦର୍ଶନ କରିଥିଲେ । ଅପରାହ୍ନରେ ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲାଂଟର କଂଟ୍ରୋଲ ରୁମ୍‌ର ଉଦଘାଟନ କରିଥିଲେ । ବନ୍ଦର ପ୍ରଶାସନିକ ଭବନର ନୂତନ ବୋର୍ଡ ରୁମ୍ ମନ୍ଥନ ମଂଥନକୁ ଉଦଘାଟନ କରିବା ସହିତ ବନ୍ଦରର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ।

## ମାର୍ଶାଘାଇ ବ୍ଲକ କଳାକାର ଚୟନରେ ଚଂଚକତା ଅଭିଯୋଗ

କେନ୍ଦ୍ରାପଡ଼ା, ୧୬/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକରେ କଳାକାର ଚୟନରେ ଚଂଚକତା ହୋଇଥିବା ନେଇ ବ୍ଲକର କେତେକ କଳାକାର ଜିଲ୍ଲାପଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ବ୍ଲକରେ ହୋଇଥିବା କଳାକାର ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିବା କଳାକାର ଜଣକ ନିଜେ ଚୟନ କର୍ତା ହୋଇ ଅନ୍ୟ କଳାକାର ମାନଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଚୟନ ନକରିବା ଦ୍ୱାରା ଚୟନ ପ୍ରକ୍ରିୟା ସଂପୂର୍ଣ୍ଣ ଦୁର୍ନିତି ଯୁକ୍ତ ହୋଇପଡିଛି । ଏନେଇ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇ ଥିଲେ ମଧ କୌଣସି ସୁଫଳ ନମିଳିବାରୁ ମାର୍ଶାଘାଇ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି । ଅଭୟ କୁମାର ଶତପଥୀ, ପ୍ରତାପ କୁମାର ନାୟକ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

# ରଘୁନାଥପୁର ଶିବମୁନି ଯୋଗାଶ୍ରମରେ ରୂହ୍ୟାଜୀ ମହାରାଜଙ୍କର ୧୧୨ତମ ଜନ୍ମ ଜୟନ୍ତୀ ପାଳନ



ବାଲେଶ୍ୱର, ୧୫/୧୨ (ନି.ପ୍ର): ଶୁକ୍ରବାର ଦିବା ୧୧ ଘଟିକା ସମୟରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ-ରଘୁନାଥପୁର-ଶାଖାରେ, ଶାଖାର ପ୍ରତିଷ୍ଠାତା, ସାଧନା-ସିଦ୍ଧ-ସାଧକ, ବ୍ରହ୍ମଜ୍ଞାନୀ, ଅଲୋକୀକ ପ୍ରତିଭାର ଅଧିକାରୀ, ଦିବ୍ୟଦ୍ରଷ୍ଟା, ମୁନି ଶିରୋମଣି ରୂହକ୍ରାଜୀ ମହାରାଜଙ୍କର୧୧୨ ତମ ଜନ୍ମଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ବହୁ ଦୂର ଦୁରାନ୍ତରୁ , ତାଙ୍କର ଶିଷ୍ୟ-ଶିଷ୍ୟା, ବ୍ରହ୍ମଜ୍ଞାନୀ, ବ୍ରହ୍ମଦର୍ଷି ଆତ୍ମଜ୍ଞାନୀ, ଆତ୍ମଦର୍ଶି, ଯୋଗାଚାର୍ଯ୍ୟ, ଯୋଗୀ, ଯୋଗଶିକ୍ଷୟତ୍ରୀ, ମୁନିରାଜ-ମୁନିରାଜ୍ଞୀ, ମୁନି-ମୁନୀମତୀ, ମୁନିକୁମାର-ମୁନିକୁମାରୀ, ଆତ୍ମଜ୍ଞାନ -ପିପାଷୁ, ଜିଜ୍ଞାଷୁ-ଜନାର୍ଦ୍ଦନ ଶହ ଶହ ସଖ୍ୟାରେ ଯୋଗଦାନ କରି ଜନ୍ମଜୟନ୍ତୀ କୁ ସାଫଲ୍ୟମଣ୍ଡିତ କରିଥିଲେ । ବ୍ରହ୍ମଦର୍ଶ ଗୁରୁମାତା ସୁମିଦେବୀ ସତ୍ୟ ପତାକା ଉତ୍ତୋଳନ କରିଥିଲେ । ହାତିଆଡିହା (ରୂପସା) ଶିବମୁନି ଯୋଗାଶ୍ରମରୁ ଆସିଥିବା, ବରିଷ୍ଠ ଯୋଗ ସାଧକ, ରୂହ୍ୟାଜୀଙ୍କର ପରମଶିଷ୍ୟ, ଯୋଗୀ ପରମାନନ୍ଦ ମୁନି, ସତ୍ୟ ପତାକା ଉତ୍ତୋଳନ ସମୟରେ ଜୟଧ୍ୱନି ପ୍ରଦାନ କରିଥିଲେ । ରୂହ୍ୟାଜୀମହାରାଜଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ତାପରେ ଜ୍ଞାନଯଜ୍ଞ ଆରମ୍ଭ ହୋଇଥିଲା । ବହୁ ଆତ୍ମଜ୍ଞାନୀ ମାନେ, ରୂହ୍ୟାଜୀ ମହାରାଜଙ୍କର, ସାଧନାର ସିଦ୍ଧି, ଅଲୌକୀକ ପ୍ରତିଭା ଉପରେ ଆଲୋକ ପାତ କରିଥିଲେ । ରୂହ୍ୟାଜୀଙ୍କ ଉପରେ ଆଧାରିତ ବହୁ ମୁନି ସଙ୍ଗୀତ ଗାନ କରାଯାଇଥିଲା । ଏପରିକି ଦୀର୍ଘ ତିନି ଚାରି ଘଣ୍ଟା ଧରି ରଘୁନାଥପୁର ଆଶ୍ରମ ଆନନ୍ଦମୁଖର ହୋଇ ଉଠିଥିଲା ।

# ନୀଳଗିରି ମେଡ଼ିକାଲରେ ରୋଗୀ ଚିକିତ୍ସା କେତେ ସୁରକ୍ଷିତ ?



ନୀଳଗିରି, ୧୬/୧୨ (ନି.ପ୍ର): ନୀଳଗିରି ଉପଖଣ୍ଡ ମେଡିକାଲ ଉପରେ ନୀଳଗିରି ଉପଖଣ୍ଡ ସମେତ ପାଖ ପଡ଼ୋଶୀ ଜିଲ୍ଲାର ରୋଗୀମାନେ ନିର୍ଭର କରିଆସୁଥିବା ବେଳେ ହେଲେ ଏଠାକାର କର୍ମଚରୀ, ଫାର୍ମାସିଷ୍ଟମାନଙ୍କର ଅପାରଦର୍ଶିତା ଯୋଗୁଁ ଏଠିକି ଆସୁଥିବା ରୋଗୀମାନେ କେତେ ଯେ ସୁରକ୍ଷିତ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରୁ ଜଣାପଡ଼ିଛି । ଏକ ନାବାଳକକୁ ଟି.ଟି. ଇଂଜେକସନ ଡାକ୍ତର ଲେଖିଥିବା ବେଳେ ଫାର୍ମାସିଷ୍ଟ ଜଣକ କୁକୁର କାମୁଡ଼ା ଇଂଜେକସନ ଦେବା ପ୍ରସଙ୍ଗ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ଛୋଟକାନପୁର ଗ୍ରାମର ଗଣେଶ୍ୱର ସେଠୀଙ୍କରର ନାବାଳକ ପୁଅ ଅସାବଧାନବଶତଃ ଆଙ୍ଗୁଳି କାଟିଦେବା ଯୋଗୁଁ ତାର ବାପା ଶୁକ୍ରବାର ସକାଳେ ପୁଅକୁ ଧରି ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ । ଡ୍ୟୁଟିରେ ଥିବା ଡାକ୍ତର ଏକ ଟିଟି ଇଂଜେକସନ ଦେବା ପାଇଁ ପ୍ରେସକ୍ରାଇବ କରିଥିବା ବେଳେ ଡ୍ୟୁଟିରେ ଥିବା ଫାର୍ମାସିଷ୍ଟ ଜଣକ ଟିଟି ଇଂଜେକସନ ଦେବା ବଦଳରେ କୁକୁର କାମୁଡ଼ା ଇଂଜେକସନ ନାବାଳକକୁ ଦେଇଥିଲେ । ଏହା ଦେଖି ନାବାଳକରର ବାପା ଟିଟି ବଦଳରେ ଆପଣ କ'ଣ ପାଇଁ କୁକୁର କାମୁଡ଼ା ଇଂଜେକସନ ଦେଲେ ବୋଲି କହିବାରୁ ଫାର୍ମାସିଷ୍ଟ ଜଣକ ଆବାକ ହୋଇ ଯାଇଥିବା ବେଳେ ପାଖରେ ଥିବା ସହଯୋଗୀ ଜଣକ ନାବାଳକର ବାପାଙ୍କ ହାତରୁ ଟିକେଟ ଛଡ଼ାଇ ନେଇ ଅନ୍ୟ ଏକ ଟିକେଟ କରି ସେଠାରେ କୁକୁର କାମୁଡ଼ା ଇଂଜେକସନ ପ୍ରେସକ୍ରାଇବ କରାଇ ବାପାଙ୍କୁ ଧରାଇ ଦେଇଥିଲେ । ଉକ୍ତ ଘଟଣା ପ୍ରଘଟ ହେବା ପରେ ମେଡିକାଲ ପରିସରରେ ଉତେଜନା ଲାଗି ରହିଥିଲା । ଟିଟି ବଦଳରେ କୁକୁର କାମୁଡ଼ା ଇଂଜେକସନ ଦେବା ପୁଣି ଜଣେ ନାବାଳକକୁ କେତେଦୂର ଯଥାର୍ଥ ତାହା ତଦନ୍ତ ସାପକ୍ଷେ ବୋଲି ସାଧାରଣରେ ଦାବୀ ହୋଇଛି । ନାବାଳକର ବାପା ଏ ନେଇ ନୀଳଗିରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଏ ବାବଦରେ ବାଲେଶ୍ୱର ସି.ଡି.ଏମ.ଓ. ଙ୍କୁ ଲିଖିତ ଭାବେ ଜଣାଇବେ ବୋଲି ସୂଚନା ଦେଇଛନ୍ତି । ମେଡିକାଲ କର୍ତୃପକ୍ଷ ଫାର୍ମସିଷ୍ଟ ବିରୁଦ୍ଧରେ କି ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା ।

# ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ୬୭ ଲକ୍ଷ ଉନ୍ନତ ମାନର ଆଙ୍ଗୁଳିକା ଯାଆଁଳ ଛଡାଯିବ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ନଦୀରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ଛାଡ଼ିବା ଦ୍ୱାରା ନଦୀରେ ଜୈବବିବିଧତାର ସୁରକ୍ଷା ସହ ପ୍ରାକୃତିକ ପ୍ରଜନନ ମାଧ୍ୟମରେ ନଦୀଗୁଡ଼ିକରେ ମାଛ ବଂଶ ବୃଦ୍ଧି କରାଯାଇପାରିବ । ଉନ୍ନତ ଆଙ୍ଗୁଳିକା ଯାଆଁଳ ନିୟମିତ ନଦୀରେ ଛାଡ଼ିବା ଦ୍ୱାରା ମାଛ ଉତ୍ପାଦନ ଓ ଉତ୍ପାଦନ ହାର ବୃଦ୍ଧି ପାଇବ । ଏହା ଦ୍ୱାରା ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ ଓ ନୂତନ ନିଯୁକ୍ତି ସୃଷ୍ଟି କରାଯାଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଶୁକ୍ରବାର ମହାନଦୀର ମୁଣ୍ଡଳୀ ନିକଟସ୍ଥ କଟକିଆ ସାହି ଗ୍ରାମ ପଂଚାୟତ ନିକଟରେ ମତ୍ସ୍ୟସଂପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ନଦୀରେ ଉନ୍ନତ ମାଛ ଯାଆଁଳ ଛଡ଼ାଯିବା କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ମହାନଦୀରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ୮୦ ମିଲିମିଟରରୁ ୧୦୦ ମିଲିମିଟର ବିଶିଷ୍ଟ ଉନ୍ନତ ମାନର ରୋହି, ଭାକୁର, ମିରିକାଳି ଓ କଳାବଇଁଶୀ ସହିତ ଅନ୍ୟ ମାଇନର କାର୍ପ ପ୍ରଜାତି ଯାଆଁଳ ମୁଖ୍ୟସ୍ରୋତରେ ଛାଡ଼ିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଭାଗ ପକ୍ଷରୁ ନଦୀରେ ମତ୍ସ୍ୟସଂପଦ ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ମାଛ ଯାଆଁଳ ଛାଡ଼ିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । ଏହା ଦ୍ୱାରା ମହାନଦୀର ଉତ୍କୃଷ୍ଟ ମତ୍ସ୍ୟସଂପଦର ସୁରକ୍ଷା ଓ ଏହା ଉପରେ ନିର୍ଭରଶୀଳ ୨୭୩ଟି ପ୍ରାଥମିକ ମତ୍ସ୍ୟଜୀବୀ ସମିତିର ପ୍ରାୟ ୪୨ ହଜାର ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ସୁରକ୍ଷିତ କରାଯାଇପାରିବ । ଏହା ଦ୍ୱାରା ଲୋକମାନଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବା ସହ ପୁଷ୍ଟିକର ଖାଦ୍ୟ ଉପଲବ୍ଧ କରାଯାଇପାରିବ ଏବଂ ମାଛର ଆଭ୍ୟନ୍ତରୀୟ ଚାହିଦା ପୂରଣ ସହିତ ରପ୍ତାନୀ ବୃଦ୍ଧି ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା ମତ୍ସ୍ୟ ସମବାୟ ବିକାଶ ନିଗମ ଦ୍ୱାରା ସମୁଦାୟ ୮ ଲକ୍ଷ ୫୦ ହଜାର ଉନ୍ନତ ମାନର ରୋହି, ଭାକୁର ଏବଂ ମିରିକାଳିର ଆଙ୍ଗୁଳିକା ଯାଆଁଳ ନଦୀରେ ଛଡ଼ାଯାଇଥିଲା । ଏହି ବର୍ଷ ରାଜ୍ୟର ଋଷିକୂଲ୍ୟା, ବୈତରଣୀ, ବ୍ରାହ୍ମଣୀ ଓ ମହାନଦୀ ଆଦି ନଦୀରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ପ୍ରାୟ ୬୭ ଲକ୍ଷ ଉନ୍ନତ ମାନର ଆଙ୍ଗୁଳିକା ଯାଆଁଳ ଛାଡ଼ିବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗଦେଇ ନଦୀରେ ଉନ୍ନତ ମାଛ ଯାଆଁଳ ଛାଡ଼ିବାର ଆବଶ୍ୟକତା ଓ ଉପକାରିତା ସଂପର୍କରେ ଆଲୋଚନା କରିଥିଲେ । ଏହା ଦ୍ୱାରା ନଦୀରେ ମାଛବଂଶ ଲୋପର ନିରାକରଣ ସହ ପ୍ରାକୃତିକ ଜଳସଂପଦର ଦୀର୍ଘସ୍ଥାୟୀ ସୁରକ୍ଷା କରିହେବ । ଏହି କାର୍ଯ୍ୟକ୍ରମ ଦ୍ୱାରା ନଦୀ ସୁରକ୍ଷା, ଜୈବବିବିଧତା ରକ୍ଷା ଉପରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ସଚିବ ଶ୍ରୀ ବଶିଷ୍ଠ କହିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କଟକିଆ ସାହି ଗ୍ରାମ ପଂଚାୟତର ଚାରିଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପଂଚାୟତ ପୋଖରୀରେ ମାଛଚାଷ କରିଥିବାରୁ ରିହାତି ରାଶି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କଟକର ଅତିରିକ୍ତ ଜିଲ୍ଲାପାଳପୂର୍ଣ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ଶଶିକାନ୍ତ ଆଚାର୍ଯ୍ୟ, ମତ୍ସ୍ୟ ଉପନିର୍ଦ୍ଦେଶକ ସୀମାଂଚଳ ବେହେରା, ଓଡ଼ିଶା ମତ୍ସ୍ୟ ସମବାୟ ବିକାଶ ନିଗମର କାର୍ଯ୍ୟକାରୀ ଅଧିକାରୀ ସୁବ୍ରତ କୁମାର ଦାସ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀମତୀ ଇତିଶ୍ରୀ ରଥ, କଟକିଆ ସାହି ଗ୍ରାମ ପଂଚାୟତ ସରପଂଚ ଶ୍ରୀମତୀ ମାନସୀ ରାଉତ, ସମିତି ସଭ୍ୟା ଶ୍ରୀମତୀ ପ୍ରତିମା ପ୍ରଧାନଙ୍କ ସମେତ ନାରାୟଣ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମା ମଙ୍ଗଳା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ଦାସପୁର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, କଟକିଆ ସାହି ଗ୍ରାମ ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ବହୁ ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀ କୁଳ ଯୋଗଦେଇଥିଲେ ।

# ହାଇକୋର୍ଟ ବେଂଚ ପ୍ରସଙ୍ଗ, ରାଜ୍ୟ ସରକାର ଦାୟୀ : ନରସିଂହ ମିଶ୍ର

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ହାଇକୋର୍ଟ ହେବ ନା ନାହିଁ ସେ ନିଷ୍ପତି ରାଜ୍ୟ ସରକାରଙ୍କର । ରାଜ୍ୟ ସରକାର ନିଷ୍ପତି ନେଇ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବେ । ତା'ପରେ କେନ୍ଦ୍ର ସରକାର ଆଇନ ଆଣିବେ । ସଂସଦରେ ବିଲ୍ ପାସ ନ ହେବା ଯାଏ ସୁପ୍ରିମକୋର୍ଟଙ୍କର ସ୍ଥାୟୀ ବେଂଚ ପ୍ରତିଷ୍ଠା କ୍ଷମତା ନାହିଁ ବୋଲି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ୍ ସ୍ଥାପନ ଦାବି ଉପରେ ପ୍ରତିକ୍ରିୟା ରଖି କହିଛନ୍ତି କଂଗ୍ରେସର ବରିଷ୍ଠ ବିଧାୟକ ନରସିଂହ ମିଶ୍ର । ରାଜ୍ୟ ସରକାର ସବୁବେଳେ କହୁଛନ୍ତି, ଆମେ ପ୍ରସ୍ତାବ ଦେଉଛୁ । କିନ୍ତୁ କେଉଁ ଜାଗାରେ ସ୍ଥାୟୀ ବେଂଚ ହେବ ସେ କଥା ରାଜ୍ୟ ସରକାର ଲେଖୁନାହାନ୍ତି । ଅତଏବ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ । ଯେଉଁ ପରିସ୍ଥିତି ସମ୍ବଲପୁରରେ ସୃଷ୍ଟି ହେଲା ସେଥିପାଇଁ ରାଜ୍ୟ ସରକାର ଦାୟୀ । ଅନ୍ୟପକ୍ଷରେ କେନ୍ଦ୍ର ସରକାର କାହିଁକି ଶୋଇଛନ୍ତି ? ମୁଖ୍ୟମନ୍ତ୍ରୀଙ୍କୁ ସାଂସଦମାନେ ଚିଠି ଲେଖିବା ଅପେକ୍ଷା ଭଲ ହୋଇଥାନ୍ତା ଯଦି କେନ୍ଦ୍ର ସରକାର ଲେଖିଥାନ୍ତେ । ପଶ୍ଚିମ ଓଡ଼ିଶାର ସବୁ ସାଂସଦ, ବିଧାୟକ ଚାପ ପ୍ରୟୋଗ କରିବା ଉଚିତ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଂଚ୍ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଆଇନ୍‌ଜୀବୀଙ୍କ ଆନ୍ଦୋଳନ ସୋମବାର ହିଂସାତ୍ମକ ରୂପ ନେଇଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ ଆଇନଜୀବୀମାନେ କୋର୍ଟ ପରିସରରେ ପଶି ଭଙ୍ଗାରୁଜା କରିବା ସହ ଜିଲ୍ଲା ଜଜଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଏହି ମାମଲାରେ ବର୍ତମାନ ସୁଦ୍ଧା ୩୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଗିରଫ ହୋଇସାରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo